


ଫେରିଲେ ବୁମରା
ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 16 | ଭାଗ ୩୩ | ସଂଖ୍ୟା ୧୬
Bhubaneswar | Monday 7 April 2025 | Page 8 Rs. 4.00
ଭୁବନେଶ୍ୱର ସୋମବାର ୭ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା






ପବିତ୍ର ରାମନବମୀରେ ରାମ ମନ୍ଦିରରେ ଠାକୁରଙ୍କ ଆକର୍ଷଣୀୟ ବେଶ

### ପମ୍ବନ ବ୍ରିଜ୍‌ର ଉଦ୍‌ଘାଟନ କଲେ ମୋଦି

## ଦେଶର ପ୍ରଥମ ଭର୍ଟିକାଲ ଲିଫ୍ଟ ସମୁଦ୍ର ସେତୁ



**ନୂଆଦିଲ୍ଲୀ,୬।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅର୍ଥାତ୍ ରାମନବମୀର ଅବସରରେ ତାମିଲନାଡୁର ରାମେଶ୍ୱରମରେ ଐତିହାସିକ ନୂତନ ପାମ୍ବନ ସେତୁ ଉଦ୍‌ଘାଟନ କରିଛନ୍ତି। ଏହି ସେତୁ ହେଉଛି ଭାରତର ପ୍ରଥମ ଭୂଲମ୍ବ ଲିଫ୍ଟ ସମୁଦ୍ର ସେତୁ, ଯାହା ସମୁଦ୍ର ଉପରେ ନିର୍ମିତ। ଏହି ସେତୁ ଦ୍ୱାରା ସମୁଦ୍ର ଯାତାୟାତରେ ଉନ୍ନତି ହେବ ଏବଂ ଲୋକମାନେ ଯାତ୍ରା କରିବା ମଧ ସହଜ ହେବ। ଏହି ନୂତନ ସେତୁ ଉଦ୍‌ଘାଟିତ ହେବା ପରେ ଉକ୍ତ ସେତୁ ଦେଇ ରାମେଶ୍ୱରମ୍-ତମ୍ବରମ୍ (ଚେନ୍ନାଇ) ଟ୍ରେନ୍ ଚଳାଚଳ କରିଛି। ଏହା ଦେଶର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ସମୁଦ୍ର ସେତୁ ହୋଇଥିବା ବେଳେ ଏହା କୌଣସି ଜାହାଜ ଅତିକ୍ରମ କରିବା ସକାଶେ ୧୭ ମିଟର ପର୍ଯ୍ୟନ୍ତ ଉପରକୁ ଉଠିପାରିବ। ଏହି ନୂଆ ବ୍ରିଜ୍‌ର ଲମ୍ବ ୭୨.୫ ମିଟର। ଏହା ୧୯୧୪ରେ ପ୍ରତିଷ୍ଠା ହୋଇଥିବା ସେତୁର ସ୍ଥାନ ନେଇଛି।

ଏହି ନୂତନ ପମ୍ବନ ସେତୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିର୍ମାଣ କରାଯାଇଛି। ଏହି ସେତୁର ବିଶେଷତ୍ୱ ହେଉଛି ଏହା ଭୂଲମ୍ବ ଲିଫ୍ଟ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ, ଯାହାକୁ ବଡ଼ ଜାହାଜ ସମୁଦ୍ର ଦେଇ ଯିବା ସମୟରେ ଉପରକୁ ଉଠାଇହେବ। ଏହା କେବଳ ତାମିଲନାଡୁରେ ଯାତ୍ରାକୁ ସହଜ କରିବ ନାହିଁ ବରଂ ବ୍ୟବସାୟିକ କାର୍ଯ୍ୟକଳାପକୁ ମଧ ବୃଦ୍ଧି କରିବ। ଏହି ନୂଆ ସେତୁ ୧୧୦ ବର୍ଷର ପୁରୁଣା ସେତୁର ସ୍ଥାନ ନେଇଛି। ସେହିପରି ଏହି ସେତୁ କୌଣସି ପ୍ରକାର ପ୍ରାକୃତିକ ଦୁର୍ବିପାକର ମୁକାବିଲା କରିପାରିବ ବୋଲି କୁହାଯାଇଛି। ଏପରିକି ଏହା ୨୦୦ କିମି ଘଣ୍ଟା ପ୍ରତି ଅଧିକ ବେଗର ପବନରେ ମଧ ପ୍ରଭାବିତ ହେବ ନାହିଁ ବୋଲି ସେତୁ ନିର୍ମାଣ ଦାୟିତ୍ୱ ନେଇଥିବା ରେଳ ବିକାଶ ନିଗମ ଲିମିଟେଡ୍ ପକ୍ଷରୁ କୁହାଯାଇଛି। ଏହି ସେତୁ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ରାମନବମୀର ପବିତ୍ର ଅବସରରେ ଏହି ଦୁଇଟି ପ୍ରକଳ୍ପ ଦେଶବାସୀଙ୍କ ପାଇଁ ଏକ ଉପହାର।

ଏହି ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହି ସେତୁ ଏବଂ ଟ୍ରେନ ସେବା କେବଳ ତାମିଲନାଡୁ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ବିକାଶର ନୂତନ ପଥ ଖୋଲିବ। ଏହି ପ୍ରକଳ୍ପଗୁଡ଼ିକ ସମଗ୍ର ଅଞ୍ଚଳରେ ପର୍ଯ୍ୟଟନ ଏବଂ ବ୍ୟବସାୟକୁ ବୃଦ୍ଧି କରିବ, ଏବଂ ସ୍ଥାନୀୟ ଲୋକଙ୍କୁ ମଧ ଲାଭ ଦେବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ନୂତନ ପମ୍ବନ ସେତୁ ଏବଂ ନୂତନ ଟ୍ରେନ ସେବା ଭଳି ପ୍ରକଳ୍ପଗୁଡ଼ିକ ଭାରତୀୟ ପୃଷ୍ଠା-୬

## ପୂର୍ବୋଦୟ ଭିଜନର ପୁରୋଧା ସାଜିଛନ୍ତି ମୋହନ



- ପ୍ରମୁଖ ଶିଳ୍ପ ସଂସ୍ଥା ସହ ହେବ ଏମଓୟୁ
- ବହୁରାଷ୍ଟ୍ରୀୟ ନିବେଶକାରୀଙ୍କ ସହ ୱାନ୍ ଟୁ ୱାନ୍
- ଏଚ୍‌ଏଲ୍‌ସି ଟେକ୍ କ୍ୟାମ୍ପସ ବୁଲିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ଓଡିଶାର ଶିଳ୍ପାୟନ ପ୍ରକ୍ରିୟାକୁ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏଠାରେ ରାଜ୍ୟ ସରକାର ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ (ଆଇଓସିଏଲ), ପେଟ୍ରୋନେଟ ଏଲଏନଜି ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ ସମେତ ପ୍ରମୁଖ ଉଦ୍ୟୋଗ ସହିତ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଶିଳ୍ପାୟନର ପ୍ରକ୍ରିୟା କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ଭିଜନରେ ଓଡିଶା ଏକ ପ୍ରମୁଖ ଅଂଶୀଦାର ହେବାକୁ ଯାଉଛି।

ନୂଆଦିଲ୍ଲୀରେ ଏକ ଦୁଇଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅଂଶୀଦାର ଓ ପୁଞ୍ଜିନିବେଶକାରୀଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନାରେ ଯୋଗଦେବେ। ସେ ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟର ଦୃଷ୍ଟିକୋଣକୁ ରୂପରେଖ ଦେବେ, ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ରମୁଖ ସଂସ୍କାର ଓ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିବେ। ଏହି ଗସ୍ତକାଳରେ ସେ କିଛି ଗୁରୁତ୍ୱପୂର୍ଣ୍ଣ ଶିଳ୍ପାନୁଷ୍ଠାନ ସହ ଚୁକ୍ତି କରିବାର କାର୍ଯ୍ୟକ୍ରମ ରହିଛି, ଯାହାଦ୍ୱାରା ଓଡିଶାକୁ ଅଧିକ ପୁଞ୍ଜି ଆସିବା ସହ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

ଆଇଓସିଏଲ, ପେଟ୍ରୋନେଟ ଏଲଏନଜି ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ ସମେତ ପ୍ରମୁଖ ଉଦ୍ୟୋଗ ସହିତ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିବେ ମୁଖ୍ୟମନ୍ତ୍ରୀ। ଏହାଦ୍ୱାରା ପେଟ୍ରୋକେମିକାଲ ଓ ରାସାୟନିକ ଶିଳ୍ପରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ହେବ। ଏଥିସହିତ ଦେଶର ଯୋଜନାବଦ୍ଧ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ନେବ। ଏହି ବୁଝାମଣାପତ୍ରର ଲକ୍ଷ୍ୟ ପୃଷ୍ଠା-୬

### ବିଜେପି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

## କାର୍ଯ୍ୟକର୍ତ୍ତାଙ୍କ ସଂଘର୍ଷ ଓ ପରିଶ୍ରମକୁ ପ୍ରଣାମ



**ରେଢାଖୋଲ,୬।୪(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲା ରେଢାଖୋଲ ସାହସପୁରଠାରେ ବିଜେପିର ପ୍ରତିଷ୍ଠା ଦିବସରେ ଯୋଗଦେଇ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାର ନାଗରିକଙ୍କ ସେବା କରିବା ପାଇଁ ସଂକଳ୍ପ କରିବା ସକାଶେ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସାହସପୁରଠାରେ ଦଳୀୟ ପଦଯାତ୍ରାରେ ସାମିଲ ହେବା ସହ କାର୍ଯ୍ୟକର୍ତ୍ତାଙ୍କ ଘରେ ବିଜେପି ପତାକା ଲଗାଇଛନ୍ତି।

ଏହି ଅବସରେ ରାମ ନବମୀର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଦିନ ଆମର କାର୍ଯ୍ୟକର୍ତ୍ତାଙ୍କ ସଂଘର୍ଷ, ପରିଶ୍ରମ ଓ ତପସ୍ୟାକୁ କୃତଜ୍ଞତା ଜଣାଇବାର ଅବସର। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଓ ସଂଗଠନର ସେବାକୁ ଜୀବନର ଉଦ୍ଦେଶ୍ୟ କରିଥିବା କାର୍ଯ୍ୟକର୍ତ୍ତାଙ୍କୁ ମୋର ପ୍ରଣାମ। ଆଜି ଯଦି ବିଜେପି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ ହୋଇଛି, ତେବେ ଏହା ନିର୍ବାଚନ ସଫଳତା ପାଇଁ ନୁହେଁ, ବରଂ କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠାପର ଉଦ୍ୟମ ପାଇଁ ସମ୍ଭବପର ହୋଇପାରିଛି। ଗାଁ, ସାହି ଓ ତୃଣମୂଳ ସ୍ତରରେ ବିଜେପିକୁ ଘରେ ଘରେ ପହଞ୍ଚାଇବାରେ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ଅତୁଳନୀୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଆଜି ଗରିବ, ଚାଷୀ, ମହିଳା, ଯୁବବର୍ଗ ସମେତ ସମାଜର ପ୍ରତିଟି ବର୍ଗର କଲ୍ୟାଣକୁ ସୁନିଶ୍ଚିତ କରି 'ବିକଶିତ ଭାରତ'ର ନିର୍ମାଣରେ ନିଜର ଅମୂଲ୍ୟ ଯୋଗଦାନ ଦେଉଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମ ଦଳର କାର୍ଯ୍ୟକର୍ତ୍ତାଙ୍କ ପରିଶ୍ରମ ଓ ଜନଆଶୀର୍ବାଦ ବଳରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ବିଗତ ୧୦ ମାସରେ ସମ୍ବଲପୁର ସମେତ ସମଗ୍ର ରାଜ୍ୟରେ ପୃଷ୍ଠା-୬

## ମୌକା ଦେଖି ରାଗ ଶୁଝାଉଛନ୍ତି ହାରୁ ନେତା






### ନବୀନଙ୍କ ସ୍କାନରରେ ଦଳବିରୋଧୀ
### ସୁପ୍ରିମୋଙ୍କ ନିରବତା ଉପରେ ନଜର

**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** କଥାରେ ଅଛି ନଈଁ ପଡିଥିବ ଯେତିକିବେଳେ ବିଧାଏ ମାରିବ ସେତିକିବେଳେ। ଏଇ କଥାଟି ଏବେ ବିଜେଡିର କିଛି ନେତାଙ୍କ କ୍ଷେତ୍ରରେ ବେଶ ପ୍ରଯୁଜ୍ୟ ହୋଇଛି। ଗତ ସାଧାରଣ ନିର୍ବାଚନରେ ବିଜେଡି ହାରିଯିବା ପରେ ସବୁ ନେତା ସୁଯୋଗ ଅପେକ୍ଷାରେ ଥିଲେ କେତେବେଳେ ସଭାପତି ଓ ତାଙ୍କ ପରାମର୍ଶଦାତାଙ୍କୁ କଥା କଥାକେ ଆକ୍ଷେପ କରିବେ। ୱାକଫ ବିଲକୁ ନେଇ ସବୁ ହାରୁ ଓ ପ୍ରତ୍ୟାଖ୍ୟାତ ନେତା ଏବେ ନବୀନ ପଟ୍ଟନାୟକ ଓ ତାଙ୍କ ପରାମର୍ଶଦାତା ଭି.କେ. ପାଣ୍ଡିଆନଙ୍କୁ ଷଣ୍ଢଆସୀ ଆକ୍ରମଣ କରିବା ଆରମ୍ଭ କରିଦେଇଛନ୍ତି। ଦଳରେ ଏହାକୁ ନେଇ ଅସନ୍ତୋଷ ବଢୁଥିବା ବେଳେ ନବୀନଙ୍କ ଅସମ୍ଭବ ନିରବତା ପୃଷ୍ଠା-୬

### ରାଷ୍ଟ୍ରପତି ଦେଲେ ମଞ୍ଜୁରୀ

## ଆଇନରେ ପରିଣତ ହେଲା ୱାକଫ୍ ବିଲ୍




**ନୂଆଦିଲ୍ଲୀ,୬।୪:** ଶେଷରେ ଆଇନ୍‌ରେ ପରିଣତ ହୋଇଛି ୱାକଫ୍ ସଂଶୋଧିତ ବିଲ୍। ସଂସଦର ଉଭୟ ଗୃହରେ ବିଲ୍‌ଟି ଅନୁମୋଦିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହାକୁ ମଞ୍ଜୁରୀ ଦେଇଛନ୍ତି। ତେବେ ୧୯୯୫ର ୱାକଫ ସମ୍ପତ୍ତି ପରିଚାଳନା ଆଇନରେ ସଂଶୋଧନ ପାଇଁ ଅଣାଯାଇଥିବା ଏହି ବିଲ୍‌କୁ ବିରୋଧୀ ଦଳଗୁଡ଼ିକ ବିରୋଧ କରିଆସୁଛନ୍ତି। ଏଆଇଏମ୍‌ଆଇଏମ୍ ନେତା ଅସଦୁଦ୍ଦିନ ଓୱେସୀ ଏହି ବିବାଦୀୟ ପୃଷ୍ଠା-୬

### କମ୍ପାନୀଙ୍କୁ ମନ୍ତ୍ରୀଙ୍କ ଛାଟ

## କାମ ନ ସାରିଲେ ଟ୍ୟାଙ୍କରରେ ଦେବେ ପାଣି


ଅଭିଯୋଗ ପାଇଁ ଖୁବଶୀଘ୍ର ଟୋଲଫ୍ରି ନମ୍ବର

**ସମ୍ବଲପୁର,୬।୪(ସଂଚାର ବ୍ୟୁରୋ):** ରାଜ୍ୟରେ ଖରାର ପ୍ରକୋପ ଜାରି ରହିଥିବା ବେଳେ ଅନେକ ସ୍ଥାନରେ ପାଣି ସମସ୍ୟା ସହ ଲୋକେ ଜୁଝୁଛନ୍ତି। କେଉଁଠି ପାନୀୟ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସରିନି ତ ଆଉ କେଉଁଠି ପ୍ରକଳ୍ପ ସରିଥିଲେ ବି ପାଇପ୍ ପଡ଼ି ନଥିବାରୁ ମିଳୁନି ପାଣି। ଖରାରେ ଲୋକେ ପାଣି ପାଇଁ ଛଟପଟ ହେଉଥିବା ବେଳେ କାମ ଠକିଥିବା କମ୍ପାନୀଙ୍କୁ ବାଜିଛି ମନ୍ତ୍ରୀଙ୍କ ଛାଟ। ପାନୀୟ ଜଳ ପ୍ରକଳ୍ପ କାମ ନେଇଥିବା କମ୍ପାନୀ ଧାର୍ଯ୍ୟ ସମୟରେ କାମ ସାରି ନଥିଲେ ଲୋକଙ୍କୁ ଟ୍ୟାଙ୍କରରେ ପିଇବା ପାଣି ଯୋଗାଇବେ। ପାନୀୟ ଜଳ ଓ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ଏପରି ଭାବେ କମ୍ପାନୀମାନଙ୍କୁ ତାଗିଦ୍ କରିଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପ ଓ ସୋଲାର ପାନୀୟ ଜଳ ପ୍ରକଳ୍ପ ସାରି ନଥିବା କମ୍ପାନୀମାନଙ୍କୁ ମନ୍ତ୍ରୀ ତାଗିଦ୍ କରି କହିଛନ୍ତି, ଯେଉଁଠି ପ୍ରକଳ୍ପ ଧାର୍ଯ୍ୟ ସମୟରେ ସରିନି, ସେଠାରେ ଟ୍ୟାଙ୍କରରେ ପାନୀୟ ଜଳ ଦେବେ କାମ ନେଇଥିବା କମ୍ପାନୀ ।

ସମସ୍ତଙ୍କ ପାଖରେ ପାନୀୟ ଜଳ ପହଞ୍ଚାଇବା ପାଇଁ ଏଭଳି ବିଭାଗୀୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପାନୀୟ ଜଳ ସମସ୍ୟାକୁ ପୃଷ୍ଠା-୬

## କଳାହୀରା ଚୋରିରେ ଚେତିଲା ପ୍ରଶାସନ

- ତତ୍କାଳୀନ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ
- ହେମଗିରି ଥାନାରେ ଏତଲା ଦେଲା ଜିଲ୍ଲା ପ୍ରଶାସନ
- ଲୁଟେରାଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କ ଚେତାବନୀ
- ବିଚାର ବିଭାଗୀୟ ତଦନ୍ତ ଦାବି କଲା କଂଗ୍ରେସ



**ସୁନ୍ଦରଗଡ଼,୬।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ତେଲେନଡ଼ିହି ଖଣି ଚୋରି ଘଟଣାରେ ନୂଆ ମୋଡ଼। ତତ୍କାଳୀନ ହେମଗିରି ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କଲେ ଜିଲ୍ଲାପାଳ। ସେପଟେ ଏହି ଘଟଣାରେ କଂଗ୍ରେସ ଓ ତଥ୍ୟ ଅନୁସନ୍ଧାନକାରୀ ଟିମ ଗଠନ କରିଥିବା ବେଳେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଲୁଟେରାଙ୍କୁ ନାଲିଆଖି ଦେଖାଇଛନ୍ତି।

ଗତ ଦୁଇ ଦିନ ହେଲା ସୁନ୍ଦରଗଡ କୋଇଲା ଖଣି ଲୁଟ ଘଟଣାକୁ ନେଇ ଗଣମାଧ୍ୟମରେ ତନାଘନା ଚାଲିଥିବା ବେଳେ ଆଜି ହସ୍ତକ୍ଷେପ କରିଛି ଜିଲ୍ଲା ପ୍ରଶାସନ। ତତ୍କାଳୀନ ହେମଗିରି ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କଲେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ । ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜାଣିଶୁଣି ଖଣି ଚୋରିର ତଥ୍ୟ ଲୁଚାଇବା ଓ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇବା କି ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଭଳି ସାଙ୍ଘାତିକ ଅଭିଯୋଗର ଉପରେ ରିପୋର୍ଟ ତଲବ କରିଛନ୍ତି ଜିଲ୍ଲାପାଳ। ପୂର୍ବତନ ତହସିଲଦାରଙ୍କ ଭୁଲ ପାଇଁ ସରକାରଙ୍କ ବହୁ ରାଜସ୍ୱ ହାନି ହେବା ସହ କୋଇଲା ଚୋରି ହୋଇଛି। ତାଙ୍କ ବିରୁଦ୍ଧରେ କାହିଁକି ରୁଲ-୧୫ ପୃଷ୍ଠା-୬



### କାନ ଡେରିଥା

ସସ୍ମିତ କେବଳ ଭିଲେନ ନୁହନ୍ତି
ଭିଲେନ ଏଇଠି ପାଣ୍ଡୁ
ଗେଣ୍ଡା ଦଳକୁ ସେ ଭାଙ୍ଗିଦେଇ
ଯିବେ
ଖେଳି ରାଜନୀତି ପେଣ୍ଡୁ
କରିଦେବେ ପୁରା ଗାଣ୍ଡୁ...
ଦଳଟା ହେଲାଣି ଦୁଇ ଫାଳ
ଏବେ
ନେତା ଖାଇଯିବେ କେନ୍ଦୁ ।

■ ଦେବାଶିଷ

# ୱାକଫ୍ ପାଇଁ ଧୋଇଗଲା ବିଜେଡି ପରିଶ୍ରମ



- ପାଣିରେ ପଡ଼ିଲା ରାତି ଅନିଦ୍ରା ଖଟଣି
- କାହାକୁ ଦୋଷଦେବେ ଜାଣିପାରୁନାହାନ୍ତି ବିଧାୟକ

**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ରାଜ୍ୟସଭାରେ ୱାକଫ୍ ବିଲ୍‌କୁ ସମର୍ଥନ ନେଇ ବିଜେଡିରେ ଘମାସାନ ଚାଲିଥିବା ବେଳେ ବିଧାନସଭାରେ ବିଜେଡି ନେତାମାନେ କରିଥିବା ପରିଶ୍ରମ ବି ଧୋଇଯାଇଛି। ରାତି ଅନିଦ୍ରା ହୋଇ ବିଜେପିକୁ ଟକ୍କର ଦେଇ ସଫଳତା ସାଉଁଟିବା ବେଳକୁ ୱାକଫ୍ ଝଡ଼ରେ ତାହା ହାତଛଡା ହୋଇଛି। ଏଥିପାଇଁ ବିଧାନସଭାରେ ରାତି ଅନିଦ୍ରା ହୋଇ ଖଟିଥିବା ବିଧାୟକମାନେ କାହାକୁ ଦୋଷଦେବେ ତାହା ଜାଣିପାରୁନାହାନ୍ତି।

ଯେଉଁଦିନ ରାଜ୍ୟସଭାରେ ୱାକଫ୍ ବିଲ୍ ଆସିଲା ଠିକ ତାର ପୂର୍ବଦିନ ଓଡିଶା ବିଧାନସଭାରେ ଉଚ୍ଚଶିକ୍ଷା ସଂଶୋଧନ ବିଲ୍ ଆସିଥିଲା । ଏହି ବିଲ୍ ଉପରେ ରାତି ସାରା ଆଲୋଚନା ଚାଲିଥିଲା । ଶାସକଦଳ ଭାବିଥିଲେ ବିରୋଧୀ ଆଲୋଚନାରେ ସେତେଟା ସଫଳ ହେବେନାହିଁ। ହେଲେ ବିରୋଧୀଦଳ ଏହି ସୁଯୋଗକୁ ହାତଛଡା କରିବାକୁ ଚାହୁଁନଥିଲା। ଦୀର୍ଘଦିନ ପରେ ଏଭଳି ସୁଯୋଗ ମିଳିଥିବାରୁ ବିଧାୟକ ଡକ୍ଟର ଅରୁଣ ସାହୁ ଓ ବରିଷ୍ଠ ବିଧାୟକ ରାଜା ସ୍ୱାଇଁ ଶିଙ୍ଗ ପକାଇ ଲଢ଼ିଲେ । ଏକା ଅରୁଣ ପାଖପାଖି ୨ ଘଣ୍ଟା କହିଲେ। ଏହାପରେ ରାଜା ବି ଶାସକଦଳକୁ କଡା ଜବାବ ଦେଲେ। ଅନ୍ୟ ବିଜେଡି ବିଧାୟକମାନେ ପାଳି ଧରିବାରୁ ବିରୋଧୀଦଳ ଏକପ୍ରକାର ଭାରୀ ପଡିଲେ। ଯଦିଓ ସେମାନେ ଦେଇଥିବା କୌଣସି ଗୋଟିଏ ହେଲେ କାଟ୍ ପ୍ରସ୍ତାବକୁ ସଫଳତା ମିଳିଲା ନାହିଁ, କିନ୍ତୁ ଆଲୋଚନାର ଶ୍ରେୟ ଏକପ୍ରକାର ବିରୋଧୀଦଳକୁ ଗଲା।

ରାତି ସାରା ଅନିଦ୍ରା ହୋଇ ଖଟିଥିବା ବିଜେଡିର ତୁଙ୍ଗ ନେତାମାନେ ଭାବିଥିଲେ ଯେ ଏହି ଶ୍ରେୟ ସେମାନଙ୍କ ସହିତ ତାଙ୍କ ଦଳକୁ ମିଳିବ। ଗଣମାଧମରେ ସେମାନେ ଚର୍ଚ୍ଚାରେ ଆଗରେ ରହିବେ। ଟିକିନିଖି ଖବର ବାହାରିବ। ଯେହେତୁ ରାତିସାରା ଆଲୋଚନା ହେଉଥିଲା, ତେଣୁ ଗଣମାଧମରେ ଖବରଟି ତା' ପରଦିନ ବାହାରିବାର ଥିଲା। ହେଲେ ବିଧାନସଭା ଖବର ଲେଖାହେଲା ବେଳକୁ ଧସେଇ ପଶିଲା ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ୱାକଫ୍ ବିଲ୍ ଉପରେ ଟୁଇଟ୍‌।ସ ସ୍ମିତଙ୍କ ଟୁଇଟ୍‌ଟି ବିଜୁଳି ବେଗରେ ପୃଷ୍ଠା-୬

### ସମର୍ଥକଙ୍କ ସହ ରାଲି କରିବେ ମୁନ୍ନା



ବିଜେଡିର ୱାକଫ ବୟାନବାଜି ଭିତରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ଦିଲ୍ଲୀରୁ ଫେରୁଛନ୍ତି ସାଂସଦ ମୁନ୍ନା ଖାଁ। ସୂଚନା ଅନୁଯାୟୀ, ମୁନ୍ନା ଖାଁ ଦିଲ୍ଲୀରୁ ଫେରିବା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଗୋଟିଏ ଗୋଷ୍ଠୀକୁ ନେଇ ନବୀନ ନିବାସ ଯିବେ ଓ ସେଠାରେ ବିଜେଡି ମୁଖିଆଙ୍କୁ ଧନ୍ୟବାଦ ଜଣାଇବେ। ତେବେ ମୁନ୍ନା ଖାଁ ୱାକଫ ବିଲ୍‌କୁ ରାଜ୍ୟସଭାରେ ଜୋରଦାର ବିରୋଧ କରି ସଂଖ୍ୟାଲଘୁଙ୍କ ଆସ୍ଥାଭାଜନ ହୋଇଥିବା ବେଳେ ବିଜେଡିର ଅଧିକାଂଶ ସାଂସଦ କିନ୍ତୁ ଦଳୀୟ ବୋଲ ମାନି ୱାକଫ୍ ବିଲ୍ ସପକ୍ଷରେ ମତ ଦେଇଛନ୍ତି। ଏଭଳି ସ୍ଥଳେ ମୁନ୍ନାଙ୍କ ସହିତ କେଉଁ ବର୍ଗର କେତେ ସଂଖ୍ୟାଲଘୁ ନବୀନ ନିବାସ ଯିବେ ଏବଂ ସେଠାରେ କ'ଣ ପାଇଁ ଧନ୍ୟବାଦ ଜଣାଇବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।



## ଅନୁଭବରେ ତୁମେ

### ଡଃ ତାନଶ୍ରୀ ପାଣିଗ୍ରାହୀ

ନୀଳ ଲଫାପାରୁ ତୁମ ମୁହଁ ଦିଶେ
ଆଗ ଖୋଲି ପଢି ବସେ
ହୃଦୟରୁ ତୁମ ପ୍ରେମର ସମ୍ଭାର
ମହ ମହ ବାସ୍ନା ଆସେ...

ହୃଦୟ ତୁମର ନିରିମଳ କାଚ
ମୋ ମୁହଁଟି ଦେଖେ ନିତି
ପ୍ରୀତି ଅଗଣାରେ ତୁମ ଉପହାର
ମୋ ଜୀବନେ ସବୁ ସ୍ମୃତି...

ତୁମରି ପ୍ରଣୟ ହସର ଅଧର
ଚଳ ଚଞ୍ଚଳର ଆଖି
ଫଗୁଣ ମହକ ଶ୍ରାବଣୀର ବର୍ଷା
ଅଛି ଆମ ପ୍ରେମ ସାକ୍ଷୀ...

ରାତି ଆକାଶରେ ତାରାଫୁଲ ମୁଁ ଯେ
ତୁମେ ସାଜ ଭସାମେଘ
କେବେ ଅବା ତୁମେ ଇନ୍ଦ୍ରଧନୁ ସାଜି
ବୁଣି ଦିଅ ସାତ ରଙ୍ଗ...

ତୁମେ ମୋ ଦେବତା ପ୍ରୀତି ମନ୍ଦିରରେ
ରୂପ ତୁମ ଅପରୂପ
ତୁମେ ତ ମୋ ମନେ ମୁଗ୍ଧ ଅନୁଭବ
ଚେତନାର ଚିତ୍ରକଳ୍ପ ||

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
**ବାଲିଆ ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ଲୁହ

### ସୁହଂସ ଭୋଇ

ଅକୁହା ବି କହେ ଖୋଲି କହି ଦିଏ
କେତେ କଥା ଏଇ ଲୁହ
ଲୁହ ବୋଲି ତୁମେ ଯାହାକୁ କହୁଛ
ସିଏ ମୋ ତତଲା କୋହ
ବ୍ୟଥା ତାର କିଏ ବୁଝୁ କି ନ ବୁଝୁ
ବୁଝି ପାରେ ଓଠ ମୋର
ଆପଣାର ଭାବି ପିଇଯାଏ ଅଧା
ବାକି ଅଧା ପଣତର
ଦୁଇ ଆଖି ଧରି ନ ପାରଇ ରଖି
ଝରି ପଡେ ଅନାହୂତ
ଅଟକ ରଖିବା ବଡ ଅସହଜ
ଅମାନିଆ ଅଟେ ସେ'ତ
ପ୍ରେମଟି କେବଳ ଦୁଃଖର ପାହାଡ଼
ଜୀବନ ପରୀକ୍ଷା ଗାର
ହୃଦୟଟି ଏଠି ଅଲେଖା କାଗଜ
ଲୁହ କଲମର ଝର
ନିରବରେ ଥରେ ମନକୁ ପଚାର
ଦୂରେ ଯିବ ଯଦି ଯାଅ
ତୁମ ପାଇଁ ଗଡୁ ଥିବା ଏହି ଲୁହ
ନିଜ ହାତେ ପୋଛି ଦିଅ

**ପହଣ୍ଡି ,ବିଜେପୁର, ବରଗଡ**



# ପୁଷ୍ପ ମହଲ



### ପୁଷ୍ପଲତା ମିଶ୍ର



ସୁଖ ଦୁଃଖର କାହାଣୀ, ଉଠାଣି ଗଡାଣିର କ୍ଷଣ ଭଙ୍ଗୁର ଜୀବନ। ଘରେ ସମସ୍ତେ ଭଲ ପାଇବା ଦେଖନ୍ତି, କେହି ଯଦି ବିନା ଦେଖେଇ ଭଲ ପାଇବା ଦିଅନ୍ତି ସେ ହେଉଛନ୍ତି ବାପା! ବାପା ବୋଉଙ୍କ ବ୍ୟତୀତ ଶୁଭ ଚିନ୍ତକ ଆଉ କେହି ନାହାଁନ୍ତି। ପୃଥିବୀରେ ଏମିତି କେହି ନାହାନ୍ତି ଯାହାର କିଛି ସମସ୍ୟା ନାହିଁ, ଏମିତି କିଛି ସମସ୍ୟା ନାହିଁ ଯାହାର କିଛି ସମାଧାନ ନାହିଁ, ଲକ୍ଷ୍ୟ ଯେତେ ଥାଉନା କାହିଁକି ରାସ୍ତା ସବୁବେଳେ ପାଦ ତଳେ ହିଁ ଥାଏ।ପିଲାଟି ଦିନରୁ ବହୁତ ଦୁର୍ବଳ ଥିଲି ତେଣୁ ମତେ କେହି ସାଙ୍ଗ ରେ ଖେଳାନ୍ତି ନାହିଁ, କାରଣ ମୁଁ ଦୌଡା ଦୌଡ଼ି କଲେ ମୂର୍ଚ୍ଛା ହେଇ ଯାଏ। ଏକା ଏକା ହିଁ ଚଳେ, ଏକା ରହିବାରୁ ମୁଁ ବିଭିନ୍ନ ବହି ପଢ଼େ ,ଖବର କାଗଜ ପଢ଼େ, ପତ୍ର ପତ୍ରିକା ବି ପଢ଼େ ଓ କିଛି ଲେଖେ। ଲେଖୁ ଲେଖୁ ଲେଖିବାର ଅଭ୍ୟାସ ହୋଇ ଗଲା। ଭଗବାନ ଗୋଟିଏ ବାଟ ବନ୍ଦ କଲେ ଅନେକ ବାଟ ଖୋଲି ଦିଅନ୍ତି। ଲେଖିବାର ଅଭ୍ୟାସ ଥିବାରୁ ସାଙ୍ଗମାନଙ୍କର ନୋଟ ମୁଁ ଲେଖେ। ଆମ ପରିବାର ରେ ବାପା, ବୋଉ, ଦୁଇ ଭାଇ ଓ ଆମେ ତିନି ଭଉଣୀଙ୍କ ମଧ୍ୟରୁ ମୁଁ ମଝିଆ କଥାରେ ଅଛି ବଡ଼ଟି ବାପାର ସାନଟି ମାଆର ମଝିଆଟି କାହାରି ନୁହେଁ। ମୁଁ ନିଜକୁ ଭାବେ ମୁଁ କାହାରି ନ ହେଲେ ବି ମଝିଆଟି ଭଗବାନଙ୍କର। ମୋ ସାନ ଭାଇଟିକୁ ମୁଁ ଛୁଆନା ବୋଲି ଡାକେ। ଛୁଆନା ଓ ମୁଁ ମିଶି ଘରର ସବୁ କାମ ଏକାଠି କରୁ। ହଠାତ୍ ତାର ଦେହ ଖରାପ ହେଲା ଚିକିତ୍ସା ପରେ ଜଣା ଗଲା ତାକୁ ରକ୍ତ କର୍କଟ ହେଇଛି। କିଛି ଦିନ ଚିକିତ୍ସା ପରେ ସେ ଚାଲିଗଲା, ସେ ଅଫେରା ରାଇଜକୁ.........। ଭାଙ୍ଗି ପଡିଲି ମୁଁ ଭାଙ୍ଗି ଗଲା ମୋ ପରିବାର। ମୋର ଏ ପର୍ଯ୍ୟନ୍ତ ବି ମନେଅଛି ୧୯୭୮ ମସିହା ନଭେମ୍ବର ମାସ ୨୭ ତାରିଖ ସୋମ ବାର ଦିନ, ରାତି ୮ଟାରେ କଟକ ମେଡିକାଲରେ ଛୁଆନା ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲା। ମୁଁ ସେତେବେଳେ ନବମ ଶ୍ରେଣୀ ରେ ପଢୁଥାଏ। ନବମ, ଦଶମ, ଏକାଦଶ କେମିତି ପାଠ ପଢ଼ିଛି କିଛି ଜାଣିନି। ୧୯୮୦ ମସିହାରେ ମୋର ମା ଟ୍ରିକ୍ ପରୀକ୍ଷା, ସେତେବେଳେ ଏକାଦଶରେ ମାଟ୍ରିକ୍ ପରୀକ୍ଷା ହେଉଥିଲା। ଛୁଆନା ଆଶୀର୍ବାଦରୁ ମାଟ୍ରିକ୍‌ରେ ଦ୍ୱିତୀୟ ଶ୍ରେଣୀରେ ପାଶ କଲା ପରେ କଲେଜରେ ପଢ଼ିବା କଥା ଉଠିଲା। କେହି ରାଜି ନ ଥିଲେ କାରଣ ଆମ ଗାଁ ରେ କୌଣସି ଝିଅ କଲେଜ ଯାଇ ନ ଥିଲେ। ବିବାଦ ର ସମାଧାନ ହେଲା ଶେଷ ରେ ମୋର ଜୟ ହେଲା, କଲେଜରେ ମୋର ନାମ ଲେଖା ହେଲା ଆଗରୁ କେହି ପଢ଼ି ନ ଥିଲେ ଏଇଆ ଯେ କୌଣସି ଝିଅ ମାଟ୍ରିକ୍ ପାସ କରି ନ ଥିଲେ,କଲେଜ ତ ଆମ ଘର ପାଖରୁ ବହୁତ ଦୂର ଥିଲା। ମୋର ମାଟ୍ରିକ୍ ର ପୂର୍ବ ବର୍ଷ ଘର ର ଅଳ୍ପ ଦୂରରେ ତୁଳସୀ ମହିଳା ମହା ବିଦ୍ୟାଳୟ ଖୋଲିଥିଲା। ମୁଁ ସେ କଲେଜ ର ଦ୍ୱିତୀୟ ବର୍ଷ ର ଛାତ୍ରୀ। ମୋ ଜୀବନ ର କୌଣସି କାମ ସମ୍ପୂର୍ଣ୍ଣ ହୁଏ ନାହିଁ ସବୁ ଅଧା।ମୁଁ କଲେଜ ଗଲି ଗୋଟିଏ ବର୍ଷ ପରେ ମୋର ଦେହ ଅସୁସ୍ଥ ହେଲା ମୁଁ ଆଇଏ ପାଶ ପରେ ବି .ଏ ରେ ନାମ ଲେଖାଇଲି। ବି .ଏ ପରୀକ୍ଷା ପୂର୍ବ ରୁ ବାପା ବାହାଘର ଠିକ୍ କରିଦେଲେ। ପରୀକ୍ଷା ଥିଲା ଏପ୍ରିଲ ୨୩ ତାରିଖ କିନ୍ତୁ ମୋର ବାହାଘର ଏପ୍ରିଲ ୧୯ ରେ ମନ ଭାଙ୍ଗି ଗଲା ମୋର,ବାପା ମତେ ବୁଝେଇ କହିଲେ ମୋ ଦାୟିତ୍ୱ ସରିଲା ତୁ ଶାଶୁ ଘରେ ଯାଇ ପରୀକ୍ଷା ଦେଇ ପାରିବୁ।ଶାଶୁ ଘରେ ପରୀକ୍ଷା ଦବାକୁ ଇଚ୍ଛା କଲି କିନ୍ତୁ ଶାଶୁ ଘରେ ମୋର ପାଠ ପଢ଼ା କୁ ନେଇ ଲାଗିଲା ଅସନ୍ତୋଷ। ବୋହୂ ର ପାଠ ପଢ଼ା ସେମାନେ ଗ୍ରହଣ କରି ପାରିଲେ ନାହିଁ। ଏ ଝାମେଲା ଭିତରେ ଜାଣିବାକୁ ପାଇଲି ମୁଁ ମା ହେବାକୁ ଯାଉଛି,ଖୁସି ରେ ପାଠ ପଢ଼ା ଭୁଲି ଗଲି ,ମୋର ଦେହ ଅସୁସ୍ଥ ହେବାରୁ ମୋ ସ୍ୱାମୀ ଭୁବନେଶ୍ୱର ନେଇ ଆସିଲେ କାରଣ ସେ ଭୁବନେଶ୍ୱର ରେ ଚାକିରି କରୁଥିଲେ। କିଛି ଦିନ ଭୁବନେଶ୍ୱର ରେ ରହିଲା ପରେ ମୋର ପୁଅ ଟିଏ ହେଲା ତା ପରେ ଝିଅ ସବା ସାନ ପୁଅ।ତିନି ପିଲା ଙ୍କ ଜନ୍ମ ପରେ ମନରେ ଉଙ୍କି ମାରିଲା ମୋର ପଠା ପଢ଼ା। ମୋ ପାଠ ପଢ଼ା କୁ ନେଇ ଲାଗିଲା ମହାଭାରତ ହେଲେ କେହି ସହି ପାରିଲେ ନାହିଁ...। ସବୁ ବାଧା ବିଘ୍ନ ସତ୍ତ୍ୱେ ବାଣୀ ବିହାର ପତ୍ର ମାଧ୍ୟମ ପାଠ୍ୟକ୍ରମରେ ନାମ ଲେଖାଇ ବି.ଏ ପାସ କଲି। ପରିବାରର ଅସୁବିଧା ଆଖି ଆଗରେ ରଖି କେତେକ ଘରୋଇ ସଂସ୍ଥା ରେ କାମ କଲି। ପିଲା ତିନି ଜଣ ପାଠ ପଢ଼ା ଓ ଚାକିରି ରେ ଭୁବନେଶ୍ୱର ର ବାହାର କୁ ଚାଲିଗଲେ ସ୍ୱାମୀ ଙ୍କ ର ମଧ ସୁଦୂର କୋରାପୁଟ କୁ ବଦଳି ହୋଇଗଲା।ମୁଁ ଭୁବନେଶ୍ୱର ରେ ଏକା ରହିଗଲି। ନିଜକୁ ଏକା ନ ରଖି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ସେବା ମୂଳକ ଭାବେ ପ୍ରଥମେ ଜଏଣ୍ଟ ସେକ୍ରେଟାରୀ ଓ ପରେ ପ୍ରଧାନ ଆଚାର୍ଯ୍ୟ ରୂପେ ଦାୟିତ୍ୱ ଗ୍ରହଣ କଲି। ସେଠି ମଧ ବେଶୀ ଦିନ ରହି ପାରିଲି ନାହିଁ। କର୍କଟ ରୋଗରେ ପୀଡିତ ହେଲି ଭଗବାନ ଙ୍କ ଅଶେଷ କୃପା ରୁ ମୁଁ ଏବେ ସୁସ୍ଥ ଅଛି। ଏବେ ମୋର ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କୁ ନେଇ ଚାଲିଛି ମୋର "ପୁଷ୍ପ ମହଲ !!"

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

### ଏଲିଜା ଜେନା





# ଶହୀଦ

ନାଁ.. ନାଁ... କହି ହଠାତ୍ ଚିତ୍କାର କରି ଉଠିଲା ସୁମତି। ଦେହରୁ ଗମ୍ ଗମ୍ ହୋଇ ବହିଯାଉଥାଏ ଝାଳ। ଆକ୍ୱାଗାର୍ଡରୁ ପାଣି ଗ୍ଲାସେ ଆଣି ପିଇଗଲା ଢ଼କ ଢକ କରି। ଶାଶୁ ଭାନୁମତୀ ବୋହୂର ଏ ଚିତ୍କାର ଶୁଣି କବାଟ ଠକ୍ ଠକ୍ କରି କହିଥାନ୍ତି, ଆରେ କ'ଣ ହେଲା ସୁମତି, ଏମିତି ଚିତ୍କାର କଲୁ ଯେ ? ସୁମତି କବାଟ ଖୋଲି କହିଲା, ବୋଉ, ତୁମ ପୁଅକୁ ଖରାପ ସ୍ୱପ୍ନ ଦେଖିଲି ତ ?

ଭାନୁମତି ବୋହୂର ମୁଣ୍ଡ ଆଉଁସି ଦେଇ କହିଲେ,ଆରେ ମା,କିଛି ନାହିଁ ଠାକୁରଙ୍କୁ ଡାକି ଶୋଇ ପଡ,ଏଇମିତି ସ୍ୱପ୍ନ ଆସେ।ସେ ସବୁ ଭୁଲି ଯାଆ। ସ୍ୱପ୍ନ ପରା,କ'ଣ କେବେ ସତ ହେଲାଣି ?

ସୁମତି ଆଖିକୁ ନିଦ ନାହିଁ।ବୁଢିଆଣୀ ଜାଲ ପରି କେତେ କାଳକଥା ସବୁ ଅଡୁଆ ସୂତା ପରି ଛନ୍ଦି ହୋଇଯାଇଛି ତା ମନରେ।ଏଇ କେତେ ବର୍ଷ ହେଲା ବିବାହ କରିଛି ସେ ସମ୍ବିଙ୍କ ସହ।ସମ୍ବ ଚାକିରୀ କରନ୍ତି ଯୁଦ୍ଧ ବିଭାଗରେ।ଏବେ ଅଛନ୍ତି କାରଗିଲ ଘାଟୀରେ, ଭାରତ ପାକିସ୍ଥାନ ଦ୍ୱନ୍ଦ୍ୱ ବିବାଦ ଭିତରେ ଦୋଦୁଲ୍ୟ ମାନ ପରିସ୍ଥିତିରେ ଏବେ କଟୁଛି ତାଙ୍କ ପ୍ରତିଟି କ୍ଷଣ।ହେଲେ ସେ କିନ୍ତୁ ଏକ ସାହସୀ ଯୋଦ୍ଧା।ଠାକୁରଙ୍କୁ ମୁଣ୍ଡିଆ ମାରି କୁଶଳରେ ଥାଆନ୍ତୁ ବୋଲି ଡାକି ଅନିଚ୍ଛାକୃତ ଭାବେ ଆଖି ବୁଜି ଗଡ଼େଇ ହେଲେ ନିତି ଦିନିଆ ରାତିର ସାଥୀ ସେଇ ବେଡ୍ ଉପରେ।

ବଡ଼ି ଭୋର୍ ରୁ ନିତ୍ୟକର୍ମ ସାରି ପୂଜାଥାଳି ଧରି ଚାଲିଲେ ସୁମତି ଏକ ନିଃଶ୍ୱାସ ରେ ପାଖ ଘଂଟେଶ୍ୱର ମନ୍ଦିରକୁ।ଭାରି ପ୍ରତ୍ୟକ୍ଷ ଦେବତା ସିଏ।କାହାର ଦୁଃଖ ସହି ପାରନ୍ତିନି।ଦୀପଟିଏ ଜାଳିଲେ,ହଠାତ୍ ଲିଭିଗଲା,ହାତରୁ ପୂଜାଥାଳି ବି ଖସି ପଡ଼ିଲା,ନଡିଆ ଟିଏ ପିଟିଲେ... ତାହା ପଚା। ସୁମତି ମନକୁ କାହିଁକି କେଜାଣି ପାପ ଛୁଉଁ ଥାଏ। ଛାତି ଧକ୍ ଧକ୍ ହେଉଥାଏ,ଆଶା ଗୁଡ଼ାକ ଆଶଙ୍କାରେ ଛନ୍ଦି ହେଉଥାନ୍ତି,ମନ ଭିତରକୁ କାଳ କଥା ଗୁଡ଼ାକ ଅଡ଼କରା ପଶି ଆସୁଥାନ୍ତି।ହଠାତ୍ ଫୋନ୍ ରିଙ୍ଗ ହେଲା,ଇଏ ବି ହୃତପିଣ୍ଡ ସ୍ପନ୍ଦନ ବଢ଼ାଇ ଦେଲା। ହେଲୋ କହିବାରୁ ଯାହା ଶୁଣିଲେ ତାହା ଆହୁରି ତାଙ୍କ ଭାବନାକୁ ଖିନ୍ ଭିନ୍ କରିଦେଲା।ପଡୋଶୀ ଘର ରୀତା ମାଉସୀ କହୁଥାନ୍ତି,ସୁମତି ଶୀଘ୍ର ଆସ, ତୁମ ଘର ଆଗରେ ଗୋଟେ ଗାଡ଼ି ଠିଆ ହୋଇଛି।

କାହିଁକି ? କିଏ ? କଣ ପାଇଁ ?ଏମିତି ଅନେକ ପ୍ରଶ୍ନ ନିଜକୁ ପଚାରି ପଚାରି ସୁମତି ଆଖି ପିଛୁଳାକେ ଆସି ଯାହା ଦେଖିଲା ତା ଆଖିକୁ ବିଶ୍ୱାସ କଲା ନାହିଁ।

ସୁମତି ପହଞ୍ଚିଛନ୍ତି କି ନାହିଁ,ସମସ୍ତେ ଫୁସ୍ ଫୁସ୍ କହୁଥାନ୍ତି, ଏଇ ପରା ତାଙ୍କ ସ୍ତ୍ରୀ ସୁମତି ଦେବୀ।ହଠାତ୍ ଜଣେ ପୋଲିସ କର୍ମଚାରୀ ଏକ ମୋବାଇଲ,ଏକ ଡାଏରୀ,ଏକ ହାତ ଘଣ୍ଟା,ଆଉ କିଛି କାର୍ଡ ଦେଇ ତାଙ୍କୁ ସାଲ୍ୟୁଟ ମାରିଲେ।ଶାଶୁ ଶ୍ୱଶୁର ଏକ ଧଳା ଲୁଗାଢ଼ଙ୍କା ନିର୍ଜୀବ ପଦାର୍ଥକୁ ଧରି "ମୋ ଧନରେ ଆମକୁ ଛାଡି ଚାଲିଗଲୁ" କହି ବୁକୁ ଫଟା ଚିତ୍କାର କରୁଥାନ୍ତି। ସୁମତି ର ଦୁନିଆଁ ଅନ୍ଧାର ଲାଗିଲା,ସେ ଧଳା କପଡ଼ା ଖୋଲି ଯେଉଁ ଶୁଖିଲା ମୁଖ ଦେଖିଲେ ତାହା ଥିଲା ତାଙ୍କ ସମ୍ବଙ୍କ ଅସମ୍ଭବ ମୂର୍ତ୍ତି।ସମ୍ବଙ୍କ ଛାତିକୁ ବାଡେଇ କାହିଁକି ମୋତେ ଭଣ୍ଡେଇ ଦେଲ କହି ବୁକୁ ଫଟା ଚିତ୍କାର କରୁଥାନ୍ତି ସୁମତି,ଯେଉଁ ଶବ୍ଦ ରେ ସ୍ତବ୍ଧ ହୋଇ ଯାଉଥାଏ ପ୍ରକୃତି ପରିବେଶ ଓ ପରିବେଷ୍ଟନୀ। ଅଚେତ୍ ହୋଇ ପଡ଼ି ରହିଲା ସୁମତି ସତେ ଯେମିତି ଏଇ ଅଘଟଣକୁ ନ ଶୁଣିବା ଓ ନ ଦେଖିବା ପାଇଁ।ଚେତା ଫେରିବା ବେଳକୁ ହରାଇ ଦେଇଥିଲା ତାର ରଙ୍ଗୀନ୍ ରୂପ।ହାତରେ ଆଉ ତାର ସରାଗର ଶଙ୍ଖା ନାହିଁ,ମଥାରେ ଆଦରର ସିନ୍ଦୂର ନାହିଁ, ଆଉ ଧଳା ଶାଢ଼ୀଟା ଦେହରେ ଘୋଡ଼େଇ ହୋଇ ସତେ ଯେମିତି କହୁଛି,ଏଥର ସବୁ ଦିନ ତୋର ଗୁରୁବାର। ସମୟ ଆଉ ସମ୍ବକୁ ଅପେକ୍ଷା କରି ନାହିଁ। ଚାହୁଁ ଚାହୁଁ ଦଶାହ ଯାଇ ଏକାଦଶାହ ପହଁଚିଗଲା।ସଭିଙ୍କର ଖୁସିର ଭୋଜି ହେଲେ ସୁମତିର ବିଷାଦ ମନ ଖୋଜୁଥାଏ ସମ୍ବଙ୍କୁ।ଯେତେବେଳେ ଭୋଜି ହେଲେ ସେ ଥାଆନ୍ତି ତା ସହ।ବହୁତ୍ କଷ୍ଟରେ ସେ ପାଇଲା ସମ୍ବଙ୍କୁ ଏକ ଉଚ୍ଚ ଜାଗାରେ,ଏକ ଫଟୋ ଚିତ୍ରରେ,ପୁଣି ତା ଉପରେ ଝୁଲୁଛି ଏକ ଫୁଲମାଳ।ଉପରେ ଲେଖା ଅଛି ସମ୍ବ ପୂର୍ବରୁ ଏକ ବିଶେଷଣ ଯୋଡା ଯୁଗ୍ମଶବ୍ଦ,ଶହୀଦ ସମ୍ବ।ସେ ଯାହାକୁ ପ୍ରଣାମ କରୁଥିଲେ,ଆଜି ସେଇ ବଡ ଲୋକମାନେ ବି ମୁଣ୍ଡ ନୁଆଁଇ ତାଙ୍କ ଫଟୋ କୁ ସଲାମ କରୁଛନ୍ତି।

ଆଜି ରାତି କିନ୍ତୁ ଥିଲା ନିଆରା ରାତି।ନୀରବତା ଆଉ ଆଖିର ଲୁହକୁ ସାଥୀ କରି ସୁମତି ଭାବିଲା ତା କଲେଜ ଜୀବନ।ସେଦିନ ବାର୍ଷିକ ଉତ୍ସବରେ ସେ ହୋଇଥାଏ ନାୟିକା ସ୍ମୃତି ଆଉ ସମ୍ବ ଥିଲେ ନାୟକ ଜୀବନ,ଆଉ ନାଟକ ନାମ ଥିଲା ଶହୀଦ ଜୀବନ।କଥା ଦେଇ ଯାଇଥିଲେ ଫେରିବେ ବୋଲି ଜୀବନ ହେଲେ ଭାରତ ପାକିସ୍ଥାନ ଯୁଦ୍ଧରେ ହୋଇଗଲେ ଶହୀଦ। ଏ ଖବର ଶୁଣି କେତେ ଯେ କାନ୍ଦିଛନ୍ତି। ଦୁହିଁଙ୍କର ନିଖୁଣ ଅଭିନୟ ପାଇଁ ପାଇଥିଲେ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ଆଉ ଜୀବନ ଶ୍ରେଷ୍ଠ ଅଭିନେତା ସମ୍ମାନ।ସେଇଠୁ ହୋଇଥିଲା ତାଙ୍କ ଦୁହିଁଙ୍କ ଭଲ ପାଇବା ଆଉ ଶେଷରେ ସତ ସତିକା ବିବାହ।

ପାଞ୍ଚ ବର୍ଷର କୁନି ଝିଅ ପ୍ରିୟାଂଶିକୁ ବୁଝାଉଥାନ୍ତି ତା ଶ୍ୱଶୁର ରିଟାୟାଡ ମେଜର ପି କେ ରାଓ।ଯିଏ ଦେଶପାଇଁ ଯୁଦ୍ଧ କରୁ କରୁ ଶତ୍ରୁ ଗୁଳିରେ ମୃତ୍ୟୁ ବରଣ କରେ,ସେ ଶହୀଦ ହୋଇଯାଏ।ତୋ ବାପା ସମ୍ବ ଜଣେ ଏମିତି ବୀର ଥିଲେ ସେ ଏକୁଟିଆ ଗୁଳି କରି ୨୧ ଜଣ ଶତ୍ରୁଙ୍କୁ ମାରି ଦେଇଛନ୍ତି।ହଠାତ୍ ତାଙ୍କ ବନ୍ଧୁକରେ ଗୁଳି ସରି ଯିବାରୁ ସେ ଗୁଳି ପୁରାଉ ପୁରାଉ ଶତ୍ରୁ ଗୁଳିରେ ହତ ହେଲେ।ଦେଶପାଇଁ ଜୀବନ ଦେଲେ।ଶହୀଦ ହୋଇଗଲେ।ତୁ କାନ୍ଦିବୁ ନାହିଁ ବରଂ ଗର୍ବ କରିବୁ ମାଆ,କାରଣ ତୁ ବୀର ଶହୀଦ ର ଝିଅ। ପ୍ରିୟାଂଶି ମାଆ ସୁମତିର ଆଖିରୁ ଲୁହ ପୋଛି କହୁଥାଏ ମାଆ, ମୁଁ ବୀର ଶହୀଦ ର ଝିଅ ପରା,ତୁମେ କାନ୍ଦୁଛ କାହିଁକି ?ଆଖିରୁ ଅମାନିଆ ଲୁହ ଗୁଡ଼ାକୁ ସରାଗ ର ପଣତ କାନିରେ ପୋଛୁ ପୋଛୁ ସୁମତି ପ୍ରିୟାଂଶିକୁ କୁଣ୍ଢେଇ ଧରି କହିଲା ,ହଁ ରେ ଝିଅ, ମୁଁ ପରା ବୀର ଶହୀଦ ସମ୍ବଙ୍କ ସ୍ତ୍ରୀ,ଗର୍ବ କରିବି, କାନ୍ଦିବି କାହିଁକି ?



### ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ




# ଭିକ୍ଷାଂ ଦେହି

ଏକଦା ଗୋଟିଏ ଚର୍ଚ୍ଚିତ ଯୁବ ପୁରସ୍କାରକୁ ନେଇ ସାହିତ୍ୟିକ ପରିବେଶ ବଡ଼ ସରଗରମ ଥାଏ। ସେଇ ସମୟରେ ଗୋଟିଏ ସାମାଜିକ ସମାବେଶକୁ ଯାଇଥିଲି। ସେଠି ଜଣେ ଅର୍ଦ୍ଧସାହିତ୍ୟିକ ବନ୍ଧୁ ଦେଖା ହେଲେ। ସେ ପଚାରିଲେ ଆୱାର୍ଡ଼ କୁ ନେଇ କଣ ଗୋଟେ ହଟ୍ଟଚମଟ ଚାଲିଛି ପରା? "ଆଜ୍ଞା ମୁଁ ଜାଣିନି", କହିଲି। "ଆଉ? ତମେ ସେ ଦୌଡ଼ ରେ ନାହଁ କି?" "ନା ଆଜ୍ଞା ମୁଁ ଯୁବ ନୁହେଁ"। "ଓହୋ.. କେଉଁ ମାନେ ସବୁ ଭଲ ଲେଖୁଛନ୍ତି ଆଜିକାଲି?" ପୁଣି ପଚାରିଲେ। "ମୁଁ କେମିତି ଜାଣିବି? ଜୁରି ଜାଣିଥିବେ ନା!" ମୋର ଉତ୍ତର। ଆଉ ତିନି ଚାରି ଜଣ ଆଲୋଚନା ଶୁଣିଲେ। କି ପୁରସ୍କାର, କଣ ପାଇଁ ଦିଆ ହୁଏ ଇତ୍ୟାଦି ପ୍ରଶ୍ନ। ଜଣେ କହିଲେ "ଆରେ ଆମ ଘର ପାଖେ ଗୋଟେ କବି ରହୁଚି। ଯେତେବେଳେ ଦେଖ ଆଜି ଏ ସଭା, କାଲି ସେ ସଭା। କୋଉଠୁ କୋଉଠୁ ସବୁ ମାନପତ୍ର କିଣି ଆଣି ଘର ପୁରେଇ ଦେଲାଣି। କେତେବେଳେ ଲେଖୁଛି ସେ? ଆମେ ତ କିଛି ପଢ଼ିନୁ ତାର ଲେଖା।" "ଆରେ ପ୍ରଜ୍ଞା ତୁମକୁ ପରା ରାଜ୍ୟପାଳ ପୁରସ୍କାର ମିଳିଲା ନା କଣ? " "ଆଜ୍ଞା କେବେ?" "ଆଉ, ତୁମେ ଫୋଟୋ ଛାଡ଼ି ନଥିଲ? " "ନା ମୋ ବହି ଉନ୍ମୋଚନ ହେଲା! " "ଓହୋ.. କେତେ ଖର୍ଚ୍ଚ ହେଲା?" " ତୁମେ ଗୋଟେ ବହି ଉନ୍ମୋଚନ କରି ଖାଇବା ପିଇବା ଗୋଟେ କରୁନ କାହିଙ୍କି? ସମସ୍ତେ ଜାଣିବେ। ଜାଣିଲେ ସିନା ପୁରସ୍କାର ଫୁରସ୍କାର ଗୋଟେ ପାଇବ। " ଓଃ ବଡ ଅଣାନିଶ୍ୱାସୀ କଲା ପରି ଏ ପ୍ରଶ୍ନ ସବୁ। ଏସବୁ ଆଜିକାଲି ଅଳ୍ପେ ବହୁତେ ସମସ୍ତେ ଅଙ୍ଗେ ନିଭଉ ଥିବେ। ସାଧାରଣରେ ପୁରସ୍କାରର ମାପଦଣ୍ଡ ଏଇଆ। ମୁଁ କିଛି ପୁରସ୍କାର ପ୍ରାପ୍ତ ବହି ଆଣି ପଢ଼ି ଥିଲି। କହିବା ବାହୁଲ୍ୟ ତା ଠାରୁ ବହୁତ ଭଲ ବହି ମୁଁ ପଢ଼ିଛି। ତେବେ ମୁଁ ଜୁରୀ ନୁହେଁ, ପାଠକ। ମୋର ନିଜସ୍ୱ ମତ ଥାଇ ପାରେ। ମାତ୍ର ଲୋକ ପଢ଼ିଲେ ତ ଜାଣିବେ? ଅନେକ ପୁରସ୍କାର ପ୍ରାପ୍ତ ବହି ବଜାରରେ ଉପଲବ୍ଧ ନାହିଁ। ଜଣେ ଚାହିଁଲେ ବି ମତାମତ ଦେଇ ପାରିବ ନାହିଁ। ପ୍ରଥମ ଦଶଟି ବହିକୁ ଯଦି ଜୁରି ମାନେ ସାର୍ବଜନୀନ କରନ୍ତେ ଓ ତାର ପି ଡି ଏଫ୍ ଉପଲବ୍ଧ ହୁଅନ୍ତା, ସମସ୍ତେ ଜାଣି ପାରନ୍ତେ ଏହାର ଗୁଣବତ୍ତା। ମୂଳରୁ ତ ପଢିବାକୁ ମିଳୁନି, କଣ ଜାଣିବ କଣ ଅଛି ସେଥିରେ। ଇଂରାଜୀ ବହି କ୍ଷେତ୍ରରେ ତ ଏପରି ହୁଏନି। ପୁରସ୍କାର ପ୍ରାପ୍ତ ବହିଟି ହଟ କେକ ପରି ବିକ୍ରି ହେଇ ଚାଲେ। ତାକୁ ପାଠ୍ୟକ୍ରମରେ ଭର୍ତ୍ତି କରାଯାଏ। ଆମର ଯେତେ ସବୁ ବ୍ୟତିକ୍ରମ। ଆମ ପାଇଁ ବହି, ତାର ମାନ, ତାର ଉପାଦେୟତା, କିଛି ମାନେ ରଖେନି। ସନ୍ତୁଷ୍ଟିକରଣରେ ବା ଅଇଥାନ କରିବାରେ ଆମର ବିଶ୍ୱାସ। ରାଜାଙ୍କ ଦରବାରରୁ ସ୍ତବ ଗାନ କରି ଭିକରେ ପୁରସ୍କାରଟିଏ ହାତେଇବା ପାଇଁ ବ୍ୟଗ୍ର ଅନେକ। ସେଥିରେ ନିନ୍ଦା ମିଳୁ କି ତାଚ୍ଛଲ୍ୟ ପରବାୟ ନାହିଁ । ଏହି ପରମ୍ପରା ଚାଲିଲେ ସାହିତ୍ୟିକଟିଏ ଧିରେ ଧିରେ ଗୋଟେ ବିକଳିଆ ପ୍ରାଣୀରେ ଗଣା ହେବ, ଏଥିରେ ସନ୍ଦେହ ନାହିଁ।

ଥରେ ଆମ ଘରକୁ ମୋର ଜଣେ ପୂର୍ବତନ ଛାତ୍ରୀ ତାର ସ୍ୱାମୀଙ୍କ ସହ ବୁଲିବାକୁ ଆସିଥାଏ। ମୁଁ ଆଗରେ ବାଟ କଢ଼େଇ ନେଉଥିଲି। ସିଡି ପାଖ କାନ୍ଥ ସାରା ମୋର ମାନପତ୍ର ଲାଗିଥାଏ। ମୁଁ ଟିକେ ଆଗରେ ଥାଇ ଶୁଣିଲି, ଛାତ୍ରୀ ଜଣକ ତାର ସ୍ୱାମୀଙ୍କୁ କହିଲା, "ଦେଖୁଚ, ଆଜିକାଲି ଲୋକ ମାନେ ଘର ସଜେଇବା ପାଇଁ ଏସବୁ ଆଣି ଲଗାଉଛନ୍ତି କାନ୍ଥରେ। ଆମର ବି ଆଣିବା। ଭଲ ଦିଶୁନି? " ସ୍ୱାମୀ ନିଜସ୍ୱ ବୁଦ୍ଧି ଲଗେଇ କହିଲେ, ନା ମ, ଏସବୁ ମାଡ଼ାମଙ୍କୁ ମିଳିଛି ନା କଣ, ତାଙ୍କ ଫୋଟୋ ଲାଗିଚି। ମୁଁ ନ ଶୁଣିବା ପରି ରହିଲି। କହିକି ଲାଭ ବି କଣ? ସାହିତ୍ୟର ଧାର ଧାରୁ ନଥିବା ଲୋକ ପାଇଁ ଏସବୁ ଘର ସଜାଇବା ଜିନିଷ ତ! ପୁରୁଣା ଘର କାନ୍ଥ ରେ ଅଧେ ଉଈ ଖାଇ ଗଲେ। ବାପାଙ୍କ ଘରେ ଅଧା ଟଙ୍ଗା ହେଲେ। ଆଜିକାଲି ଘର କୋଣରେ ଡେରା ହଉଛନ୍ତି। ଆଉ କଣ ଘର ସାରା ମୋରି ଜିନିଷ ରହିବ ନା କଣ? କିଛି ବର୍ଷ ତଳେ ବେଶ୍ ଖୁସି ଲାଗୁଥିଲା ପୁରସ୍କାର, ମାନପତ୍ର। ଯେବେଠୁ ଏହା ଫ୍ୟାସନ ବା ଟ୍ରେଣ୍ଡ ରେ ପରିଣତ ହେଲାଣି, ଏଥିରୁ ମୋହ ତୁଟି ଗଲାଣି। ସେମିତି କେହି ଅନୁଷ୍ଠାନ ଆଗ୍ରହରେ ଡାକିଲେ ଯିବା କଥା। ଲବୀ କିମ୍ବା ଆବେଦନ କରି ପୁରସ୍କାର କଣ ପୁରସ୍କାର ରେ ଯାଏ? ସେ ଅବଶ୍ୟ ଭିନ୍ନ ପ୍ରସଙ୍ଗ। କିନ୍ତୁ ପ୍ରତି ଥର କିଛି ବଡ଼ ପୁରସ୍କାର ଘୋଷଣା ହେଲେ ଯୋଉ ହୋହାଲ୍ଲା ହଉଛି, ଦେଖିଲେ ସତରେ ବଡ ଦୁଃଖ ଲାଗୁଚି। କିଏ ମନେ ରଖେ ସେସବୁ? ଯିଏ ସାହିତ୍ୟ ରେ ନାହିଁ, ସେ ବରଂ ସୁଖୀ। ଚାକିରି କୁ ଗଲା, ଫାଙ୍କା ବେଳେ ଜୀବନକୁ ଉପଭୋଗ କଲା, ବୁଲିଲା, ଖାଇଲା, ଶୋଇଲା। ପୁରସ୍କାର ଓ ପ୍ରସିଦ୍ଧି ର ମୋହରେ ପଡ଼ିଥିବା ସାହିତ୍ୟିକଙ୍କୁ ରାତିରେ ନିଦ ହେଉ ନଥିବ ବୋଧେ। କି ବିକଳିଆ ଜୀବନ ସତରେ! ସେ କେଡ଼େ ନିସଂଗ ଅନୁଭବ କରୁଥିବ ନିଜକୁ ଅସାଧାରଣ ମନେ କରି। ତାଙ୍କ ପାଇଁ ଆମେ କେବଳ ପ୍ରାର୍ଥନା ହିଁ କରି ପରିବା।

ବର୍ତ୍ତମାନ ଯୁବ ପୀଢ଼ି ମଧ୍ଯ ଏହି ମାୟାରୁ ମୁକ୍ତ ନୁହଁନ୍ତି। କିଛି ରୀତିମତ ପ୍ରକାଶକ, ଆୟୋଜକ ବା ବରିଷ୍ଠଙ୍କ ଗୋଡ଼ାଣିଆ ହୋଇ ବିଭିନ୍ନ ସଭା ସମିତିରେ, ଆଲୋଚନା ଚକ୍ର ବା କବିତା ପାଠୋତ୍ସବରେ ମଞ୍ଚ ମଣ୍ଡନ କରିବାର ଦେଖା ଯାଉଚି। ଏହା ଯଦି ତାଙ୍କ ସୃଜନ ପାଇଁ ଅନୁପ୍ରେରିତ କରନ୍ତା ଖୁବ୍ ଭଲ କଥା। ମାତ୍ର ସାମାଜିକ ଗଣମାଧମରେ ଶୁଖିଲା ଲୋକପ୍ରିୟତା ଏହାର ଆଭିମୁଖ୍ୟ ନ ହେଉ। ନିରନ୍ତର ପଠନ ଓ ସାଧନା ବିନା ସୃଜନ କର୍ମ ଦିଗହରା ହୋଇ ଯାଏ। ଜଣେ ସାହିତ୍ୟିକ ସାହିତ୍ୟର ଉପାସକ ହେବା ଚାହି। ମାତ୍ର ସାହିତ୍ୟକୁ ପାଥେୟ କରି ଲୋକପ୍ରିୟ ହେବାର ଆଭିମୁଖ୍ୟ ସବୁ ଦୃଷ୍ଟିରୁ ବର୍ଜନୀୟ। ସାମାଜିକ ଗଣମାଧମରୁ ମିଳୁଥିବା ପ୍ରଶଂସା ମଧ୍ଯ ଭିକ୍ଷା ପରି, ଯାହା ମଣିଷକୁ ମହିମାମଣ୍ଡିତ କରି ପାରେ ନାହିଁ।

**ବ୍ୟାସନଗର, ମୋବାଇଲ୍: ୯୪୩୮୦୭୪୪୭୪**



## ତୁମେତ ମୋର ସାହା ଭରସା

### ସ୍ୱାଗତିକା ସାହୁ

ଅନିତ୍ୟ ସଂସାରର ଭାଗ୍ୟ
ଆକାଶରେ
ତୁମେ ତ ଉଜ୍ଜ୍ୱଳ ନକ୍ଷତ୍ର...!
ମୋ ଶରୀର ଆତ୍ମା,ହୃଦୟର
ଏକମାତ୍ର ସ୍ୱ-ପରିଜନ
ଧୈର୍ଯ୍ୟ ସହନଶୀଳତାର
ଅମୋଘ ଅସ୍ତ୍ର ତୁମେ....
ଶରଧାର ଅଭିଧାନ..!!!
ଝରେ ମମତାର ଆଶ୍ରୀର୍ବାଦ ଅବିରତ
ନାହିଁ ପଟାନ୍ତର ସ୍ୱର୍ଣ୍ଣମୟୀ
କରୁଣା ବର୍ଷାର...!
ଅତିକ୍ରାନ୍ତ କରେ ସଂସାରର
ସାତ ସମୁଦ୍ରର ସପ୍ତରଙ୍ଗ...
ତୁମେ ତ ମୋର ସାହା ଭରସା

ଜୀବନ ଯୁଦ୍ଧରେ ଜିତି ଚାଲିଥିବା
ପ୍ରଶଂସାର ପାତ୍ର ତ ତୁମେ...!
ଜୀବନ ଲାଗେ ବୀବର୍ଣ୍ଣ
ଅନ୍ତିମ ବିସର୍ଜନ...
ଯେବେ ଅନୁଭବେ ତୁମ ଅନୁପସ୍ଥିତି
ଖୋଜେ ଅନ୍ତରାତ୍ମା ତୁହାଇ ତୁହାଇ...
ଶୂନ୍ୟତାର କୋଳରେ ଛପି
ହଜିଯାଏ ସ୍ମିତହାସ୍ୟ..!
ଲାଗେ ସ୍ପନ୍ଦନହୀନ ଶରୀର

ଅଭିମାନ କରେନି କିନ୍ତୁ
ଅଭିମାନ ସ୍ୱାଭିମାନ ସବୁ
ଅଢେଇ ଦିନର...!
ତୁମେତ ପରିବ୍ୟାପ୍ତ
ନୀଳ ଆକାଶ ପରି...
ସହସ୍ର ଶୀର୍ଷା ସହସ୍ର ପୁରୁଷ
ସକଳ ଜଗତର ତ୍ରାଣ କର୍ତ୍ତା
ମାଗେ ଆଉ ଏକ ଜନ୍ମ
ଦେଖିବାକୁ ବର୍ଣ୍ଣିବାକୁ ତୁମ ଅସ୍ତିତ୍ୱ ।

ପ୍ରାପ୍ତି ଅପ୍ରାପ୍ତିର ହସ ଲୁହ ମିଶ୍ରିତ
ଦୁନିଆ ଦାଣ୍ଡର ହାଟରେ...
ଶାନ୍ତି କଳ୍ପର ମହାଦ୍ରୁମ ସାଜି
ଜୀବନର ବକ୍ରରେଖାକୁ
କର ସରଳ ଶକ୍ତିମାନ...!
ହଁ ମାରେ ମଧୁ ନିଶ୍ୱାସ
ନିଆରା ଭାବର ପ୍ରୀତିର ନୀଳାମ୍ବର
ସେଇ କେବଳ ତୁମରି କୋଳେ..!!

**ଉମରକୋଟ, ନବରଙ୍ଗପୁର**



## ଶ୍ରୀରାମ ନବମୀ

### ଅନୁପମା ବିଶ୍ୱାଳ

ଅଯୋଧ୍ୟା ନରେଶ ମହା ଖେଦେ ଥାଇ
ଚଳନ୍ତି ଗୁରୁଙ୍କ ଗୃହ
ଅପୁତ୍ରିକ ହେତୁ ଗୁରୁଙ୍କ ସମୀପେ
ଜଣାନ୍ତି ମନର କୋହ।
ତାଙ୍କରି ନିର୍ଦ୍ଦେଶେ ଋଷ୍ୟଶୃଙ୍ଗେ ଡାକି
ପୁତ୍ରଯଜ୍ଞ ଆରମ୍ଭିଲେ
ଭକତି ସହିତେ ବିହିଣ ଆହୁତି
ଦିବ୍ୟ ଚରୁ ଲାଭକଲେ।
ସେ ଚାରୁ ଭକ୍ଷଣେ ଗର୍ଭବତୀ ହେଲେ
ତିନିରାଣୀ ରାଜାଙ୍କର
ହରଷିତ ମନେ ନରପତି ଖୁସି
ହେଲା ସବୁ ଶୁଭଙ୍କର ।
ଯୋଗ ଲଗ୍ନ ଗ୍ରହ ବାର ତିଥି ଆଦି
ହେଲେ ଯେବେ ଅନୁକୂଳ
ଚଇତ୍ର ମାସରେ ଶୁକ୍ଳ ନବମୀରେ
ରାମଜନ୍ମ ସୁଖ ମୂଳ।
କରୁଣା ସାଗର ଗୁଣର ଆଧାର
କୃପାଳୁ ଶୋଭାସାଗର
ଜନହିତ ପାଇଁ ଶୋଭାମୟ କଲେ
ଦଶରଥଙ୍କ ମନ୍ଦିର।
ଶ୍ରୀମନ୍ଦିରେ ହୁଏ ଏ ନୀତି ପାଳିତ
ଅଷ୍ଟମୀ ରାତ୍ର କାଳରୁ
ସ୍ୱୟଂ ଜଗନ୍ନାଥ ମାତାଙ୍କ ରୂପରେ
ଜନ୍ମ ଦିଅନ୍ତି ଉଦରୁ।
ପ୍ରଭୁ ଜନ୍ମ ପରେ ମହା ଶରଧାରେ
କ୍ଷୀର ମଣୋହୀ ହୁଅଇ
ଶୀତଳ ଭୋଗଟି ଚରୁଭାତ ସହ
ସର୍ବ ବିଧାନେ ଶୋଭଇ।
ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କୁ
ଭକ୍ତବୃନ୍ଦ ପୂଜାକରି
ଆଶିଷ ଲଭନ୍ତି ପ୍ରଭୁଙ୍କ ପାଖରୁ
ଭକ୍ତିଭାବ ହୃଦେ ଭରି।

**ସମ୍ବଲପୁର**
**ମୋବାଇଲ: ୭୯୭୮୫୬୮୩୨୨**



# ୪୮ ଘଣ୍ଟାରେ ଲଘୁଚାପ: ତାତିରୁ ମିଳିବ ଆଶ୍ୱସ୍ତି



**ଭୁବନେଶ୍ୱର,୬।୪ (ସଂଚାର ବ୍ୟୁରୋ):** ଖୁବ୍‌ଶୀଘ୍ର ପାଣିପାଗରେ ହେବାକୁ ଯାଉଛି ବଡ଼ ପରିବର୍ତ୍ତନ। ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଏହାର ପ୍ରଭାବରେ ୪୮ ଘଣ୍ଟାରେ ଦକ୍ଷିଣ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସମ୍ଭାବନା ସୃଷ୍ଟି ହୋଇଛି । ଉପାନ୍ତରୁ ଉପକୂଳ,ପଶ୍ଚିମରୁ ଦକ୍ଷିଣ ସବୁଠି ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିବା ବେଳେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଆସିପାରେ ଲଘୁଚାପ ।

ପାଣିପାଗରେ ହେବାକୁ ଯାଉଛି ବଡ଼ ପରିବର୍ତ୍ତନ । ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଏହାର ପ୍ରଭାବରେ ୪୮ ଘଣ୍ଟାରେ ଦକ୍ଷିଣ ବଙ୍ଗୋପସାଗର ଲଘୁଚାପ କ୍ଷେତ୍ର ସମ୍ଭାବନା ସୃଷ୍ଟି ହୋଇଛି ।

### ରାଜ୍ୟ କାର୍ଯ୍ୟାଳୟରେ ବିଜେପିର ୪୬ତମ ପ୍ରତିଷ୍ଠା ଦିବସ

# ଭବିଷ୍ୟତପିଢ଼ି ପାଇଁ ନୂତନ ଶକ୍ତି ଓ ଶପଥ ନେବାର ସମୟ

- ସଂକଳ୍ପପତ୍ରର ସବୁ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବେ ସରକାର: ମୁଖ୍ୟମନ୍ତ୍ରୀ
- ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ଉଦ୍ୟମରେ ସଶକ୍ତ ହୋଇଛି ଭାରତ: ବିଜୟପାଲ ସିଂ ତୋମାର
- କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଲେ ମନମୋହନ




**ଭୁବନେଶ୍ୱର,୬।୪ (ସଂଚାର ବ୍ୟୁରୋ):** ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ ମସିହାରେ ଗଠନ ହୋଇଥିବା ବିଜେପି ଆଜି ୪୬ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୮୦ରେ ଦେଶରେ ଯେତେବେଳେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା, ସେତବେବେଳ ଦେଶର ରାଜନୈତିକ ବିକଳ୍ପ ଭାବେ ଭାରତୀୟ ଜନସଂଘର ନୀତି, ଆଦର୍ଶ, ବିଚାରଧାରା ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ତ୍ୟାଗ, ତପସ୍ୟା ଓ ସାଧନାରୁ ବିଜେପି ଦଳ ଆରମ୍ଭ ହୋଇଥିଲା। ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ୍‌ଭାନୀ ପ୍ରମୁଖଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଦଳ ୧୯୮୪ ସାଧାରଣ ନିର୍ବାଚନରେ ମାତ୍ର ୨ ଜଣ ସାଂସଦ ନିର୍ବାଚିତ ହୋଇଥିଲେ। ୪୬ ବର୍ଷର ସଂଘର୍ଷ ଯାତ୍ରା ପରେ ଆଜି ଭାରତୀୟ ଜନତା ପାର୍ଟିର୍ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଛି। କାଶ୍ମୀରରୁ କନ୍ୟାକୁମାରୀ ଏବଂ ଗୁଜୁରାଟର କଚ୍ଛଠାରୁ ଆରମ୍ଭ କରି ଆସାମର ଦିବ୍ରୁଗଡ଼ ପର୍ଯ୍ୟନ୍ତ ଏହି ଦଳ ପରିବ୍ୟାପ୍ତ ହୋଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଆଜିର ଦିନଟି ଆମ ପାଇଁ ଗର୍ବର ଦିନ। ଏହି ଦିନ ଆମକୁ ଆମର ମୂଲ୍ୟବୋଧ, ନୀତି, ଦୃଢ଼ ସଂକଳ୍ପକୁ ପୁନଃସ୍ମରଣ କରାଏ। ସଂଗଠନର ଶକ୍ତି ଓ ସମର୍ପଣ ଭାବକୁ ସ୍ମରଣ କରି ଭବିଷ୍ୟତପିଢ଼ି ପାଇଁ ନୂତନ ଶକ୍ତି ଓ ଶପଥ ନେବାର ସମୟ। ଏକାଗ୍ର ମନୋବଳ ସହ ଦେଶ ଓ ସମାଜ ଗଢ଼ିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି।

ସର୍ବସ୍ପର୍ଶୀ, ସର୍ବବ୍ୟାପୀ, ସର୍ବସମାବେଶୀ ଓ ସଂକଳ୍ପ ମାଧମରେ ଅନ୍ତ୍ୟୋଦୟକୁ ଅଗ୍ରାଧିକାର ଦେଇ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବେ ପ୍ରତିଷ୍ଠିତ କରାଇଥିବା ସମସ୍ତ କାର୍ଯ୍ୟକର୍ତାଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଥର ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ତାଙ୍କ ପୂର୍ବରୁ ଶ୍ରୀ ବାଜପେୟୀ ୧୯୯୬, ୯୮ ଓ ୯୯ରେ ପ୍ରଧାନମନ୍ତ୍ରୀ ଭାବେ ଦେଶକୁ ବିକାଶ କରିବାକୁ ପ୍ରୟାସ କରିଥିଲେ। ତାଙ୍କ ବିକଶିତ କାର୍ଯ୍ୟଧାରାକୁ ଏବେ ମୋଦିଜୀ ଆଗେଇ ନେଇଛନ୍ତି।

'ସବ କା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ'କୁ ମୂଳମନ୍ତ୍ର କରି ରାଷ୍ଟ୍ରହିତ ପାଇଁ ସବୁବର୍ଗର ଉନ୍ନତି ପାଇଁ ବିଜେପି କାର୍ଯ୍ୟ କରୁଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥରପାଇଁ ବିଜେପି ଏକାକୀ ସରକାର ଗଠନ କରିବାରେ ସକ୍ଷମ ହୋଇଛି।

ନିର୍ବାଚନ ସମୟରେ ସଂକଳ୍ପପତ୍ରରେ ଯାହାସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସରକାର ଗଠନର ମାତ୍ର ୧୦ମାସ ଅବଧି ମଧ୍ୟରେ ଅଧିକାଂଶ ପୂରଣ କରିପାରିଛି। ଓଡ଼ିଶାରେ ଥିବା ସମ୍ଭାବନାଗୁଡ଼ିକୁ ପୂରଣ କରି ୨୦୩୬ରେ "ବିକଶିତ ଓଡ଼ିଶା" ଗଠନ କରିବାକୁ ବିଜେପି ଲକ୍ଷ୍ୟ ରଖିଛି। ସମସ୍ତଙ୍କ ଅଖଣ୍ଡ ପରିଶ୍ରମ ବଳରେ ଏବଂ ସରକାର ଓ ଦଳର ସମନ୍ୱୟରେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବା। ଏଥିପାଇଁ ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠି ସାମୁହିକ ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ ପଣ୍ଡିତ ଦୀନଦୟାଲଜୀଙ୍କ ଅନ୍ତ୍ୟୋଦୟ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ପହଂଚାଇବାର ବଜ୍ର ଶପଥ ନେଇ ଗଢି ଉଠିଥିଲା ବିଜେପି। ଲକ୍ଷ୍ୟ ଥିଲା ସମାଜର ତଳ ସ୍ତରରେ ରହୁଥିବା ଲୋକଙ୍କ ପାଖରେ ବିକାଶ ପହଞ୍ଚାଇବା। ରାଷ୍ଟ୍ରର ସେବା କରି, ତାର ଅଖଣ୍ଡତାକୁ ବଜାୟ ରଖିବା ସହ ନିରନ୍ତର ଭାବେ ସେବା କରିବା ଫଳରେ ଦଳ ଓଡ଼ିଶା ପ୍ରଦେଶ ଆଜି ତା'ର ସଂଗଠନକୁ ସୁଦୃଢ଼ କରିପାରିଛି।

ଆମର ଲକ୍ଷ୍ୟ ହେଉଛି ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ। ଆଜି ବିଜେପି ସରକାର ଚାଷୀ, ଶ୍ରମିକ, ମହିଳା, ଯୁବକ, ଗରିବ, ପଛୁଆବର୍ଗର ଲୋକଙ୍କ କାମ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ବିଜେପି ସବୁବେଳେ ସମାଜର ଶେଷ ପାହାଚରେ ରହିଥିବା ବ୍ୟକ୍ତିର ବିକାଶ ପାଇଁ ଗୁରୁତ୍ୱ ଦେଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିରନ୍ତର ଉଦ୍ୟମ ଫଳରେ ଭାରତବର୍ଷ ଆଜି ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଭାବେ ଗଢି ଉଠିବା ପାଇଁ ଅଟଳ ସଂକଳ୍ପବଦ୍ଧ ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ଥାପନା ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଳ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜସଭା ସଦସ୍ୟ ସୁଜିତ୍ କୁମାର, ସାଂସଦ ବଳଭଦ୍ର ମାଝୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପିତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହୋଇପାରିବେ ଅବୈଧ ସନ୍ତାନ



**କଟକ,୬।୪ (ସଂଚାର ବ୍ୟୁରୋ) :** ଦ୍ୱିତୀୟ କିମ୍ବା ଅବୈଧ ବିବାହରୁ ଜନ୍ମିତ ପିଲାମାନେ କେବଳ ସ୍ୱ-ଅର୍ଜିତ ନୁହେଁ ବରଂ ସେମାନଙ୍କ ପିତାଙ୍କ ପୈତୃକ ସମ୍ପତ୍ତିର ମଧ୍ୟ ଉତ୍ତରାଧିକାରୀ ହେବାର ହକଦାର। ଓଡ଼ିଶା ହାଇକୋର୍ଟ କହିଛନ୍ତି ଯେ ହିନ୍ଦୁ ବିବାହ ଆଇନ(ଏଚ୍‌ଏମ୍‌ଏ) ଯାହା ଅବୈଧ ବିବାହରୁ ଜନ୍ମିତ ପିଲାମାନଙ୍କୁ ବୈଧତା ପ୍ରଦାନ କରେ ଏବଂ ହିନ୍ଦୁ ଉତ୍ତରାଧିକାର ଆଇନ(ଏଚ୍‌ଏସ୍‌ଏ) ଯାହା ବୈଧ ସନ୍ତାନମାନଙ୍କୁ ପିତାମାତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହେବାର ଅଧିକାର ମଧ୍ୟ ଦେଇଥାଏ।

ବିଚାରପତି ବିଭୁ ପ୍ରସାଦ ରାଉତରାୟ ଏବଂ ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଜଣେ ୮୦ ବର୍ଷୀୟ ମହିଳାଙ୍କ ବୈବାହିକ ଆବେଦନକୁ ଖାରଜ କରିଦେଇଛନ୍ତି ଯିଏ ଏକ ପରିବାର କୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ ଯାହା ତାଙ୍କ ମୃତ ସ୍ୱାମୀଙ୍କ ଦ୍ୱିତୀୟ ପତ୍ନୀ ଥିବା ୭୦ ବର୍ଷୀୟ ମହିଳାଙ୍କ ସନ୍ତାନମାନଙ୍କୁ ଉତ୍ତରାଧିକାର ଅଧିକାର ପ୍ରଦାନ କରିଥିଲା। "ଏଚ୍‌ଏମ୍‌ଏ ର ଧାରା ୧୬ ଅବୈଧ ଏବଂ ଅକ୍ଷମ ବିବାହରୁ ଜନ୍ମିତ ପିଲାମାନଙ୍କୁ ବୈଧତା ପ୍ରଦାନ କରେ, ଏହା ନିଶ୍ଚିତ କରେ ଯେ ସେମାନେ ସେମାନଙ୍କ ପିତାମାତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହେବାର ହକଦାର। ସେହିପରି ଏଚ୍‌ଏସ୍‌ଏ ଅନୁଯାୟୀ, ଏଚ୍‌ଏମ୍‌ଏର ଧାରା ୧୬ ଅନୁଯାୟୀ ବୈଧ ସନ୍ତାନ ସମେତ ବୈଧ ସନ୍ତାନମାନେ ଶ୍ରେଣୀ-୧ ଉତ୍ତରାଧିକାରୀ ବର୍ଗରେ ପଡ଼ନ୍ତି, ଯାହା ସେମାନଙ୍କୁ ସେମାନଙ୍କ ପିତାମାତାଙ୍କ ସ୍ୱ-ଅର୍ଜିତ ସମ୍ପତ୍ତିର ଉତ୍ତରାଧିକାରୀ ହେବାର ଏକ ନିର୍ବିବାଦୀୟ ଅଧିକାର ପ୍ରଦାନ କରେ," କୋର୍ଟ କହିଛନ୍ତି। ତେବେ ଏହି ଦେୱାନୀ ମକଦ୍ଦମାରେ ମହିଳା ଏକ ଘୋଷଣା କରିବାକୁ ଚାହୁଁଥିଲେ ଯେ ସେ ମୃତ ବ୍ୟକ୍ତିଙ୍କ ଆଇନଗତ ଭାବରେ ବିବାହିତ ପତ୍ନୀ, ଏବଂ ତେଣୁ ଯଥାର୍ଥ ଆଇନଗତ ଉତ୍ତରାଧିକାରୀ। ସେ କହିଥିଲେ ଯେ ସେମାନଙ୍କର ବିବାହ ଜୁନ୍ ୧୯୬୬ ରେ ହିନ୍ଦୁ ରୀତିନୀତି ଅନୁସାରେ ହୋଇଥିଲା। ସେ ଆହୁରି ଅଭିଯୋଗ କରିଥିଲେ ଯେ ଅନ୍ୟ ଜଣେ ମହିଳା, ଜଣେ ଅବସରପ୍ରାପ୍ତ ନର୍ସ, ତାଙ୍କ ସ୍ୱାମୀଙ୍କ ସହିତ କାମ କରୁଥିଲେ କିନ୍ତୁ ତାଙ୍କ ସହିତ ତାଙ୍କର କୌଣସି ବୈଧ ବୈବାହିକ ସମ୍ପର୍କ ନଥିଲା, କିନ୍ତୁ ତାଙ୍କ ପୈତୃକ ଏବଂ ସ୍ୱ-ଅର୍ଜିତ ସମ୍ପତ୍ତିର ଅଧିକାର ଦାବି କରୁଥିଲେ।

ଅକ୍ଟୋବର ୨୦୨୧ ରେ, ପରିବାର କୋର୍ଟ ୮୦ ବର୍ଷୀୟା ମହିଳାଙ୍କୁ ମୃତ ବ୍ୟକ୍ତିଙ୍କ ଆଇନଗତ ଭାବରେ ବିବାହିତ ପତ୍ନୀ ଏବଂ ଆଇନଗତ ଉତ୍ତରାଧିକାରୀ ଭାବରେ ଘୋଷଣା କରିଥିଲେ, ତାଙ୍କୁ ସମ୍ପତ୍ତିର ଉତ୍ତରାଧିକାରୀ ହେବାର ହକଦାର କରିଥିଲେ।

ଅବସରପ୍ରାପ୍ତ ନର୍ସ ଜଣକ ପରେ ହାଇକୋର୍ଟରେ ଏକ ବୈବାହିକ ଆବେଦନ ଦାଖଲ କରିଥିଲେ, ଏବଂ ତାଙ୍କ ପକ୍ଷ ଉପସ୍ଥାପନ କରିବା ପାଇଁ ତାଙ୍କୁ ଉପଯୁକ୍ତ ସୁଯୋଗ ଦିଆଯାଇ ନଥିଲା ବୋଲି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ।

# ୩ କଲରାପତରିଆ ଶାବକ ଠାବ

**ଉମରକୋଟ,୬।୪ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ସୀମାନ୍ତରୁ କଲରାପତରିଆ ଶାବକ ଠାବ । ଛତିଶଗଡର କାଙ୍କେର ଜିଲ୍ଲାର ଜୁନବାନି ଗାଁରେ ୩ଟି କଲରାପତରିଆ ଶାବକ ଠାବ ହୋଇଛନ୍ତି । ଗ୍ରାମବାସୀଙ୍କ



ନିକଟରୁ ଖବର ପାଇ ବନ ବିଭାଗର ଏକ ଟିମ୍ ପହଞ୍ଚିଛନ୍ତି । ଶାବକଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ଆଖପାଖ ଅଂଚଳରେ ସେମାନଙ୍କ ମା ବାଘ ରହିଥିବା ଅନୁମାନ କରି ଲୋକଙ୍କୁ ସତର୍କ କରାଇଛି ବନବିଭାଗ ।

# ଆଜି ଭୁବନେଶ୍ୱରରେ ଯୋଗ ମହୋତ୍ସବ




**ଭୁବନେଶ୍ୱର,୬।୪ (ସଂଚାର ବ୍ୟୁରୋ):** ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏପ୍ରିଲ ୭ (ସୋମବାର) ରାଜଧାନୀ ଭୁବନେଶ୍ୱରରେ ଯୋଗ ମହୋତ୍ସବ-୨୦୨୫ ଆୟୋଜନ ହେବ। ଆୟୁଷ ମନ୍ତ୍ରଣାଳୟ ଏବଂ ମୋରାଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ମିଳିତ ଭାବରେ ସକାଳ ୬.୩୦ ରୁ ସକାଳ ୮ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଯୋଗ ମହୋତ୍ସବ ଆୟୋଜନ କରିବେ। କେନ୍ଦ୍ର ଆୟୁଷ ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଗଣପତରାଓ ଯାଦବ ଏହି ମେଗା ଇଭେଣ୍ଟକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୁରୀ ସାଂସଦ ସମ୍ବିତ ପାତ୍ର, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଆୟୁଷ ମନ୍ତ୍ରଣାଳୟର ସଚିବ ରାଜେଶ କୋଟେଚା ଏବଂ ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ ମଧ କାର୍ଯ୍ୟକ୍ରମରେ ଯୋଗ ଦେବେ।ଜୁନ୍ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସର ପୂର୍ବସୂରୀ ଭାବରେ କଳିଙ୍ଗ ଷ୍ଟାଡିୟମରେ ଯୋଗ ମହୋତ୍ସବ-୨୦୨୫ ଆୟୋଜନ କରାଯିବ। ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ଭୁବନେଶ୍ୱରରେ ଯୋଗ ମହୋତ୍ସବ ଆୟୋଜନ ସହିତ, ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୫ ପାଇଁ ୭୫ ଦିନିଆ କାଉଣ୍ଟଡାଉନ୍ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୪ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଗ୍ରହଣ କରାଯିବା ପରେ ଜୁନ୍ ୨୧ ତାରିଖରେ ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି।

# ଖପୁରିଆ କରତକଳକୁ ଗଲା ମହାପ୍ରଭୁଙ୍କ ଆଜ୍ଞାମାଳ, ରଥକାଠ ଚିରଟ ଆରମ୍ଭ



**ପୁରୀ/କଟକ,୬।୪ (ସଂଚାର ବ୍ୟୁରୋ) :** ଆଜି ହେଉଛି ପବିତ୍ର ଶ୍ରୀରାମ ନବମୀ । ପରମ୍ପରା ଅନୁଯାୟୀ, ଆଜି ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ରଥକାଠ ଚିରଟ ଶୁଭାରମ୍ଭ କରାଯାଇଛି । କଟକର ଖପୁରିଆ ସ୍ଥିତ ସରକାରୀ କରତ କଳରେ ରଥକାଠ ଚିରଟ ଅନୁକୂଳ କରାଯାଇଛି। ଏଥିପାଇଁ କରତ କଳରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗତ ୨ ଦିନ ପୂର୍ବରୁ ବଡ଼ମ୍ବା ଉପଖଣ୍ଡରୁ କାଠ ଖପୁରିଆ ସ୍ଥିତ ସରକାରୀ କରତ କଳକୁ ଅଣାଯାଇଥିଲା । ଆଜି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ମନ୍ତ୍ର ଉଚ୍ଚାରଣ କରି କାଠ ଚିରାଯାଇ ରଥକାଠ ଅନୁକୂଳ କରାଯାଇଛି । ରଥକାଠ ଚିରଟ ପାଇଁ ଆଜି ପୁରୀରୁ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, ଭୋଇ ସର୍ଦ୍ଦାର, ରଥ ଅମିନ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ମାଳ, ମହାପ୍ରସାଦ, ପତନି, ଧୂପ, ଦୀପ, ଆଦି ସବୁ ପୂଜା ଜିନିଷ ଧରି କଟକ ଖପୁରିଆ କରତ କଳକୁ ଗସ୍ତ କରିଥିଲେ । ସେଠାରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ କାଠ ଚିରଟ ଶୁଭାରମ୍ଭ ହୋଇଥିଲା । ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଶବ୍ଦରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ପରମ୍ପରା ମୁତାବକ, ୧୨ଫୁଟ ଲମ୍ବ ବିଶିଷ୍ଟ ତିନିଖଣ୍ଡ ଧଉରା କାଠ ଚିରଟ କରାଯାଇଛି। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀମାନେ ରଥକାଠ ଅନୁକୂଳ ବେଳେ ଉପସ୍ଥିତ ଥିଲେ। ଆଗାମୀ ଏପ୍ରିଲ 30 ତାରିଖରେ ପବିତ୍ର ଅକ୍ଷୟ ତୃତୀୟ । ସେହିଦିନ ରଥଖଳାରେ ତିନି ରଥ ନିର୍ମାଣର ଶୁଭାରମ୍ଭ ହେବ । ଆଗାମୀ ଜୁନ ୨୭ ତାରିଖ ରଥଯାତ୍ରା ଅନୁଷ୍ଠିତ ହେବ । ସେଥିପାଇଁ ସବୁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି । ଚଳିତ ବର୍ଷ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବା ବେଳେ ୨୬୧ଖଣ୍ଡ କାଠ କରତକଳ ଓ ରଥଖଳା ଆସି ସାରିଛି । ପର୍ଯ୍ୟାୟକ୍ରମେ ଅନ୍ୟ ୫୫୩ ଖଣ୍ଡ କାଠ ଆସି ରଥଖଳାରେ ପହଞ୍ଚିବ। ଆଜି ପବିତ୍ର ଶ୍ରୀରାମ ନବମୀ ତିଥିରେ ତିନୋଟି ଧଉରା କାଠ ଚିରଟ ହେବାର ବିଧି ରହିଛି। ଆଗାମୀ ଚୈତ୍ର ପୂର୍ଣ୍ଣମୀ ପରେ ରଥଖଳା ପ୍ରସ୍ତୁତି ଆରମ୍ଭ ହେବ ।

# ଯାଜପୁର ରୋଡ-ଧାମରା ରେଳପଥ ଲାଗି ଅର୍ଥ ମଞ୍ଜୁର ନକରିବା ଦୁର୍ଭାଗ୍ୟଜନକ: ରାମଚନ୍ଦ୍ର ଖୁଣ୍ଟିଆ



**ଯାଜପୁର,୬।୪ (ସଂଚାର ବ୍ୟୁରୋ) :** ଯାଜପୁର, ଭଦ୍ରକ ଓ କେନ୍ଦ୍ରପଡା ଜିଲ୍ଲା ଲାଗି ପ୍ରାୟ ଛ ଦଶନ୍ଧି ରୁ ଊର୍ଦ୍ଧ ହେବ ପ୍ରସ୍ତାବିତ ଯାଜପୁର ରୋଡ- ଧାମରା ଭାୟା ଯାଜପୁର ଟାଉନ୍, ଆରଡ଼ି, ଭିତରକନିକା ପ୍ରକଳ୍ପ ଲାଗି ଚଳିତ ସଂସଦ ଅଧିବେଶନ ରେ ବି କେନ୍ଦ୍ର ସରକାର ଅର୍ଥ ମଞ୍ଜୁର ନକରିବାରୁ ଯାଜପୁର ରୋଡ- ଧାମରା ରେଳପଥ ସଂଗ୍ରାମ ପରିଷଦ ର ଅଧ୍ୟକ୍ଷ ପ୍ରାକ୍ତନ୍ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଦୃଢ଼ ପ୍ରତିବାଦ କରିଛନ୍ତି। ପ୍ରକାଶଥାଉକି ପୂର୍ବରୁ କୌଣସି ପ୍ରସ୍ତାବ ନଥାଇ ମଧ୍ୟ କେନ୍ଦ୍ର ସରକାର ବଜେଟ ପାସ ହେବା ପୂର୍ବରୁ ଓଡ଼ିଶା ଓ ଓଡ଼ିଶା ବାହରେ ନୂତନ ରେଳପଥ ମଞ୍ଜୁର ନିମନ୍ତେ ଅର୍ଥ ବ୍ୟୟ ବରାଦ କରୁଥିବାବେଳେ "ଯାଜପୁର ରୋଡ -ଧାମରା ରେଳପଥ ପ୍ରକଳ୍ପ ଲାଗି ଅର୍ଥ ମଞ୍ଜୁର କରିବା ପରିବର୍ତ୍ତେ ବିଭିନ୍ନ ଛୋଟ ଛୋଟ ଆଳ ଦେଖାଇ ରେଳ ବିଭାଗ ଓ ରେଳ ବୋର୍ଡ, ନୂଆଦିଲ୍ଲୀ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳେବାଇ ବିଭାଗକୁ ଫାଇଲ ଫେରେଇ ଦେବା ଅତ୍ୟନ୍ତ ନ୍ୟୁନ ଚିନ୍ତାଧାରା ବୋଲି ପରିଷଦର ଆବାହକ ସନ୍ତୋଷ କୁମାର ନନ୍ଦ ମତବ୍ୟକ୍ତ କରିଥିଲେ।

ବର୍ଷ ବର୍ଷ ଧରି ଯାଜପୁର, ଭଦ୍ରକ ଓ କେନ୍ଦ୍ରପଡା ଜିଲ୍ଲାର ଅନ୍ୟୁନ ଲକ୍ଷ ଲକ୍ଷ ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ କେନ୍ଦ୍ର ମନ୍ତ୍ରୀ ଅଣଦେଖା କରିବା ଆଦୌ ଗ୍ରହଣୀୟ ଓ ସମୀଚୀନ ନୁହେଁ ବୋଲି ପରିଷଦର ସଂଯୋଜକ ପଦ୍ମାକର ଗୁରୁ ମତପୋଷଣ କରିଥିଲେ। ଏଣୁ ତୁରନ୍ତ ଏହି ରେଳ ପ୍ରକଳ୍ପ ଲାଗି ଅର୍ଥ ମଞ୍ଜୁର କରାନଗଲେ ପରିଷଦ ପକ୍ଷରୁ ଯାଜପୁର ରୋଡ ରେଳ ଷ୍ଟେସନ, ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଓ ସଂସଦ ଭବନ ଆଗରେ ପରିଷଦ ପକ୍ଷରୁ ଧାରଣା ଦିଆଯିବ ବୋଲି ଅଧ୍ୟକ୍ଷ ଡ. ଖୁଣ୍ଟିଆ ଚେତାବନୀ ଦେଇଛନ୍ତି। ସେହିପରି ଭାବେ ଯାଜପୁର ରୋଡ ଠାରେ ରେଳ ଡିଭିଜନ୍ ପ୍ରତିଷ୍ଠା, ଯାଜପୁର ରୋଡ ରେଳ ଷ୍ଟେସନ ର ଉଭୟ ପାର୍ଶ୍ୱରେ ରାସ୍ତା ନିର୍ମାଣ, କୋରେଇ ଓ ବୈତରଣୀ ରୋଡ ରେଳ ଷ୍ଟେସନ୍ ର ଉନ୍ନତିକରଣ ଲାଗି ଡ. ଖୁଣ୍ଟିଆ ଦୃଢ଼ ଦାବି କରିଛନ୍ତି।

# ସ୍ତ୍ରୀକୁ ହାଣିଲା ସ୍ୱାମୀ; ଶାଳୀ,ପୁଅକୁ ବି ଛାଡ଼ିଲାନି

**କଟକ,୬।୪ (ସଂଚାର ବ୍ୟୁରୋ) :** ସ୍ତ୍ରୀକୁ ହାଣିଲା ସ୍ୱାମୀ । ଶାଳୀ ଓ ପୁଅକୁ ବି ଛାଡ଼ିଲାନି ସୈତାନ। ରାତିରେ ଶୋଇଥିବା ଅବସ୍ଥାରେ ଫାର୍ଶାରେ ଆକ୍ରମଣ କରିଛି । ଢେଙ୍କାନାଳ ଜିଲ୍ଲା ତାଳବଡ଼କୋର୍ଟରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଆକ୍ରମଣରେ ୩ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ୩ ଗୁରୁତରଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଆହୁରି ଗୁରୁତର ହେବାରୁ ସମସ୍ତଙ୍କୁ କଟକ SCBକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇନାହିଁ। ତେବେ କେଉଁ କାରଣ ପାଇଁ ଏହି ବିଭତ୍ସକାଣ୍ଡ ଘଟିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି ।

# ଶ୍ୱଶୁର ଘର ଉପରେ ଜ୍ୱାଇଁର ବୋମାମାଡ଼



**ନରସିଂପୁର,୬।୪ (ସଂଚାର ବ୍ୟୁରୋ) :** ଜ୍ୱାଇଁର ଉନ୍ମତ୍ତ କାଣ୍ଡ । ଶ୍ୱଶୁର ଘର ଉପରେ ବୋମା ମାଡ଼ କଲା ଜ୍ୱାଇଁ । ବୋମାମାଡ଼ରେ ଘରରେ ଅନେକ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ନରସିଂହପୁର ଥାନା ଅନ୍ତର୍ଗତ ମୁସଲମାନ ସାହିରେ ଘଟିଛି ଏପରି ଘଟଣା । ଖବର ଅନୁଯାୟୀ, ନରସିଂହପୁର ଥାନା ଅଞ୍ଚଳ ସୁଲତାନ ମହମ୍ମଦଙ୍କ ଘରକୁ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଗାଁର ଜ୍ୱାଇଁ ଅବଦୁଲ୍ ମନସୁର ଆସିଥିଲେ । ମନ୍‌ସୁରଙ୍କ ସହ ତାଙ୍କର ଦୁଇ ସହଯୋଗୀ ମଧ୍ୟ ଆସିଥିଲେ । ବିଳମ୍ବିତ ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ବିବାଦକୁ ପାଟିତୁଣ୍ଡ ହୋଇଥିଲା । ଯେଉଁଥିରେ ଉତ୍‌କ୍ଷିପ୍ତ ହୋଇ ମନ୍‌ସୁର୍ ଦୁଇ ବୋମା ଶ୍ୱଶୁର ଘର ଉପରକୁ ଫିଙ୍ଗିଛନ୍ତି । ଯେଉଁଥିରେ ଘରର କବାଟ, ଝରକା, କାଚ ସହ ଅନେକ ଆସବାବପତ୍ର ନଷ୍ଟ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକେ । ଅନ୍ୟପଟେ ବୋମାମାଡ଼ ସଂପର୍କରେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରୁଛି ।

# ଗ୍ୟାସ୍ ଟାଙ୍କି ଫାଟି ଜଳିଗଲା ଘର

**ଆନନ୍ଦପୁର,୬।୪ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଖେଡୁଆଳି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିପୋଡ଼ି ଛାରଖାର୍ ହୋଇଯାଇଛି। ଗ୍ରାମର ପୀତବାସ ଦାସଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ରୋଷେଇ ଘରେ ଥିବା ଗ୍ୟାସ ଟାଙ୍କି ଫାଟି ଯିବାରୁ ଲୋକମାନେ ନିଆଁ ପାଖକୁ ଯିବାକୁ ସାହସ କରି ପାରି ନ ଥିଲେ। ହାଟଡିହୀ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ ବି ବହୁ ବିଳମ୍ବରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନିଆଁରେ ଜଳି ଛାରଖାର ହୋଇଯାଇଥିଲା।

# ଓଲଟିଲା ପିକଅପ ଭ୍ୟାନ, ୫୦ରୁ ଅଧିକ ଯାତ୍ରୀ ଆହତ

**ବାଂଶପାଳ,୬।୪ (ସଂଚାର ବ୍ୟୁରୋ) :** ଭୋଜି ଖାଇବାକୁ ଯିବା ବେଳେ ଓଲଟିଲା ପିକଅପ ଭ୍ୟାନ। ୫୦ରୁ ଅଧିକ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି । ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳ ରଢା ଗାଁର ଲୋକ ତଳଯାଗରକୁ ଭୋଜି ଖାଇବାକୁ ଏକ ପିକଅପ ଭ୍ୟାନରେ ବାହାରିଥିଲେ । ଏହି ସମୟରେ ବାଂଶପାଳ ଆଇଟିଆଇ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ପିକଅପ ଭ୍ୟାନ । ଦୁର୍ଘଟଣାରେ ୫୦ରୁ ଅଧିକ ପୁରୁଷ ଓ ମହିଳା ଆହତ ହୋଇଛନ୍ତି। ଆହତଙ୍କୁ ବାଂଶପାଳ ମେଡିକାଲରେ ଭର୍ତ୍ତି କରାଯାଇଛି । ୪ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।



# ସମ୍ବଲପୁର ଗସ୍ତରେ ଛତିଶଗଡ଼ ରାଜ୍ୟପାଳ



**ସମ୍ବଲପୁର,୬।୪ (ସଂଚାର ବ୍ୟୁରୋ) :** ସମ୍ବଲପୁର ଗସ୍ତରେ ଆସି ଆସାମର ବିଶିଷ୍ଟ ଲେଖକ ଲକ୍ଷ୍ମୀନାଥ ବେଜବରୁଆଙ୍କ ଐତିହାସିକ ବେଜବରୁଆ ହାଉସ ପରିଦର୍ଶନ କରିଛନ୍ତି ଛତିଶଗଡ ରାଜ୍ୟପାଳ ରମେନ ଡେକା । ଏଠାରେ କିଛ ସମୟ ବିତାଇବା ପରେ ଖୁସି ପ୍ରକାଶ କରି ଆସାମ ଓ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଜି ଅପରାହ୍ନ ୪ ଟାରେ ସେ ସମ୍ବଲପୁର କଚେରୀ ଛକରେ ପହଞ୍ଚିଥିଲେ । ପରେ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନ ଗୃହ ପରିଦର୍ଶନ କରିଥିଲେ। ଛତିଶଗଡ ରାଜ୍ୟପାଳ ରମେନ ଡେକା କହିଛନ୍ତି ଯେ, ଆସାମର ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନ ଗୃହ ବୁଲିକି ବହୁତ ଖୁସି ଲାଗିଲା। ସମ୍ବଲପୁର ତାଙ୍କର କର୍ମଭୂମୀ । ଏଠାରେ ସେ ଅଧିକ ସମୟ ବିତାଇଛନ୍ତି। ଏଠାରେ ଅମୂଲ୍ୟ ସାହିତ୍ୟର ସୃଷ୍ଟି ହୋଇଛି । ଆସାମ ପାଇଁ ଲକ୍ଷ୍ମୀନାଥ ବେଜବରୁଆ ଏକ ଅବିସ୍ମରଣୀୟ ନାମ । ଲକ୍ଷ୍ମୀନାଥ ବେଜବରୁଆଙ୍କ ଏହି ସାଧନା ଗୃହକୁ ବହୁତ ସୁନ୍ଦର ଭାବେ ସଂରକ୍ଷଣ କରି ରଖା ଯାଇଛି, ଏଥିପାଇଁ ଆମେ ଆସାମ ସରକାର ଓ ଓଡିଶା ସରକାରଙ୍କୁ କୃତଜ୍ଞତା ଜଣାଉଛୁ । ଏଠାରେ ଏକ ଡିଜିଟାଲ ଲାଇବ୍ରେରୀ ହୋଇଗଲେ ଲୋକ ଏହି ବିଶିଷ୍ଟ ଲେଖକଙ୍କ ସାହିତ୍ୟ ପ୍ରତି ଥିବା ଅବଦାନ ବିଷୟରେ ଜାଣି ପାରିବେ। ବେଜବରୁଆ ଏଠାକୁ ଆସି ସେହି ସମୟରେ କାଠ ବ୍ୟବସାୟ କରୁଥିଲେ ଓ ଲୋକଙ୍କୁ ରୋଜଗାର ମଧ୍ୟ ଦେଉଥିଲେ । ସେ ଜଣେ ଉଦ୍ୟମୀ ହେବା ସହ ଭଲ ଲେଖକ ମଧ୍ୟ ଥିଲେ । ଆଜି ସମ୍ବଲପୁର ଗସ୍ତରେ ଆସି ଅପରାହ୍ନ ୪ ଟାରେ କଚେରୀ ଛକରେ ପହଞ୍ଚିବା ପରେ ଛତିଶଗଡ ରାଜ୍ୟପାଳ ରମେନ ଡେକାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ସେ ଆସାମର ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନ ଗୃହରେ କିଛି ସମୟ ବିତେଇ ଖୁସି ପ୍ରକାଶ କରିଥିଲ ।

ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର

୪ ସୋମବାର ୭ ଏପ୍ରିଲ ୨୦୨୫, ଭୁବନେଶ୍ୱର
Monday 7 April 2025 Bhubaneswar

# ବିଜେଡିରେ କାଳବୈଶାଖୀ

ଗତ ବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଶୋଚନୀୟ ଭାବେ ପରାଜିତ ହେବା ପରେ ଦଳରେ ଏକ ପ୍ରକାର ଝଡ଼ ସୃଷ୍ଟି ହୋଇଛି। ବିଜେଡିର ଏହି ପରାଜୟ ସମ୍ପୂର୍ଣ୍ଣ ଭାବେ ଅପ୍ରତ୍ୟାଶିତ ବୋଲି କୁହାଯାଉଛି। କାରଣ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ହ୍ରାସ ପାଇନଥିଲେ ମଧ୍ୟ ବିଭିନ୍ନ କାରଣରୁ ଦଳ ପରାଜିତ ହେଲା। ଏପରିକି ନବୀନ ନିଜେ ଗୋଟିଏ ଆସନରୁ ପରାଜିତ ହେଲେ। ହିଞ୍ଜିଳିରୁ ସ ÷ଳ୍ପକେ ବିଜୟୀ ହେଲେ। ଯଦି ସେଠାରେ ବିଜେପି ଜଣେ ଭଲ ପ୍ରାର୍ଥୀ ଦେଇଥାଆନ୍ତା ତେବେ ନୀନଙ୍କ ପରାଜୟ ସୁନିଶ୍ଚିତ ଥିଲା। ଏହାର ମୁଖ୍ୟ କାରଣ ହେଲା ନବୀନଙ୍କ ନିୟନ୍ତ୍ରଣରେ ଦଳ ନରହିବା। ନବୀନ ନିଷ୍କ୍ରିୟ ରହିଲେ, ବିଶେଷ ପ୍ରଚାର କଲେନି, ଜଣେ ଅଣଓଡ଼ିଆ ଅଫିସର ଚାକିରୀ ଛାଡ଼ି ଦଳକୁ ନିଜ କବଜାରେ ରଖିବାକୁ ଓଡ଼ିଶାବାସୀ ସହଜରେ ଗ୍ରହଣ କଲେନାହିଁ। ଏହି ବ୍ୟକ୍ତି ଜଣକ ନିର୍ବାଚନ ପରେ ରାଜନୀତିରୁ ସନ୍ୟାସ ଘୋଷଣା କଲେ। କିନ୍ତୁ ବାସ୍ତବରେ ସେ ଏବେ ବି ବିଜେଡିକୁ ନିଜ ଇଙ୍ଗିତରେ ପରିଚାଳନା କରୁଛନ୍ତି। ତାଙ୍କ ନିର୍ଦ୍ଦେଶରେ ବିଜେଡି ସାଂସଦ ଓ ବିଧାୟକମାନେ କାର୍ଯ୍ୟ କରୁଛନ୍ତି। ରାଜ୍ୟସଭାରେ ୱାକଫ ବିଲ ଉପରେ ଭୋଟ ବେଳେ ଦଳୀୟ ସାଂସଦଙ୍କ ଆଭିମୁଖ୍ୟ ଏବଂ ଦ୍ୱନ୍ଦ୍ୱ ଏହାର ଉଦାହରଣ। ୱାକଫ ବିଲ ଉପରେ ସଂସଦରେ ମତ ବିଭାଜନ ବେଳେ ବିଜୁ ଜନତା ଦଳ ସଭ୍ୟଙ୍କ ଆଭିମୁଖ୍ୟ ଅନେକଙ୍କୁ ବିସ୍ମିତ କରିଛି। ଦଳ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା ଯେ,ଦଳର ସାଂସଦମାନେ ଏହି ବିଲ ବିରୋଧରେ ଭୋଟ ଦେବେ। ବିଜେଡି ସାଂସଦ ମୁନ୍ନା ଖାଁ ଗୃହରେ ଏହା ସ୍ପଷ୍ଟ କରିଥିଲେ। କିନ୍ତୁ ଏହାର କିଛି ସମୟ ପରେ ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ, ଦଳୀୟ ସାଂସଦମାନେ



ନିଜ ବିବେକ ଅନୁଯାୟୀ ଭୋଟ ଦେବେ। ବିଜେଡିର ରାଜ୍ୟସଭାରେ ୭ଜଣ ସାଂସଦ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଏ ବିଲ ସପକ୍ଷରେ ଭୋଟ ଦେଇଛି ତ ଆଉ କିଏ ବିରୋଧରେ। ଜଣେ ଦୁଇଜଣ ଭୋଟ ଦାନରୁ ବିରତ ରହିଥିଲେ। ସାଂସଦ ଦେବାଶୀଷ ସାମନ୍ତରାୟ ଭୋଟଦାନରୁ ବିରତ ରହିଲେ। ସସ୍ମିତ ପାତ୍ର ବିଲ ସପକ୍ଷରେ ଭୋଟ ଦେଲେ। ଏହାକୁ ନେଇ ବିଜେଡିରେ ସୃଷ୍ଟି ହୋଇଛି ଝଡ଼। ସସ୍ମିତ ପାତ୍ର କିପରି ଦଳର ନିଷ୍ପତ୍ତି ବିରୋଧରେ ଭୋଟ ଦେଲେ ? କିଏ ତାଙ୍କୁ ଏଥିଲାଗି ସାହସଦ ଦେଲା ? ସାଂସଦ ଦେବାଶୀଷ ସାମନ୍ତରାୟ ପରୋକ୍ଷରେ କହିଛନ୍ତି ଯେ, ଦଳୀୟ ନିଷ୍ପତ୍ତି ବିରୋଧରେ ପଦକ୍ଷେପ ନେବାର କାହାର ସାହସ ନାହିଁ। ଏଥିପାଇଁ ସସ୍ମିତ ପାତ୍ରଙ୍କୁ ଦଳରେ କେହି ପରାମର୍ଶ ବା ନିର୍ଦ୍ଦେଶ ଦେଇଥିବେ। କିନ୍ତୁ ଏହି ବ୍ୟକ୍ତିଜଣକ କିଏ ? ସେ ନିଶ୍ଚିତ ଭାବେ ସେହି ଅବସରପ୍ରାପ୍ତ ଅଫିସର ଏବଂ ନବୀନଙ୍କ ମୁଖ୍ୟ ପରାମର୍ଶଦାତା। ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳର କେତେକ ନେତା ଦାବି କରିଛନ୍ତି। କିନ୍ତୁ ଏ ଯାବତ ସସ୍ମିତଙ୍କୁ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇନି। ଏଥିରୁ କ'ଣ ପ୍ରମାଣିତ ହେଉଛି ? ମୋଟ ଉପରେ ବିଜେଡି ଏହି ପ୍ରସଙ୍ଗରେ କିଛି ସ୍ପଷ୍ଟ ନୀତି ଗ୍ରହଣ କରିନଥିଲା। ଦଳର କିଛି ସାଂସଦ ବିଲ ସପକ୍ଷରେ ଭୋଟ ଦେଇଥିବାରୁ ଦଳ ଭିତରେ ଅନେକ ଏହାକୁ ନାପସନ୍ଦ କରିଛନ୍ତି ଏବଂ ଏହା ଦଳ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି କହିଛନ୍ତି। କଂଗ୍ରେସ କହିଛି ଯେ, ବିଜେଡି-ବିଜେପି ମେଣ୍ଟ ଏବେ ବି କାଏମ ରହିଛି। କଂଗ୍ରେସ ହେଉଛି ରାଜ୍ୟରେ ଏକମାତ୍ର ବିରୋଧୀ ଦଳ। ଯିଏ ଯାହା କହୁ ନା କାହିଁକି ଏଭଳି ଘଟଣା ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଦଳୀୟ ନେତା ଓ କର୍ମୀମାନେ ଏବେ ଦ୍ୱନ୍ଦ୍ୱରେ। କିଛି ଦିନ ହେବ ଏଭଳି ପ୍ରତୀୟମାନ ହେଉଥିଲା ଯେ, ବିଜୁ ଜନତା ଦଳ ଧିରେ ଧିରେ ବିଜେପିଠାରୁ ଦୁରେଇ ଯାଇ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକର ନିକଟତର ହେଉଛି। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ଚେନ୍ନାଇରେ ଅନୁଷ୍ଠିତ ବିରୋଧୀ ଦଳ ବୈଠକରେ ବିଜେଡି ଯୋଗ ଦେଇ ଏଭଳି ସଙ୍କେତ ପ୍ରଦାନ କରିଥିଲା। ତେବେ ସଂସଦରେ ୱାକଫ ବିଲକୁ ବିଜେଡି କାହିଁକି ସମର୍ଥନ କଲା ? ନବୀନ ଓ ତାଙ୍କ ପରାମର୍ଶଦାତାମାନେ ଏତେ ବୋକା ନୁହଁନ୍ତି। ସେମାନେ ଓଡ଼ିଆବାସୀଙ୍କ ମାନସିକତା ଭଲ ଭାବେ ଜାଣନ୍ତି। ଗତ ବର୍ଷ ତତ୍କାଳୀନ ସାଂସଦ ପିନାକୀ ମିଶ୍ର ସଂସଦରେ ଏହି କଥା ସ୍ପଷ୍ଟ କରି ଦେଇଥିଲେ। ବିଜେଡି ଜନ୍ମ ନେଇଥିଲା ଓଡ଼ିଶାରେ କଂଗ୍ରେସକୁ ପରାଜିତ କରିବା ନିମନ୍ତେ। ଏଥିପାଇଁ ଓଡ଼ିଶାବାସୀ ବିଜେଡିକୁ ଭୋଟ ଦିଅନ୍ତି। ତେଣୁ ବିଜେଡି କୋ÷ଣସି ପରିସ୍ଥିତିରେ ବି କଂଗ୍ରେସକୁ ସମର୍ଥନ କରିପାରିବ ନାହିଁ ବା କଂଗ୍ରେସ ସହ ହାତ ମିଳାଇପାରିବ ନାହିଁ। ଯଦି ବିଜେଡି କଂଗ୍ରେସ ସହ ହାତ ମିଳାଇବ ତେବେ ଏହା ଦଳ ପାଇଁ ଆତ୍ମଘାତୀ ହେବ। ଓଡ଼ିାର ୮୦% ଜନତା କଂଗ୍ରେସ ବିରୋଧୀ। ଯଦି ବିଜେଡି ନିଜ ନୀତି ପରିବର୍ତ୍ତନ କରି କଂଗ୍ରେସ ସହ ହାତ ମିଳାଏ ତେବେ ବିଜେପି ଏହାର ଫାଇଦା ନେବ ଏବଂ ସବୁ ଅଣକଂଗ୍ରେସ ଭୋଟ ବିଜେପି ସପକ୍ଷରେ ଚାଲିଯିବ। ଏହା ଫଳରେ ବିଜେଡି ଧୂଳିସାତ ହୋଇଯିବ। ତେଣୁ ୱାକଫ ବିଲ ବିରୋଧରେ ଭୋଟ ଦେଇ ବିଜେଡି ନିଜ ଗୋଡ଼ରେ କୁରାଢ଼ୀ ମାରିବାକୁ ଚାହିଁଲାନି। କିଛି ନେତା କହୁଛନ୍ତି ଯେ, ବିଜେଡି ନିଜ ଧର୍ମନିରପେକ୍ଷ ନୀତି ସହିତ ସାଲଇସ କରିଛି। ଏହା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। ଓଡ଼ିଶାରେ ଧର୍ମନିରପେକ୍ଷତା ସପକ୍ଷ ବା ବିପକ୍ଷ ବୋଲି କିଛି ସ୍ଥିତି ନାହିଁ। ଓଡ଼ିଶାବାସୀ ଧର୍ମ ଆଧାରରେ କେବେ ଭୋଟ ଦିଅନ୍ତି ନାହିଁ। ୱାକଫ ବିଲକୁ ସମର୍ଥନ କରି ବିଜେଡି ରାଜ୍ୟରେ ସଂଖ୍ୟାଲଘୁ ଭୋଟ ହରାଇବ ବୋଲି ଯେଉଁମାନେ କହୁଛନ୍ତି ସେମାନଙ୍କର ଧାରଣା ସମ୍ପୂର୍ଣ୍ଣ ଭୁଲ। ଓଡ଼ିଶାରେ ମୁସଲମାନ ଭୋଟରଙ୍କ ସଂଖ୍ୟା ଯଥେଷ୍ଟ କମ। ସଂଖ୍ୟାଲଘୁ ଭୋଟ ନିର୍ବାଚନରେ କେବେ ନିର୍ଣ୍ଣାୟକ ହୁଏ ନାହିଁ। ଏଭଳି ସ୍ଥିତି ଅତି ବେଶୀରେ ୪/୫ଟି ବିଧାନସଭା କ୍ଷେତ୍ରରେ ରହିଛି। ଏହା ସାମଗ୍ରୀକ ଭାବେ ବିଜେଡି ପାଇଁ କିଛି କ୍ଷତିକାରକ ହେବ ନାହିଁ। ଓଡ଼ିଶା ରାଜନୀତିରେ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ବୋଲି କିଛି ନାହିଁ। ୱାକଫ ବିଲକୁ ବିରୋଧ କରିଥିଲେ ବିଜେଡିକୁ ସବୁ ସଂଖ୍ୟାଲଘୁ ଭୋଟ ମିଳିଥାଆନ୍ତା ସେ ଭଳି ଭାବିବା ଭୁଲ। ଯାହା ବି ହେଲେ ଏହି ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟରେ ତ୍ରୁଟି ରହିଲା। ବିଲକୁ ସମର୍ଥନ ବା ବିରୋଧ ନକରି ବିଜେଡି ସାଂସଦମାନେ ଏହାକୁ ନିରର୍ଥକ ବୋଲି କହି ସାମୁହିକ ଭାବେ ଭୋଟ ଦାନ ବା ଆଲୋଚନାରୁ ଦୁରେଇ ରହିଥିଲେ ଭଲ ହୋଇଥାଆନ୍ତା। ବିଜେଡି ଗତ ୧୫ ବର୍ଷ ହେବ ବିଜେପି ଓ କଂଗ୍ରେସଠାରୁ ସମଦୂରତା ନୀତି ଅବଲମ୍ବନ କରି ଆସୁଛି। କିନ୍ତୁ ବାସ୍ତବରେ ଏହା ବିଜେପି ସପକ୍ଷରେ ଅଧିକ ନିଷ୍ପତ୍ତି ନେଉଛି। କଂଗ୍ରେସକୁ ତଳିତଳାନ୍ତ କରିବାରେ ଏହା ପ୍ରମୁଖ ଭୂମିକା ନେଇଛି। କଂଗ୍ରେସ ସହ ବିଜେଡି କଦାପି ହାତ ମିଳାଇପାରିବ ନାହିଁ। କିନ୍ତୁ ରାଜ୍ୟରେ କ୍ଷମତାସୀନ ବିଜେପି ସହ ଏହା ସାଲିସ ମଧ କରିପାରିବନି। ଏହା ବିଜେଡି ପାଇଁ ଅଗ୍ନିପରୀକ୍ଷା ଭଳି ହୋଇଛି। ବିଜେଡି ନେପତା ଭୂପିନ୍ଦର ସିଂହ କହିଛନ୍ତି ଦଳରେ କାଳ ବୈଶାଖୀ ସୃଷ୍ଟି ହୋଇଛି। କିଛି ସମୟ ପରେ ଏହା ଦୂର ହୋଇଯିବ। ବାସ୍ତବରେ କିନ୍ତୁ ବିଜେଡି ଏବେ ମହାବାତ୍ୟା ଆଡ଼କୁ ଗତି କରିବା ଭଳି ମନେ ହେଉଛି।

# ରାମ ନାମ ହିଁ ମୋର ବଳ: ଗାନ୍ଧିଜୀ



ଡଃ.ଅରୁନ୍ଧତୀ ଦେବୀ

ଗାନ୍ଧିଜୀ ଥିଲେ ପରମ ଭାଗବତ। ଚୈତନ୍ୟ ପ୍ରାପ୍ତି ହେବା ପରଠାରୁ ଜୀବନରେ ସେ କେବେ ଭଗବାନଙ୍କୁ ବି ସ୍ମରଣ ହେବାକୁ ଦେଇନାହାନ୍ତି। ଅନ୍ଧାର ରାତିରେ, ପାଣି ଭିତରେ, ଯାତ୍ରା ସମୟରେ, ଅତ୍ୟନ୍ତ ବ୍ୟସ୍ତତା ଭିତରେ ବି ସେ ଭଗବାନଙ୍କୁ ଭୁଲି ନାହାନ୍ତି। ସେ ସର୍ବଦା ନିଜକୁ ନିମିତ୍ତ ମନେ କରୁଥିଲେ ଏବଂ କହୁଥିଲେ ଯେ ସେ ଯାହା କିଛି କରୁଛନ୍ତି, ସେ ସବୁ ପ୍ରଭୁ ରାମଙ୍କର କୃପା। ରାମ ଯାହା ଚାହୁଁଛନ୍ତି ତାଙ୍କ ଦ୍ୱାରା ତାହା କରାଇ ନେଉଛନ୍ତି। ତେଣୁ ତାଙ୍କ ନିଜର କର୍ତ୍ତୃତ୍ୱ କିଛି ନାହିଁ।

ନିଜର ବ୍ୟକ୍ତିଗତ ଅନୁଭବରୁ ଗାନ୍ଧିଜୀ ଲେଖିଛନ୍ତି ଯେ ବିଷୟ ବାସନା ଉପରେ ବିଜୟଲାଭ କରିବାର ସ୍ୱର୍ଣ୍ଣିମ ଧାରା ରାମନାମ ଛଡ଼ା ଅନ୍ୟ କିଛି ନାହିଁ। ମୁଁ ଯଦି ସଂସାରରେ ବ୍ୟଭିଚାରୀ ହେବାରୁ ରକ୍ଷା ପାଇଯାଇଛି ତାହେଲେ ଏହା କେବଳ ରାମନାମର ପ୍ରଭବା ଯୋଗୁ। ଯେବେ ଯେବେ ମୋ ଉପରକୁ କଠିନ ପରିସ୍ଥିତି ଆସିଛି, ମୁଁ ରାମ ନାମ ନେଇଛି ଏବଂ ଉପକୃତ ହୋଇଛି। ବିକାର ବିଚାରରୁ ରକ୍ଷା ପାଇବାର ଅମୋଘ ଅସ୍ତ୍ର ହେଉଛି ରାମ ନାମ। ଏ ପ୍ରସଙ୍ଗରେ ଜଣେ ସନ୍ଥଙ୍କର ମନ୍ତବ୍ୟ ହେଉଛି ବିଷୟଜ୍ୱାଳାରୁ ମୁକ୍ତିର ଅମୋଘ ମନ୍ତ୍ର ରାମ ନାମ। କିନ୍ତୁ ହୃଦୟର ଯୋଗ ଆବଶ୍ୟକ। ଅସହାୟ ବାଳକ ଯେପରି ମାଆଁକୁ ଡାକେ, ସେହିପରି ହୃଦୟ କନ୍ଦରରୁ ପ୍ରଭୁଙ୍କୁ ଡାକିବା ଉଚିତ। ଗାନ୍ଧିଜୀ କହନ୍ତି ରାମ ନାମର ପ୍ରତାପରେ ସମୁଦ୍ରରେ ପଥର ଭାସିଲା, ରାବଣର ବିଶାଳପୁରୀକୁ ବାନରସେନା ଧ୍ୱଂସ କରିଦେଲେ ପୁଣି ରାମ ନାମର ପ୍ରଭାବରେ ହନୁମାନ ବିରାଟ ପର୍ବତ ଉଠାଇ ଧରି ଆଣିଲେ ଏବଂ ଦୁଷ୍ଟ ରାବଣର ଦୁର୍ଗରେ ବର୍ଷାଧିକ କାଳ ରହି ମଧ ସୀତା ତାଙ୍କର ସତୀତ୍ୱ ରକ୍ଷା କରିପାରିଲେ। ଭରତ ଚଉଦବର୍ଷ କାଳ ପ୍ରାଣରକ୍ଷା କରି ରହିପାରିଲେ କାରଣ ତାଙ୍କର କଣ୍ଠରୁ ରାମନାମ ବ୍ୟତୀତ ଅନ୍ୟ କୌଣସି ଶବ୍ଦ ନିର୍ଗତ ହେଉନଥିଲା। ଏଣୁ କଳିଯୁଗର ଦୂଷଣକୁ ସଫା କରିବା ପାଇଁ ନିୟମିତ ରାମନାମ ଜପିବାକୁ ତୁଳସୀ ଦାସ ପରାମର୍ଶ ଦେଇଛନ୍ତି।

ଭଗବାନ ରାମଙ୍କ ଉପରେ ଗାନ୍ଧିଜୀଙ୍କର ନିଷ୍ଠ ତାଙ୍କର ଜୀବନରେ ନିରନ୍ତର ଭାବରେ ଦୃଢ଼ ହୋଇ ଚାଲିଲା। କ୍ରମେ ତାହା ବିକଶିତ ଏପଂ ପ୍ରସାରିତ ହେଲା। ଏପରିକି ତାହା ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ସ୍ପର୍ଶ କଲା। ଏପରିକି ତାଙ୍କ ଭଳି ଜଣେ ବ୍ୟକ୍ତି ଶରୀରର ସମସ୍ତ ବ୍ୟାଧିର ଏକମାତ୍ର ଉପଚାର ରାମନାମ ବୋଲି ସ୍ୱୀକାର କଲେ ଏବଂ କହି ଚାଲିଲେ। ତାଙ୍କର ଜଣେ ଶିଷ୍ୟାଙ୍କ ନିକଟକୁ ସେ ଗୋଟିଏ ପତ୍ରରେ ଲେଖିଥିଲେ ଯେ ବ୍ୟାଧି ଅନେକ ପ୍ରକାର, ବୈଦ୍ୟ ଅନେକ, ଉପଚାର ମଧ ଅନେକ ଅଛି। କିନ୍ତୁ ଯଦି ବ୍ୟାଧିକୁ ଏକ ରୂପେ ଦେଖିବା ଏବଂ ତାକୁ ଦୂର କରୁଥିବା ବୈଦ୍ୟ ଜଣେ ହିଁ ରାମ ବୋଲି ମନେ କରିବା ତାହେଲେ ଆମେ ଅନେକ ଜଞ୍ଜାଳରୁ ମୁକ୍ତି ପାଇଯିବା। କିଛି ଦିନ ପରେ ପୁଣି ଲେଖିଥିଲେ ଆଶ୍ଚର୍ଯ୍ୟର କଥା ଯେ ବୈଦ୍ୟ ମରୁଛନ୍ତି, ଡାକ୍ତର ମରୁଛନ୍ତି, ତଥାପି



ଆମେ ତାଙ୍କ ପଛରେ ଧାଉଁଛେ। କିନ୍ତୁ ଯେଉଁ ରାମ ମରନ୍ତି ନାହିଁ, ସର୍ବଦା ଜୀବିତ ଏବଂ ଅବ୍ୟର୍ଥ ବୈଦ୍ୟ ତାଙ୍କୁ ଭୁଲି ଯାଉଛୁ

୧୯୪୬ ମସିହାରେ ସେ ଥରେ କହିଥିଲେ ଯେ କୌଣସି ରୋଗ ହେଉ, ହୃଦୟ ସହକାରେ ଜଣେ ଯଦି ରାମ ନାମ ନିଏ ତାର ରୋଗ ଅବଶ୍ୟ ଦୂର ହୋଇଯିବ। ହରିଜନ ସେବକ ତା ୩/୩।୧୯୪୬। ଶାରୀରିକ ରୋଗକୁ ଦୂର କରିବାରେ ରାମ ନାମ ଅଳ୍ପ କିଛି ବିଶିଷ୍ଟ ଲୋକଙ୍କ ପାଇଁ ନୁହେଁ, ଏହା ସମସ୍ତଙ୍କ ପାଇଁ। ଯିଏ ତାଙ୍କର ନାମ ନିଏ, ସେ ତାଙ୍କ ପାଇଁ ବିପୁଳ ଭଣ୍ଡାର ଜମା କରିଚାଲେ। ଏହା ଏଭଳି ଏକ ଭଣ୍ଡାର ଯାହା କେବେ ସରେ ନାହିଁ, ସେଥିରୁ ଯେତେ କାଢ଼ିଲେ ତାହା ଆହୁରି ବଢୁଥାଏ। ଉପନିଷଦରେ କୁହାଯାଇଛି ପୂର୍ଣ୍ଣତାରୁ ପୂର୍ଣ୍ଣକୁ କାଢ଼ିଲେ ମଧ ପୂର୍ଣ୍ଣ ହିଁ ଅବଶେଷ ରହିଥାଏ। ରାମ ନାମ ସମ୍ପୂର୍ଣ୍ଣ ରୋଗର ଏକ ନିରାପଦ ଔଷଧ। ତାହା ଶାରୀରିକ ହେଉ ମାନସିକ କିମ୍ବା ଆତ୍ମିକ।

ରାମ ନାମ ହିଁ ମୋର ବଳ ସେ କହୁଥିଲେ ଯେ ତାଙ୍କ ଦ୍ୱାରା ଯାହା କିଛି ସେବା ସମ୍ଭବ ହେଉଛି ସେ ସବୁ ରାମ ନାମର ପ୍ରଭାବ ଏବଂ କୃପା। ତାଙ୍କର ଉକ୍ତି ସ୍ପଷ୍ଟ ଥିଲା ମୋ ପାଖରେ ରାମ ନାମ ବ୍ୟତୀତ ଅନ୍ୟ କୌଣସି ଶକ୍ତି ନାହିଁ। ଏହା ମୋର ଏକମାତ୍ର ଆଶ୍ରା। ମହର୍ଷି ଚରକ କହିଛନ୍ତି -"ବିଷ୍ଣୁ ସହସ୍ରାମୂର୍ଦ୍ଧନାଂ ଚରାଚରପତିଂ ବିଭୁମ୍। ସ୍ତୁବନାମସହସ୍ରେଣ ଜ୍ୱରାନ୍ ବ୍ୟପୋହତି। ଭାରତର ଆସ୍ତିକ ସାଧାରଣ ଜନତା ନ ଜାଣେ କେଉଁ କାଳରୁ କହି ଆସିଛି - ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋ ନାରାୟଣୋ ହରିଃ। ଏଥିପାଇଁ ଗାନ୍ଧିଜୀ କହିଛନ୍ତି - "ପ୍ରକୃତ ଡାକ୍ତର ତ ରାମ ଅଟନ୍ତି। ଭଗବାନଙ୍କର ନାମର ମହିମା ପ୍ରାୟ ସମସ୍ତ ଧର୍ମରେ ସମାନରୂପରେ ଦେଖିବାକୁ ମିଳିଥାଏ। ଗାନ୍ଧିଜୀଙ୍କ ଭାଷାରେ ରାମ ନାମର ମହିମା କେବଳ ଯେ ତୁଳସୀ ଦାସ ଗାନ କରିଛନ୍ତି ତାହା ନୁହେଁ।

ରାମାୟଣରେ ଗୋଟିଏ କଥା ଅଛି ଯେ ହନୁମାନଜୀଙ୍କୁ ସୀତାଦେବୀ ଯେତେବେଳେ ମୋତିର ମାଳାଟିଏ ଦେଲେ, ସେ ତାକୁ ଛିଣ୍ଡାଇ ଭାଙ୍ଗିଦେଲେ, କାରଣ ତାଙ୍କୁ ସେଥିରେ ଦେଖିବାର ଥିଲା ଯେ ସେଥିରେ ରାମ ନାମ ଅଛି କି ନାହିଁ। ଏହି କଥା ସତ କି ନୁହେଁ ଏହି ଚିନ୍ତା ଆମେ କାହିଁକି କରିବା ? ଆମର ତ ଏତିକି ଶିଖିବାର ଅଛି ଯେ ହନୁମାନଜୀଙ୍କ ଭଳି ଶକ୍ତି ଶୈବାଳପ୍ରଦ ଶରୀର ଆମର ନହେଉ କିନ୍ତୁ ତାଙ୍କ ଭଳି ଆତ୍ମା ତ ବିକଶିତ କରିପାରିବା। ଚାହିଁଲେ ଏହି ଉଦାହରଣକୁ ଗ୍ରହଣ କରି ଜଣେ ସିଦ୍ଧ କରିପାରିବ। ସିଦ୍ଧ ନ ହୋଇପାରିଲେ ନ ହେଉ ତାକୁ ଚେଷ୍ଟା କରିବା ତ ଢ଼େର। ଗୀତାରେ କୁହାଯାଇଛି ମନୁଷ୍ୟକୁ ପ୍ରଯତ୍ନ କରିବା ଉଚିତ ଏବଂ ଫଳ ଈଶ୍ୱରଙ୍କ ହାତରେ ଛାଡ଼ିଦେବା ଉଚିତ। ଏଣୁ ତୁମକୁ, ମୋତେ ଏବଂ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ସେହିଦିନ ରୋଗରେ ପୀଡ଼ିତ ଜଣେ ଭଉଣୀଙ୍କ ନିକଟକୁ ପତ୍ର ଲେଖି ମଧ ବାପୁ ଏକଥା ଲେଖିଥିଲେ ଯେ ସଂସାରରେ ଯଦି କୌଣସି ଅବ୍ୟର୍ଥ ଔଷଧ ଅଛି ତାହେଲେ ତାହା ହେଉଛି ରାମନାମ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

# ରୁକୁଣା ଯାତ୍ରା ଓ ଏହାର କିମ୍ବଦନ୍ତୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଐତିହାସିକଙ୍କ ମତରେ ଏହି ଯାତ୍ରା ୧୦ତମ ଶତାବ୍ଦୀର। ତେବେ ପୌରାଣିକ ତଥ୍ୟ ଅନୁସାରେ ଏହା ଉପରେ କିଛି ନିର୍ଦ୍ଦିଷ୍ଟ ମତ ନାହିଁ। ଐତିହାସିକ ତଥା ଗବେଷକଙ୍କ ମତରେ ଶୈବକ୍ଷେତ୍ର ହେବା ପୂର୍ବରୁ ଏହା ବୌଦ୍ଧ ରଥଯାତ୍ରା ଥିଲା। ପରେ ଏହା ଶୈବ ରଥଯାତ୍ରା ହେଲା। ଏଥିପାଇଁ ଅନେକ ବିରୋଧ ମଧ ହୋଇଥିଲା। ପରେ ଗବେଷକମାନେ ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କଲେ। କାଶୀରେ ଶୈବମାନଙ୍କ ଉପରେ ବୌଦ୍ଧମାନେ ଅତ୍ୟାଚାର କରିବାରୁ ସେମାନେ ଅନ୍ୟତ୍ର କାଶୀସ୍ୱରୂପ ଶୈବକ୍ଷେତ୍ର ପ୍ରତିଷ୍ଠା ସନ୍ଧାନରେ ଥିଲେ। ସେହି ସମୟରେ ଏଠାରେ ମଧ ବୌଦ୍ଧ ଥିଲେ। ଲକୁଳୀଶ ପନ୍ଥୀ ଶୈବମାନେ ଏଠାରେ ଆସି ଶୈବକ୍ଷେତ୍ର ପ୍ରତିଷ୍ଠା କରିବାକୁ ଉଦ୍ୟମ କଲେ। ଯାହାକୁ ସ୍ଥାନୀୟ ବୌଦ୍ଧମାନେ ପ୍ରତିରୋଧ କଲେ। ଏହାକୁ ନେଇ ଶୈବମାନଙ୍କ ସହ ତାଙ୍କର ବିବାଦ ଦେଖାଦେଲା। ଯାହା ପରବର୍ତ୍ତୀ ସମୟରେ ଯୁଦ୍ଧରେ ପରିଣତ ହୋଇଥିଲା। କାଶୀର ଅଶାନ୍ତ ବାତାବରଣରେ କ୍ଷୁବ୍ଧ ହୋଇ ଶିବ ଏକାମ୍ର କ୍ଷେତ୍ର ଚାଲି ଆସିଥିଲେ। ଏଠାରେ ଥିବା ଅସୁରମାନଙ୍କୁ ନିପାତ କଲେ। ସେହି ସମୟରେ ବେଦ ବରୋଧିଙ୍କୁ ଅଶୁର କୁହାଯାଉଥିଲା। ବୌଦ୍ଧମାନଙ୍କୁ ଏହା ସଙ୍କେତ କରୁଥିଲା। ଏହି ଯୁଦ୍ଧର ଫଳ ସ୍ୱରୂପ ଏଠାକାର ସମସ୍ତ ବୌଦ୍ଧଙ୍କୁ ନିପାତ ଓ ବିତାଡ଼ିତ କରାଗଲା। ଯେଉଁ ବୌଦ୍ଧମାନେ ବଶତା ସ୍ୱୀକାର କଲେ ସେମାନଙ୍କୁ ଅସ୍ପୃଶ୍ୟ ଓ ଶୁଦ୍ର ଭାବେ ସ୍ଥାନ ଦିଆଗଲା। ଅଶୋକାଷ୍ଟମୀର ଏହି ରଥଯାତ୍ରା ଏହି ବିଜୟର ସ୍ମାରକୀ ବୋଲି କିଛି ଆଲେଖ୍ୟ ସୂଚନା ଦେଇଛନ୍ତି ଗବେଷକ ଭାଗୀରଥି ମହାସୁଆର। ରାମେଶ୍ୱରମନ୍ଦିର ପାଖ ପଡ଼ିଆକୁ ବିଜୟ ପଡ଼ିଆ ବୋଲି କୁହାଯାଏ। ସେହିଦିନ ଠାରୁ ଏହି ରୁକୁଣାରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଶ୍ରୀଲିଙ୍ଗରାଜ ମନ୍ଦିରରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏହି ରଥ ଟଣାଯାଏ। ମଝି ରାସ୍ତାରେ ଅସୁର କିଆରିରେ ଅସୁରମାନଙ୍କୁ ଭୋଗ ଦିଆଯାଏ। ଏହା ରାସ୍ତା ଅବରୋଧକାରୀ ବୌଦ୍ଧ ମାନଙ୍କୁ ସନ୍ତୁଷ୍ଟୀକରଣ ପାଇଁ କରାଯାଇଥିବା ଅନୁମାନ କରାଯାଉଛି।

**ମରୀଚିକୁଣ୍ଡର କାହାଣୀ:** ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା କଥା ପଡ଼ିଲେ ମରୀଚିକୁଣ୍ଡ କଥା ଆସେ। କାରଣ ଏହି କୁଣ୍ଡ ପାଣିରେ ରଥର ଅନୁକୂଳ କରାଯାଏ। ବିଶ୍ୱାସ ରହିଛି ଏହି ପାଣିରେ ଗାଧୋଇବା ଦ୍ୱାରା ନିଃସନ୍ତାନ ନଥିବା ମହିଳାମାନେ ସନ୍ତାନପ୍ରାପ୍ତି ହୁଅନ୍ତି। ମୁକ୍ତେଶ୍ୱର ମନ୍ଦିର ଭିତରେ ଏହି କୁଣ୍ଡ ରହିଛି। ଯାହା ରଥଯାତ୍ରା ପୂର୍ବଦିନ ମଧ୍ୟରାତ୍ରିରେ ଖୋଲାଯିବ। ଇତିହାସକୁ ଦେଖିଲେ ରାମାୟଣରେ ରାମ, ସୁବାହୁ ଓ



ମାରୀଚ ନାମକ ଦୁଇଜଣ ଅସୁରଙ୍କୁ ମାରିଥିଲେ। ଯେଉଁଠାରୁ ଏହି ମରୀଚିକୁଣ୍ଡ ସୃଷ୍ଟି ହୋଇଛି। ଅପରପକ୍ଷରେ ଐତିହାସିକଙ୍କ ମତରେ ମୁକ୍ତେଶ୍ୱର ମନ୍ଦିର ପୂର୍ବରୁ ଏଠାରେ ମରୀଚି କୁଣ୍ଡ ରହିଥିଲା। ରଥ ଅନୁକୂଳ ସହ ଶୈବ କ୍ଷେତ୍ରରେ ମନ୍ଦିର ନିର୍ମାଣ କାମରେ ଏହି ପାଣି ବ୍ୟବହାର ହୋଇଛି। ଏହି କୁଣ୍ଡ ଜଳରେ ଗାଧୋଇବା ଦ୍ୱାରା ସନ୍ତାନପ୍ରାପ୍ତ ହୁଏ ବୋଲି ଲୋକକଥା ରହିଛି। ବାଞ୍ଛାର ପ୍ରତିଶବ୍ଦ ହେଉଛି ମଡ଼ିଛି। ଯେହେତୁ ନିଃସନ୍ତାନ ମହିଳାମାନେ ଏହି ପାଣିରେ ଗାଧୋଇବା ଦ୍ୱାରା ସେମାନଙ୍କର ସନ୍ତାନପ୍ରାପ୍ତ ହୁଏ ତେଣୁ ପରବର୍ତ୍ତୀ ସମୟରେ ମଡ଼ିଛିର ରୂପାନ୍ତରିତ ହୋଇ ମରିଛି କୁଣ୍ଡ ହୋଇଛି ବୋଲି ଗବେଷକଙ୍କ ମତ।

**ମାଉସୀମା ମନ୍ଦିର:** ଏହି ରୁକୁଣାରଥ ଯାତ୍ରାରେ ଶ୍ରୀଲିଙ୍ଗରାଜ ମାଉସୀମା ମନ୍ଦିରକୁ ଯାଆନ୍ତି। କିନ୍ତୁ ପୁରାଣରେ ଏହାର ବଳିଷ୍ଠ ପ୍ରମାଣ ନଥିବା ଗବେଷକମାନେ କହିଛନ୍ତି। ଯେଉଁ ମାଉସୀମା ମନ୍ଦିରକୁ ମହାଦେବ ଯାଆନ୍ତି ତାହା ରାମେଶ୍ୱର କ୍ଷେତ୍ର। ମାଉସୀମା ମନ୍ଦିର ଏକ ମନଗଢ଼ା କାହାଣୀ ବୋଲି ଗବେଷକମାନେ କହିଛନ୍ତି। ବଙ୍ଗୀୟ ଲୋକକଥାରୁ ଏହା ଉଦ୍ଧୃତ କରାଯାଇଛି। ରାମେଶ୍ୱର ମନ୍ଦିର ବା ରାମେଶ୍ୱର କ୍ଷେତ୍ରରେ ଲକ୍ଷ୍ମଣେଶ୍ୱର ମନ୍ଦିର, ଭରତେଶ୍ୱର ମନ୍ଦିର, ଲବ ମନ୍ଦିର ଓ କୁଶ ମନ୍ଦିର ରହିଛି। ସେହିପରି ଏଠାରେ ଯେଉଁ ପୁଷ୍କରିଣୀ ରହିଛି ତାହାର ବାସ୍ତବ ନାମ ରାମକୁଣ୍ଡ ଅଟେ। ଏହାକୁ ପରବର୍ତ୍ତୀ ସମୟରେ ଅଶୋକଙ୍କ ଅନୁଗତ ବୌଦ୍ଧମାନେ ଅଶୋକାକୁଣ୍ଡ କହୁଥିଲେ। ଏହାପରେ ହିନ୍ଦୁମାନେ ରାମାୟଣକୁ ଆଧାର କରି ଏହାକୁ ଅଶୋକାକୁଣ୍ଡ କରିଥିଲେ।

**ରୁକୁଣାରଥରେ ବିଜେପ୍ରତିମା:** ଶ୍ରୀଲିଙ୍ଗରାଜ ଲିଙ୍ଗ ସ୍ଥାନାନ୍ତରିତ ହେବା ଅସମ୍ଭବ। ତେଣୁ ତାଙ୍କର ଚଳନ୍ତି ପ୍ରତିମା ବା ଯାହାକୁ ବିଜେପ୍ରତିମା କୁହାଯାଏ ସିଏ ଏହି ରଥରେ ଆସିଥାନ୍ତି। ଶ୍ରୀଲିଙ୍ଗରାଜଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଏହି ରଥରେ ଯାତ୍ରା କରନ୍ତି। ତାଙ୍କ ରୁକ୍ମିଣୀ ବା ଦୁର୍ଗା ଓ ଦୋଳଗୋବିନ୍ଦ ବା ବିଷ୍ଣୁ ଏହି ରଥରେ ବିରାଜମାନ କରନ୍ତି।

**ରୁକୁଣାରଥର କାରୁକାର୍ଯ୍ୟ:** ପୌରାଣିକ ପ୍ରଥା ଅନୁସାରେ ମାଉସୀମା ମନ୍ଦିର କୁହାଯାଉଥିବା ରାମେଶ୍ୱର ମନ୍ଦିରର ଉଚ୍ଚତା ସହ ରୁକୁଣା ରଥର ଉଚ୍ଚତା ସମାନ। ଆହୁରି ମଧ ରାମେଶ୍ୱର ମନ୍ଦିର ଉଚତ୍ତାର ମାପ ନିଆଯାଇ ରୁକୁଣାରଥ ନିର୍ମାଣ କରାଯାଏ ବୋଲି ବିଶ୍ୱାସ ରହିଛି। ରଥର ଉଚ୍ଚତା ୪୫ ଫୁଟ ହୋଇଥିବାବେଳେ ଚଉଡା ୨୭ ଫୁଟ ଓ ଲମ୍ବା ୨୬ ଫୁଟ ରହିଥାଏ। ସେହିପରି ରଥରେ ୪ଟି ଚକା ଲାଗେ। ଯାହାର ଉଚ୍ଚତା ୮ଫୁଟ। ରଥରେ୪ଟି ଘୋଡ଼ା ରହିଥିବାବେଳେ ଏହାର ରଙ୍ଗ ଧଳା ଓ କସରା।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଅବିସ୍ମରଣୀୟ ଉଦାହରଣ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ଗତ ବୁଧବାର ଦିନଟି ଭାରତୀୟ ସଂସଦୀୟ ଗଣତନ୍ତ୍ର ଇତିହାସରେ ଏକ ଅବିସ୍ମରଣୀୟ ଦିବସ ହୋଇ ରହିବା ସହ ନୂତନ ଉଦାହରଣ ସୃଷ୍ଟି କରିଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଗୁରୁବାର ଦିନ ବହୁ ଚର୍ଚ୍ଚିତ ୱାକଫ ସଂଶୋଧନ ବିଲ-୨୦୨୫ ତଥା ୟୁନିଫାଏଡ ୱାକଫ ମ୍ୟାନେଜମେଂଟ ଏମ୍ପାୱାରମେଂଟ ଏଫିସିଏନ୍ସି ଆଣ୍ଡ ଡେଭଲପମେଂଟ (ଉମ୍ମିଦ) ବିଲ ଉପରେ ଲୋକସଭାରେ ଦୀର୍ଘ ୧୬ଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ସରଗରମ ଆଲୋଚନା ପରେ ଗୃହିତ ହୋଇଛି। କହିବା ବାହୁଲ୍ୟ ଯେ, ବିଲକୁ ଶାସକ ମେଂଟ ତଥା ବିଜେପି ନେତୃତ୍ୱାଧୀନ ଏନଡିଏ ଦୃଢ଼ ସମର୍ଥନ କରି ମତାମତ ରଖିଥିବାବେଳେ ବିରୋଧି ମେଂଟ ତଥା 'ଇଣ୍ଡିଆ' ମେଂଟ ଦୃଢ଼ ବିରୋଧ କରିଥିଲା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ବିରୋଧି ଦଳଗୁଡିକ ପୂର୍ବରୁ କୌଣସି ବିଲକୁ ବିରୋଧ କରିବା ବେଳେ ଯେପରି ବିଲକୁ ଚିରି ଫିଙ୍ଗିବା, ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିବା, ଶେଷରେ କକ୍ଷତ୍ୟାଗ କରିବା ଭଳି କୌଣସି ଘଟଣା ଘଟିନଥିଲା। ବରଂ ବିଲର ପ୍ରତ୍ୟେକ ଧାରା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ। ପ୍ରତ୍ୟେକ ଦଳର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଜର ମତ ରଖିଥିଲେ। ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀ ଉତର ରଖିଥିଲେ। କେବଳ ଏତିକି ନୁହେଁ ବିରୋଧି ଦଳର ସଂଶୋଧନ ପ୍ରସ୍ତାବ ଗୁଡିକ ବାଚନିକ ଭୋଟରେ କାଟ୍ ଖାଇଯାଇଥିଲା ବେଳେ ଶାସକ ଦଳର ଏକ ସଂଶୋଧନ ପ୍ରସ୍ତାବ ବାଚନିକ ଭୋଟରେ ଗୃହୀତ ହୋଇଥିଲା। ଶେଷରେ ବିରୋଧି ଦଳର ଦାବି ଅନୁଯାୟୀ ବିଲ୍ ଉପରେ ଭୋଟ ଗ୍ରହଣ କରାଯାଇଥିଲା। ବିଲ୍ ସପକ୍ଷରେ ୨୮୮ଟି ଭୋଟ ମିଳିଥିବାବେଳେ ବିରୁଦ୍ଧରେ ୨୩୨ଟି ଭୋଟ ମିଳିଥିଲା। ସଂଖ୍ୟାଧିକ ଭୋଟରେ ବିଲଟି ଗୃହର ଅନୁମୋଦନ ଲାଭ କରିଥିଲା। ତେବେ ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି, ଉଭୟ ଶାସକ ଓ ବିରୋଧି ଦଳର କୌଣସି ସଦସ୍ୟ କ୍ରସ ଭୋଟିଂ କରିନଥିବା କିମ୍ବା ଗୃହରେ ଉପସ୍ଥିତ ଥାଇ ମତଦାନରୁ ବିରତ ରହିନଥିଲେ। ହୁଇପ ଯୋଗୁଁ ଉଭୟ ଶାସକ ଓ ବିରୋଧି ଦଳର ସଦସ୍ୟାମାନେ ବିଲ୍ ଗୃହିତ ପର୍ଯ୍ୟନ୍ତ ଗୃହରେ ଉପସ୍ଥିତ ଥିଲେ। କେବଳ ଲୋକସଭା ନୁହେଁ, ତା ପର ଦିନ ଅର୍ଥାତ ଗୁରୁବାର ଦିନ ମଧ ରାଜ୍ୟସଭାର ଏହାର ପୁନରାବୃତି ଘଟିଥିଲା। ଉଭୟ ଶାସକ ଓ ବିରୋଧି ଦଳର ସଦସ୍ୟମାନେ ଗୃହରେ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶାସକ ଏନଡିଏ କିମ୍ବା ବରୋଧି ଇଣ୍ଡିଆ ମେଂଟର ଅଂଶୀଦାର ନଥିବା ବିଜେଡି, ୱାଇଏସଆର କଂଗ୍ରେସ ପରି ବହୁ ଆଂଚଳିକ ଦଳ ଯେ କି ଉଭୟ ବିଜେପି ଏବଂ କଂଗ୍ରେସଠାରୁ ସମଦୂରତା ରକ୍ଷା କରି ଆସୁଛନ୍ତି, ଗୃହରେ ରାତି ୩ଟା ପର୍ଯ୍ୟନ୍ତ ଉପସ୍ଥିତ ଥିବା ଯୋଗୁଁ ଲକ୍ଷ୍ୟ କରାଯାଇଥିଲା। ଯାହାକି ଏକ



ସ୍ୱାଗତଯୋଗ୍ୟ ଆଭିମୁଖ୍ୟ ବୋଲି କୁହାଯାଇପାରିବ। ସେହିଦିନ ଅର୍ଥାତ ବୁଧବାର ଦିନ ଓଡିଶା ବିଧାନସଭାର ବଜେଟ ଅଧିବେଶନରେ ଅନ୍ତିମ ଦିବସରେ ବହୁ ଚର୍ଚ୍ଚିତ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୫ ଉପରେ ବଳମ୍ବିତ ରାତି ପର୍ଯ୍ୟନ୍ତ ଉଭୟ ଶାସକ ଓ ବିରୋଧି ଦଳର ସଦସ୍ୟ ଗୃହରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଧେୟକ ଉପରେ ଆଲୋଚନାବେଳେ ହଟ୍ଟଗୋଳ କିମ୍ବା ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇନଥିଲା। ସଦସ୍ୟମାନେ ବିଧେୟକ ଉପରେ ନିଜର ସୁଚିନ୍ତିତ ମତ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବିଧାନସଭା ଇତିହାସରେ ଏହା ହେଉଛି ଚତୁର୍ଥ ରାତିତମାମ ଅଧିବେଶନ, ଯେଉଁଠି କେବଳ ଆଲୋଚନା, ପରାମର୍ଶ, ପ୍ରସ୍ତାବ ଥିଲା। ହଟ୍ଟଗୋଳ କିମ୍ବା ଧସ୍ତାଧସ୍ତି, ଘଂଟ ପିଟା ନଥିଲା। ସ୍ମରଣଯୋଗ୍ୟ ଯେ, ବିଦାୟୀ ବଜେଟ ଅଧିବେଶନରେ ବିରୋଧି ଦଳର ହଟ୍ଟଗୋଳ ଯୋଗୁଁ ୧୮ ଦିନରେ ଅଧିବେଶନ ମାତ୍ର ୩୧ଘଂଟା ବସିଥିଲା। ତେବେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଗୃହରେ ହଟ୍ଟଗୋଳ କରୁଥିବା କଂଗ୍ରେସର ସମସ୍ତ ୧୪ଜଣ ସଦସ୍ୟଙ୍କୁ ସପ୍ତାହକ ପାଇଁ ବାଚସ୍ପତି ନିଲମ୍ବନ କରିବା ପରେ କଂଗ୍ରେସର ଅନୁପସ୍ଥିତିରେ ଅଧିବେଶନ ଚାଲିଥିଲା। ଏହା ନିସନ୍ଦେହ ଯେ, ଏବେ ସଂସଦ ହେଉ ବା ବିଧାନସଭା ହେଉ ଅଧିବେଶନ ସମୟରେ କଥାକଥାକେ ବିରୋଧି ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ, ନାରାବାଜୀ କରିବା ଏକ ପରମ୍ପରାରେ ପରିଣତ ହୋଇଯାଇଛି। ହଟ୍ଟଗୋଳ, ନାରାବାଜୀ, କକ୍ଷତ୍ୟାଗ ଯୋଗୁଁ ବିନା ଆଲୋଚନା, ବିତର୍କରେ ବିଲ୍ ଗୁଡିକୁ ଅତିରଂଜିତ ଭାବେ ସରକାର ଗୃହିତ କରାଇବା ନିମୟିତ ଘଟଣାରେ ଘଟିଛି। ଯାହାର ପରିଣତି ସ୍ୱରୁପ ଆଇନକୁ ବାରମ୍ବାର ସଂଶୋଧନ କରିବାକୁ ସରକାର ବାଧ ହେଉଥିବାବେଳେ କେତେକ ଅଦାଲତର ସମୀକ୍ଷା ପରିଭୁକ୍ତ ହେଉଛି। ଲୋକସଭାରେ ୱାକଫ ସଂଶୋଧନ ବିଲ୍, ଏବ ରାଜ୍ୟ ବିଧାନସଭାରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଯେପରି ଦୀର୍ଘ ୧୬ଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ରାତିତମାମ ସକରାତ୍ମକ ଏବଂ ଗଠନମୂଳକ ଆଲୋଚନା ପରେ ଗୃହର ଅନୁମୋଦନ ଲାଭ କଲା ତାହା ଅନନ୍ୟ ଏବଂ ଏକ ଉଦାହରଣ ସୃଷ୍ଟି କରିଛି। ବୋଧହୁଏ ଗଣତନ୍ତ୍ରର ପବିତ୍ର ମନ୍ଦିର ଭିତରେ ନାଟକବାଦୀର ଯବନିକା ପଡିବା ମନେହୁଏ। ଉଲ୍ଲେଖଯୋଗ୍ୟ ଯେ, କ୍ରମାଗତ ହଟ୍ଟଗୋଳ ଯୋଗୁଁ ସଂସଦ, ବିଧାନସଭା ଓ ଲୋକପ୍ରତିନିଧିମାନଙ୍କ ଉପରୁ ଜନସାଧାରଣ ଆଶା, ଭରସା ହରାଉଥିବାବେଳେ ବୁଧବାରର ଅଧିବେଶନ ପୁନର୍ବାର ଗଣତାନ୍ତ୍ରୀକ ନୀତି ନିୟମ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରତିଷ୍ଠା କରିବା ଆଶା ସଂଚାର କରେ। ତେବେ ସରକାର ସକରାତ୍ମକ ଓ ବିରୋଧି ଦଳ ଗଠନମୂଳକ ଆଭିମୁଖ୍ୟ ପୋଷଣ କରିବା ଜରୁରୀ, ଯାହାକି ସଂସଦୀୟ ଗଣତନ୍ତ୍ରର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହେବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ: ୭୯୭୮୬୬୬୪୦୩**

# ଅଯୋଧ୍ୟାରେ ରାମଲାଲାଙ୍କୁ ଅଭିଷେକ, ୪ ମିନିଟ୍ ଯାଏଁ ସୂର୍ଯ୍ୟତିଳକ ଦେଖିଲେ ଶ୍ରଦ୍ଧାଳୁ



**ନୂଆଦିଲ୍ଲୀ,୬।୪:** ପବିତ୍ର ରାମ ନବମୀ ଶୁଭ ଅବସରରେ ଅଯୋଧ୍ୟାର ରାମ ମନ୍ଦିରରେ ପ୍ରଭୁ ଶ୍ରୀ ରାମଲାଲାଙ୍କୁ ସୂର୍ଯ୍ୟ ଦ୍ୱାରା ଅଭିଷେକ କରାଯାଇଥିଲା। ସକାଳରୁ ରାମଲାଲାଙ୍କ ପୂଜା ଆରମ୍ଭ ହୋଇଯାଇଥିଲା । ରାମ ନବମୀ ଅବସରରେ ବହୁ ସଂଖ୍ୟକ ଭକ୍ତ ରାମଲାଲାଙ୍କ ଦର୍ଶନ ପାଇଁ ରାମ ଜନ୍ମଭୂମି ମନ୍ଦିରରେ ପହଞ୍ଚିଥିଲେ । ଏହି ଅବସରରେ ସାରା ଦୁନିଆର ଶ୍ରଦ୍ଧାଳୁ ଶ୍ରୀରାମ ଲଲାଙ୍କ ସୂର୍ଯ୍ୟ ତିଳକ ଦର୍ଶନ କରିଛନ୍ତି ।

ଏହା ପୂର୍ବରୁ ସକାଳ ୯ଟା ୩୦ରେ ପ୍ରଭୁ ରାମଙ୍କ ବିଶେଷ ଅଭିଷେକ ହୋଇଥିଲା, ଯାହା ପୂରା ଏକ ଘଣ୍ଟା ଧରି ଚାଲିଥିଲା। ଏହାପରେ ତାଙ୍କର ଭବ୍ୟ ଶୃଙ୍ଗାର ହୋଇଥିଲା । ତେବେ ସୂର୍ଯ୍ୟାଭିଷେକର ପ୍ରସାରଣକୁ ସାରା ଦୁନିଆ ଦେଖିଥିଲା। ଠିକ୍ ମଧ୍ୟାହ୍ନ ୧୨ଟାରେ ସୂର୍ଯ୍ୟଭିଷେକ ହୋଇଥିଲା ଏବଂ ସୂର୍ଯ୍ୟଙ୍କ କିରଣ ସିଧାସଳଖ ଶ୍ରୀ ରାମଲାଲାଙ୍କ କପାଳରେ ପଡ଼ିଥିଲା । ଭକ୍ତମାନଙ୍କୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।ପ୍ରଭୁ ରାମଲଲାଙ୍କ ଜନ୍ମଦିନରେ ଅଯୋଧ୍ୟାରେ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥିଲା । ଏହି ଚାରି ମିନିଟର ସୂର୍ଯ୍ୟ ତିଳକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମସ୍ତ ସନାତନ ଧର୍ମୀ ଏହି କାର୍ଯ୍ୟକ୍ରମ ପାଇଁ ଉତ୍ସାହର ସହିତ ଅପେକ୍ଷା କରନ୍ତି। ଏହାପୂର୍ବରୁ ରାମ ମନ୍ଦିର ସହ ଅଯୋଧ୍ୟାର ଅନ୍ୟ ମନ୍ଦିରକୁ ଫୁଲରେ ସଜା ଯାଇଛି। ରାମନବମୀକୁ ଦୃଷ୍ଟିରେ ରଖି ମନ୍ଦିରରେ ଦର୍ଶନର ସମୟ ମଧ୍ୟ ପରିବର୍ତ୍ତନ କରାଯାଇଛି । କାର୍ଯ୍ୟସୂଚୀ ବିଷୟରେ କହିବାକୁ ଗଲେ, ରାମନବମୀ ଦିନ ସକାଳରୁ ରାମଲାଲାଙ୍କ ପୂଜା ଆରମ୍ଭ ହୋଇଥିଲା । ଆପଣଙ୍କୁ କହି ରଖୁଛୁ ଯେ କିଛି ବୈଜ୍ଞାନିକ ରାମ ଲଲ୍ଲାଙ୍କ ପାଇଁ ତିଳକ ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ। ତେଣୁ ରାମ ମନ୍ଦିରରେ ଉପକରଣ ମଧ୍ୟ ସ୍ଥାପନ କରାଯାଇଥିଲା । ଆପଣଙ୍କୁ କହି ରଖୁଛୁ ଯେ ଗତ ବର୍ଷ ଜାନୁଆରୀ ୨୨ତାରିଖରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ଏହା ଦ୍ୱିତୀୟ ଥର ପାଇଁ ରାମ ମନ୍ଦିରରେ ସୂର୍ଯ୍ୟଭିଷେକ କରାଯାଇଛି ।

# ବୀଜ ଅନୁସନ୍ଧାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶାହ




**ଗୁଜୁରାଟ,୬।୪:** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଗୁଜରାଟର ଗାନ୍ଧୀନଗରରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫକୋ) କାଲୋଲ ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇଥିଲେ ଏବଂ ବୀଜ ଅନୁସନ୍ଧାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ଇଫକୋର କଲୋଲ କାରଖାନାର ସୁବର୍ଣ୍ଣ ଜୟନ୍ତୀ ଏବଂ ବୀଜ ଅନୁସନ୍ଧାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ପାଳନ କରାଯାଉଛି। ସେ କହିଥିଲେ ଯେ ଇଫକୋର ୫୦ ବର୍ଷର ଗୌରବମୟ ଯାତ୍ରା ଦର୍ଶାଉଛି ଯେ ଯେତେବେଳେ ସମବାୟ ଏବଂ କର୍ପୋରେଟ ମୂଲ୍ୟବୋଧ ମିଳିତ ଭାବେ କାର୍ଯ୍ୟ କରିଥାଏ, ସେତେବେଳେ କେତେ ଅବିଶ୍ୱସନୀୟ ଫଳାଫଳ ହାସଲ ହୋଇଥାଏ। ଭାରତ ଏବେ ଖାଦ୍ୟଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ଇଫକୋ ଏହି ସଫଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଥିଲେ ଯେ ଇଫକୋ କୃଷକମାନଙ୍କୁ ସାର ସହିତ ଯୋଡ଼ିଛି ଏବଂ ଆହୁରି ଅଧିକ ସାରକୁ ସମବାୟ ସମିତି ସହିତ ଯୋଡ଼ିବା ପାଇଁ କାର୍ଯ୍ୟ କରିଛି।

ସେ କହିଥିଲେ ଯେ ଇଫକୋ ବିଭିନ୍ନ ପ୍ରକାରର ଗବେଷଣା ଏବଂ ବିକାଶ କାର୍ଯ୍ୟ ମଧ୍ୟ କରିଛି। ସେ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଇଫକୋର କାଲୋଲ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ହୋଇଥିଲା, ସେତେବେଳେ ଏହାକୁ ଏକ ବଡ଼ ବିପ୍ଳବ ବୋଲି ବିବେଚନା କରାଯାଉଥିଲା। ସମୟ ଗଡ଼ିବା ସହିତ ଇଫକୋ ନାନୋ ୟୁରିଆ, ନାନୋ ଡିଏପି, ତରଳ ନାନୋ, ୟୁରିଆ, ତରଳ ଡିଏପି ଇତ୍ୟାଦି କ୍ଷେତ୍ରରେ ଗବେଷଣା ଏବଂ ପରୀକ୍ଷଣ କରିଥିଲା ଏବଂ ଉତ୍ପାଦନ ବୃଦ୍ଧି କରିଥିଲା। ଇଫକୋ ଭାରତର ସମବାୟ କ୍ଷେତ୍ରକୁ ନାନୋ ୟୁରିଆ ଏବଂ ନାନୋ ଡିଏପି କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ କରିଛି ବୋଲି ସେ କହିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଆଜି ଗାନ୍ଧୀନଗରରେ 'ବୀଜ ଅନୁସନ୍ଧାନ କେନ୍ଦ୍ର' ପ୍ରତିଷ୍ଠା ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଅନେକ ନୂତନ ଉଦ୍ୟୋଗର ଶୁଭାରମ୍ଭ କରିଛନ୍ତି। ଶ୍ରୀ ଶାହ କହିଥିଲେ ଯେ ସମବାୟ କ୍ଷେତ୍ରରେ ତ୍ରିଭୁବନ ଦାସ ପଟେଲଙ୍କ ଅବଦାନକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ନାମରେ ଏହି ସହକାରୀ ବିଶ୍ୱବିଦ୍ୟାଳୟର ନାମକରଣ କରିଛନ୍ତି। ସେ କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟ ପାଖ୍ୱ ଠାରୁ ଆରମ୍ଭ କରି ସର୍ବୋଚ୍ଚ ସଂସ୍ଥା ପର୍ଯ୍ୟନ୍ତ ସମବାୟର ପ୍ରତ୍ୟେକ କ୍ଷେତ୍ରରେ ଆଧୁନିକ ସମବାୟ ଶିକ୍ଷା ଏବଂ ସ୍ୱଚ୍ଛତା ଆଣିବା ପାଇଁ କାର୍ଯ୍ୟ କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଦେଶରେ ସମଗ୍ର ସମବାୟ ଆନ୍ଦୋଳନକୁ ଆଗେଇ ନେବା ପାଇଁ କାର୍ଯ୍ୟ କରିବ ।

## ରାମ ମନ୍ଦିରର ମୁଖ୍ୟ ପୂଜକଙ୍କ ଦରମା ୩୨,୯୦୦

**ନୂଆଦିଲ୍ଲୀ,୬।୪:** ଆଜି ସାରା ଦେଶରେ ରାମ ନବମୀ ପାଳନ କରାଯାଉଛି। ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ସୂର୍ଯ୍ୟ ତିଳକ କରାଯାଇଛି। ଅଯୋଧ୍ୟାର ଭବ୍ୟ ଶ୍ରୀରାମ ଜନ୍ମଭୂମି ମନ୍ଦିର ୨୨ ଜାନୁଆରୀ ୨୦୨୪ରେ ଉଦଘାଟନ ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତ ସହିତ, ମନ୍ଦିରରେ ରାମଲାଲାଙ୍କ ଆନୁଷ୍ଠାନିକ ଅଭିଷେକ ମଧ୍ୟ ହୋଇଥିଲା। ସମ୍ପ୍ରତି, ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ଦେହାନ୍ତ ପରେ, ପଣ୍ଡିତ ମୋହିତ ପାଣ୍ଡେଙ୍କୁ ମନ୍ଦିରର ନୂତନ ମୁଖ୍ୟ ପୂଜକ ଭାବରେ ନିଯୁକ୍ତ କରାଯାଇଥିଲା। ଏବେ ସେ ରାମଲାଲାଙ୍କ ଦୈନନ୍ଦିନ ପୂଜା ଏବଂ ଧାର୍ମିକ ରୀତିନୀତିର ଯତ୍ନ ନେଉଛନ୍ତି। ଏସବୁ ଭିତରେ ତାଙ୍କର ଦରମା କେତେ ଜାଣନ୍ତି କି? ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାମ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ମୋହିତ ପାଣ୍ଡେଙ୍କ ଦରମା ୩୨,୯୦୦ ଟଙ୍କା। ଯେତେବେଳେ କି ସହାୟକ ପୁରୋହିତମାନେ ୩୧ ହଜାର ଟଙ୍କା ଦରମା ପାଆନ୍ତି। ପୂର୍ବରୁ ଏହି ଦରମା ୨୫ ହଜାର ଟଙ୍କା ଥିଲା। ଦରମା ବ୍ୟତୀତ, ପଣ୍ଡିତ ମୋହିତ ପାଣ୍ଡେଙ୍କୁ ଟ୍ରଷ୍ଟ ଦ୍ୱାରା ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକଳାପ, ରହିବା, ଯାତ୍ରା ସୁବିଧା ଏବଂ ବିଶେଷ ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବ୍ୟବସ୍ଥା ସହିତ ଜଡ଼ିତ ଆବଶ୍ୟକୀୟ ସୁବିଧା ମଧ୍ୟ ଯୋଗାଇ ଦିଆଯାଏ।

## ରାମନବମୀ ପାଇଁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୬।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ 'ରାମ ନବମୀ'ର ଶୁଭେଚ୍ଛା ଜଣାଇ ଦେଶବାସୀଙ୍କ ଜୀବନରେ ନୂତନ ଉତ୍ସାହ ପାଇଁ ପ୍ରାର୍ଥନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରି କହିଛନ୍ତି ଯେ, 'ରାମ ନବମୀ ଅବସରରେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଜୟନ୍ତୀର ଏହି ପବିତ୍ର ଅବସର ଆପଣମାନଙ୍କ ସମସ୍ତଙ୍କ ଜୀବନରେ ନୂତନ ଚେତନା ଏବଂ ନୂତନ ଉତ୍ସାହ ଆଣୁ ଏବଂ ଏକ ସଶକ୍ତ, ସମୃଦ୍ଧ ଏବଂ ସକ୍ଷମ ଭାରତର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରୁ। ଜୟ ଶ୍ରୀ ରାମ!' ସେହିଭଳି ରାମନବମୀ ଅବସରରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ 'ଭାରତର ଆତ୍ମା, ମାନବତାର ଆଦର୍ଶ, ଧର୍ମର ଶ୍ରେଷ୍ଠ ରୂପ, ଆମର ଆରାଧ୍ୟ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜନ୍ମବାର୍ଷିକୀ 'ଶ୍ରୀ ରାମ ନବମୀ'ର ପବିତ୍ର ଅବସରରେ ସମସ୍ତ ରାମ ଭକ୍ତ ଏବଂ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭକାମନା! ରାମ ଭାରତର ଆସ୍ଥା, ମର୍ଯ୍ୟାଦା ଏବଂ ଦର୍ଶନରେ ଅଛନ୍ତି। ରାମ ହେଉଛନ୍ତି ଭାରତର 'ବିବିଧତା ମଧ୍ୟରେ ଏକତା'ର ପ୍ରତୀକ। ସମସ୍ତଙ୍କ ବିଶ୍ୱାସର କେନ୍ଦ୍ର ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ଜୀବ ଏବଂ ନିର୍ଜୀବ ଜଗତ ଉପରେ ରହୁ। ସମସ୍ତେ ଭଲରେ ରୁହନ୍ତୁ, ଏହା ମୋର ପ୍ରାର୍ଥନା। ଶ୍ରୀରାମ ନବମୀର ଏହି ପବିତ୍ର ପର୍ବ ଆମ ବ୍ୟକ୍ତିତ୍ୱରେ ସୀମା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଶିକ୍ଷା ଏବଂ ଆଦର୍ଶକୁ ପ୍ରତିପାଦିତ କରିବାର ସଂକଳ୍ପ ନେବାର ଏକ ସୁଯୋଗ। କରୁଣାମୟ ପ୍ରଭୁ ଶ୍ରୀରାମଙ୍କର ଜୟ!'

ପାକିସ୍ତାନୀଙ୍କ ପାଇଁ ଦେବଦୂତ ସାଜିଲେ ଭାରତୀୟ ନୌସେନା

## ସମୁଦ୍ରରେ ଅସ୍ତ୍ରୋପଚାର କରି ବଞ୍ଚାଇଲେ ଜୀବନ

**ନୂଆଦିଲ୍ଲୀ,୬।୪:** ଜଣେ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କୁ ସାହାଯ୍ୟର ହାତ ବଢ଼ାଇଲେ ଭାରତୀୟ ନୌସେନା । ରବିବାର ଦିନ ନୌସେନା ଏହି ସୂଚନା ଦେଇଛନ୍ତି । ଓମାନରେ ପାକିସ୍ତାନୀ ମତ୍ସ୍ୟଜୀବୀ ଆହତ ହୋଇଥିବା ଖବର ଶୁଣିବାକୁ ମିଳୁଛି। ମାନବିକତା ଦୃଷ୍ଟିରେ ରଖି ଜାହଜ ମଧ୍ୟରେ ତାଙ୍କ ଅସ୍ତ୍ରୋପଚାର କରିଛନ୍ତି ଭାରତୀୟ ନୌସେନା । ଯାହାର ତଦନ୍ତ କରାଯାଇଛି। ଖବରମୁତାବକ, ଶୁକ୍ରବାର ଦିନ ଇରାନୀ ଜାହାଜ ଅଲ୍ ଓମିଦରୁ ଏକ ଫୋନ୍ କଲ୍ ପାଇଥିଲା ଭାରତୀୟ ନୌସେନା । ଯାହା ପରେ ପାକିସ୍ତାନୀ ମତ୍ସ୍ୟଜୀବୀଙ୍କ ଚିକିତ୍ସା ପାଇଁ ଭାରତୀୟ ନୌସେନା ତାଙ୍କ ଗତିପଥକୁ ବଦଳାଇଥିଲେ । ଓମାନ ଉପକୂଳରେ ପାକିସ୍ତାନୀ ମତ୍ସ୍ୟଜୀବୀ ମାଛ ଧରିବା ଜାହାଜରେ ଅଘଟଣ ଘଟିଥିଲା । ଡଙ୍ଗାର ଇଞ୍ଜିନ କାମ କରୁଥିବା ସମୟରେ ସେ ଆହତ ହୋଇଥିଲେ। ତାଙ୍କ ଆଙ୍ଗୁଠିରେ ଶକ୍ତ ଆଘାତ ଲାଗିଥିଲା । ହାଡ ଭାଙ୍ଗି ତାଙ୍କ ହାତରୁ ରକ୍ତ ବୋହିବାକୁ ଲାଗିଥିଲା । ଜାହାଜରେ ରେହମାନ ହାଞ୍ଜିଆଙ୍କ ଦଳରେ ୧୧ଜଣ ପାକିସ୍ତାନୀ ଥିଲେ । ଏମାନଙ୍କ ସମେତ ୯ଜଣ ବେଲୁଚିସ୍ତାନ, ୨ ଜଣ ସିନ୍ଧ ପ୍ରଦେଶର ଏବଂ ୫ଜଣ ଇରାନର କର୍ମଚାରୀ ଥିଲେ । ଫଳରେ ଜାହାଜରେ ଆଇଏନ୍ଏସ୍ ତ୍ରିକାଣ୍ଡର ଚିକିତ୍ସା ଅଧିକାରୀ, ସାମୁଦ୍ରିକ କମାଣ୍ଡୋ ଏବଂ ବୋର୍ଡିଂ ଟିମ୍ ମିଶି ପାକିସ୍ତାନୀଙ୍କ ଚିକିତ୍ସା କରିଥିଲେ ।

● ମହାରାଷ୍ଟ୍ର ମସଜିଦ ବିସ୍ଫୋରଣ

## ଅଭିଯୁକ୍ତଙ୍କ ବିରୋଧରେ କଠୋର ଧାରା

**ମୁମ୍ବଇ,୬।୪:** ୩୦ ମାର୍ଚ୍ଚରେ ମହାରାଷ୍ଟ୍ରର ବୀଡ ମସଜିଦରେ ବିସ୍ଫୋରଣ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୋଲିସ । ଏବେ ଅଭିଯୁକ୍ତଙ୍କ ଉପରେ ୟୁଏପିଏ ଏବଂ ବିଏନ୍ଏସ୍‌ର କଠୋର ଧାରା ଲାଗୁ କରିଛି । ଦୁଇ ଅଭିଯୁକ୍ତ ହେଲେ ବିଜୟରାମ ଗଭନେ(୨୨) ଏବଂ ଶ୍ରୀରାମ ଅଶୋକ ସଗଡେ(୨୪) । ଅନ୍ୟପଟେ ମସଜିଦ ବିସ୍ଫୋରଣରେ ଦୁଇ ଅଭିଯୁକ୍ତ ବିଜୟରାମ ଗଭନେ(୨୨) ଏବଂ ଶ୍ରୀରାମ ଅଶୋକ ସଗଡେ(୨୪) ସାମିଲ ରହି ଏହି କାଣ୍ଡ ଘଟାଇଥିଲେ । ଫଳରେ ଉଭୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ବିଏନ୍ଏସ୍‌ର ୨୯୮, ୨୯୯ ଏବଂ ୧୯୬ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହା ବ୍ୟତୀତ ୟୁଏପିଏର ୧୫,୧୬ ଏବଂ ୧୮ ଧାରାକୁ ମଧ୍ୟ ଲାଗୁ କରାଯାଇଛି । ଯେଉଁଥିରେ ଅଭିଯୁକ୍ତଙ୍କୁ ଯାମିନ ପାଇବା କଷ୍ଟକର ହୋଇପଡିବ । ଏହାର କାର୍ଯ୍ୟାନୁଷ୍ଠାନ ବହୁତ କଠୋର। ଉକ୍ତ ଅଭିଯୁକ୍ତଙ୍କୁ ପୋଲିସ ନିଜ ହେପାଜତରେ ରଖି ଏହି ମାମଲାକୁ ଉଚ୍ଚ ସ୍ତରରେ ତଦନ୍ତ ପ୍ରକ୍ରିୟା ଚାଲୁ ରଖିଛି । ଅଞ୍ଚଳରେ ଶାନ୍ତି ବାତାବରଣ ଫେରାଇ ଆଣିବାରେ ସଫଳ ହୋଇଛି ପୋଲିସ । ସୂଚନା ଯୋଗ୍ୟ, ଇଦର ଗୋଟିଏ ଦିନ ପୂର୍ବରୁ ଏପରି ଦୁର୍ଘଟଣା ସମସ୍ତଙ୍କୁ ଚକିତ କରିଥିଲା । ଯାହା ଖୁସିର ସମୟକୁ ଫିକା କରିଦେଇଥିଲା । ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆତଙ୍କ ବାତାବରଣ ସୃଷ୍ଟି ହୋଇଥିଲା । ଜିଲାଟିନ୍ ଷ୍ଟିକ ମାଧ୍ୟମରେ ବିସ୍ଫୋରଣ ଘଟିଥିବା ଜଣାପଡିଛି ।

## ଭାରତ ପାଇଁ ଲାଭବାନ ହେଲା ଚାଟ୍‌ଜିପିଟି, ରେକର୍ଡ କଲା ଘିବ୍‌ଲି



**ନୂଆଦିଲ୍ଲୀ,୬।୪:** ଚାଟ୍‌ଜିପିଟିର ନୂତନ ଇମେଜ ଜେନେରେଶନ ଟୁଲ୍ ଗତ କିଛି ଦିନ ଧରି ଚର୍ଚ୍ଚାରେ ରହି ଆସୁଛି। ସମସ୍ତେ ଷ୍ଟୁଡିଓ ଘିବଲି ଆର୍ଟର ଫଟୋ ତିଆରି କରିବାରେ ବ୍ୟସ୍ତ। ଏହା ସମଗ୍ର ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଷ୍ଟୁଡିଓ ଘିବଲି ଶୈଳୀର ଚିତ୍ରଗୁଡ଼ିକ ଇଣ୍ଟରନେଟରେ ଏକ ବଡ଼ ଟ୍ରେଣ୍ଡ ପାଲଟିଛି। ବିଶେଷକରି ଭାରତରେ ଏହା ବହୁତ ଲୋକପ୍ରିୟ ହୋଇଛି। ଭାରତ ଯୋଗୁ ଚାଟ୍‌ଜିପିଟି ଲାଭବାନ ହୋଇଛି। ଓପନ୍ ଏଆଇର ସିଓଓ ବ୍ରାଡ ଲାଇଟ୍‌କ୍ୟାପ୍ ଏହି ନୂତନ ବୈଶିଷ୍ଟ୍ୟର ବ୍ୟବହାର ବିଷୟରେ କିଛି ଆଶ୍ଚର୍ଯ୍ୟଜନକ ପରିସଂଖ୍ୟାନ ଶେୟାର କରିଛନ୍ତି। ଯାହା ଦର୍ଶାଉଛି ଯେ ଏହି ବୈଶିଷ୍ଟ୍ୟ କେତେ ଲୋକପ୍ରିୟ ହୋଇଛି। ବ୍ରାଡ ଲାଇଟ୍‌କ୍ୟାପ୍ ଏକ୍ସ ରେ ଏକ ପୋଷ୍ଟରେ ଶେୟାର କରିଛନ୍ତି ଯେ ୧୩୦ ନିୟୁତରୁ ଅଧିକ ଚାଟ୍‌ଜିପିଟି ବ୍ୟବହାରକାରୀ ୭୦୦ ନିୟୁତରୁ ଅଧିକ ଚିତ୍ର ସୃଷ୍ଟି କରିଛନ୍ତି। ଏହି ସଂଖ୍ୟା ଦର୍ଶାଉଛି ଯେ ନୂତନ ବୈଶିଷ୍ଟ୍ୟର କେତେ ବଡ଼ ପ୍ରଭାବ ପଡ଼ିଛି ଏବଂ ଲୋକମାନେ ଏହାକୁ କେତେ ଉତ୍ସାହର ସହିତ ବ୍ୟବହାର କରୁଛନ୍ତି।

# ୭ ବର୍ଷରେ ୨୦ଥର ନକଲି ବିବାହ ଦିନକୁ ନିଅନ୍ତି ୧୭ ହଜାର

**ବେଜିଂ,୬।୪:** ସମ୍ପ୍ରତି ଚାଇନାରେ ସାମାଜିକ ଚାପର ମୁକାବିଲା ପାଇଁ ଛଦ୍ମ ବିବାହର ଧାରା ଆରମ୍ଭ ହୋଇଛି। ଦକ୍ଷିଣ ପଶ୍ଚିମ ଚାଇନାର ଚେଙ୍ଗଡୁ ସହରର କାଓ ମେଇ ନାମ୍ନୀ ଜଣେ ଯୁବତୀ ଗତ ୭ ବର୍ଷ ମଧ୍ୟରେ ୨୦ ଥର ଛଦ୍ମ ବିବାହ କରିଛନ୍ତି। ନକଲି ବିବାହର ଅଭିନୟ ପାଇଁ କାଓ ଦୈନିକ ୨୦୦ ଡଲାର(ପ୍ରାୟ ୧୭ ହଜାର) ପର୍ଯ୍ୟନ୍ତ ରୋଜଗାର କରନ୍ତି ବୋଲି ଦାବି କରିଛନ୍ତି।



କାଓ କହିଛନ୍ତି, ସେ ସମ୍ପ୍ରତି ନିଜକୁ ଭଡ଼ାରେ ଦେଇ ନକଲି ସ୍ତ୍ରୀ ଏବଂ ନକଲି ପ୍ରେମିକା ଭାବେ ଭଲ ରୋଜଗାର କରୁଛନ୍ତି। ୨୦୧୮ରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ନକଲି ଗର୍ଲଫ୍ରେଣ୍ଡ ସଜାଇ ନିଜ ମା'ବାପାଙ୍କ ସହ ତାଙ୍କର ପରିଚୟ କରାଇଥିଲେ। ଜଣେ ନକଲି ଗର୍ଲଫ୍ରେଣ୍ଡ କିମ୍ବା ନକଲି ସ୍ତ୍ରୀ ଭାବେ ଲୋକଙ୍କୁ ସେବା ଦେଇ ସେ ଭଲ ରୋଜଗାର କରିପାରିବେ ବୋଲି କାଓ ସେତେବେଳେ ଅନୁଭବ କରିଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ଚାଇନାରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ପାରିବାରିକ ଚାପ, ଡେଟିଂ ଏବଂ ବିବାହ ଆଦି ସହ ସଂଘର୍ଷ କରୁଛନ୍ତି। ଏପରି ସ୍ଥଳେ ତାଙ୍କ ଭଳି କେତେଜଣ ଯୁବତୀ ନକଲି ପ୍ରେମିକା କିମ୍ବା ସ୍ତ୍ରୀ ସାଜି ଲୋକଙ୍କୁ ସେବା ଯୋଗାଇ ଭଲ ରୋଜଗାର କରିପାରୁଛନ୍ତି। ତେବେ ସାଧାରଣତଃ ପର୍ବପର୍ବାଣି କିମ୍ବା ଛୁଟିଦିନରେ ସେମାନଙ୍କ ଚାହିଦା ବଢ଼ିଯାଇଥାଏ ବୋଲି କାଓ କହିଛନ୍ତି। ଖାସ୍‌କରି ବିଭିନ୍ନ ପାରିବାରିକ ସମାରୋହରେ ସେ ନକଲି ପ୍ରେମିକା କିମ୍ବା ସ୍ତ୍ରୀ ଭାବେ ଯୋଗଦେଇଥାନ୍ତି। କାଓ କହିଛନ୍ତି, ସେ କୌଣସି ବ୍ୟକ୍ତିଙ୍କୁ ଛଦ୍ମ ବିବାହ କରିବା ପୂର୍ବରୁ ତାଙ୍କର ବୟସ, ଶିକ୍ଷାଗତ ଯୋଗ୍ୟତା, ଜୀବିକା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିଥାନ୍ତି। ସେହିପରି ବିବାହରେ ଅତିଥିଙ୍କ ସମ୍ମୁଖରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ବିବାହ ପୂର୍ବରୁ ସେ ତାଙ୍କ ନକଲି ସ୍ୱାମୀଙ୍କ ପରିବାର ସହ ଭେଟି ସେମାନଙ୍କ ସହିତ ମିଶିବାକୁ ଚେଷ୍ଟା କରିଥାନ୍ତି।ତେବେ ଛଦ୍ମ ବିବାହ କରି ସେ କେବେ ମଧ୍ୟ କୌଣସି ଆଇନଗତ ସମସ୍ୟାରେ ପଡ଼ି ନ ଥିବା କାଓ କହିଛନ୍ତି। ସେ ବିବାହ କରୁଥିବା ବ୍ୟକ୍ତିଙ୍କ ମା'ବାପା ସାଧାରଣତଃ ଅତିଥିଙ୍କଠାରୁ ଉପହାର ପାଇବା ଆଶାରେ ଛଦ୍ମ ବିବାହରେ ରାଜି ହୋଇଯାଇଥାନ୍ତି ବୋଲି କାଓ କହିଛନ୍ତି। ଛଦ୍ମ ବିବାହ ସମ୍ପର୍କରେ ସେମାନେ ତାଙ୍କ ପଡ଼ୋଶୀ ଓ ଅତିଥିଙ୍କୁ ଲୁଚାଇଥାନ୍ତି।

## ହ୍ୱାଇଟ୍ ହାଉସ୍ ଛାଡ଼ିବେ ମସ୍କ

**ୱାଶିଂଟନ, ୬।୪:** ଆମେରିକା ପ୍ରଶାସନରେ ବଡ଼ ଚେହେରା ବନିଥିବା ଏଲନ ମସ୍କ ଖୁବଶୀଘ୍ର ହ୍ୱାଇଟ ହାଉସ୍ ଛାଡି ପାରନ୍ତି। ଏନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏଲନ ମସ୍କ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ଏବେ ଆଲୋଚନାରେ ରହିଛି। ଅନେକେ ଭାବିଥିଲେ ଯେ ଉଭୟଙ୍କ ମଧ୍ୟରେ ବିବାଦ ହୋଇପାରେ, କିନ୍ତୁ ସୂଚନା ଅନୁସାରେ ମସ୍କ ଶୀଘ୍ର ହ୍ୱାଇଟ ହାଉସ ଛାଡୁଛନ୍ତି। ଏହାପରେ ମଧ୍ୟ ଟ୍ରମ୍ପଙ୍କ ସହ ତାଙ୍କର ବନ୍ଧୁତା ଓ ରାଜନୈତିକ ପ୍ରଭାବ ବଜାୟ ରହିବ। ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ମସ୍କଙ୍କୁ ସରକାରୀ ଦକ୍ଷତା ବିଭାଗରେ ଏକ ବିଶେଷ ଭୂମିକା ଦିଆଯାଇଥିଲା। ତେବେ ଏହି ପଦବୀର ସମୟସୀମା ୧୩୦ ଦିନ ଥିବାରୁ ମେ ଶେଷ ସୁଦ୍ଧା ସେ ଏହା ଛାଡ଼ିବେ ବୋଲି ଜଣାପଡ଼ିଛି। ଟ୍ରମ୍ପ ମସ୍କଙ୍କୁ ସବୁବେଳେ ସମର୍ଥନ କରିଆସିଛନ୍ତି, ଯଦିଓ ରିପବ୍ଲିକାନ ଦଳର କେତେକ ନେତା ମସ୍କଙ୍କୁ ରାଜନୈତିକ ଦାୟିତ୍ୱ ବୋଲି ମନେ କରୁଛନ୍ତି। ରିପୋର୍ଟ ଅନୁସାରେ, ଟ୍ରମ୍ପ ତାଙ୍କ ଘନିଷ୍ଠ ମହଲରେ କହିଛନ୍ତି ଯେ ମସ୍କ ଶୀଘ୍ର ବାହାରିବେ, କିନ୍ତୁ ମସ୍କ ଏହାକୁ "ଫେକ ନ୍ୟୁଜ" କହି ଖଣ୍ଡନ କରିଛନ୍ତି। ଏହା ସତ୍ତ୍ୱେ, ଉଭୟଙ୍କ ମଧ୍ୟରେ କୌଣସି ତିକ୍ତତାର ସଙ୍କେତ ଦେଖାଯାଇନାହିଁ।

# ୭ ରୋଗୀଙ୍କୁ ମାରିଦେଲେ ନକଲି ସର୍ଜନ

**ଦମୋହ,୬।୪:** ମଧ୍ୟପ୍ରଦେଶର ଦମୋହ ସହରର ଏକ ଘରୋଇ ମିଶନାରି ହସ୍ପିଟାଲରେ ଜଣେ ନକଲି ଡାକ୍ତର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ବେଳେ ଅନ୍ୟୂନ ୭ ଜଣ ରୋଗୀଙ୍କୁ ମାରିଦେଇଥିବା ଅଭିଯୋଗ ହୋଇଛି। ଜିଲା ଅଧିକାରୀ ଅଭିଯୋଗର ତଦନ୍ତ ଚଳାଇଛନ୍ତି। ମାସେ ମଧ୍ୟରେ ଉକ୍ତ ହସ୍ପିଟାଲରେ ୭ ଜଣଙ୍କ ମୃତ୍ୟୁ ଘଟିବା ଉକ୍ତ ଅଞ୍ଚଳରେ ଚିନ୍ତା ବଢ଼ାଇଦେଇଛି। ଏନ୍. ଜନ୍ କେମ୍ ନାମକ ବ୍ୟକ୍ତି ନିଜକୁ ଖ୍ୟାତନାମା ବ୍ରିଟିଶ ହୃଦ୍‌ରୋଗ ବିଶେଷଜ୍ଞ ପରିଚୟ ଦେଇ ଉକ୍ତ ହସ୍ପିଟାଲରେ ରୋଗୀଙ୍କ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରୁଥିଲେ। ପରବର୍ତ୍ତୀ ସମୟରେ ରୋଗୀଙ୍କର ମୃତ୍ୟୁ ଘଟିଥିଲା।




ଲଣ୍ଡନର ହାର୍ଟ ସର୍ଜନ କହି ଚାକିରି ପାଇଥିଲେ

ତଦନ୍ତ ପରେ ଅଭିଯୁକ୍ତଙ୍କ ପ୍ରକୃତ ନାମ ନରେନ୍ଦ୍ର ବିକ୍ରମାଦିତ୍ୟ ଯାଦବ ବୋଲି ଜଣାପଡ଼ିଛି। ସରକାରୀ ଭାବେ ରୋଗୀଙ୍କ ମୃତ୍ୟୁସଂଖ୍ୟା ୭, କିନ୍ତୁ ପ୍ରକୃତ ମୃତ୍ୟୁ ଏହାଠାରୁ ଅଧିକ ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ତଥା ଆଇନଜୀବୀ ଦୀପକ ତିଓ୍ୱାରୀ କହିଛନ୍ତି। ସେ ପୂର୍ବରୁ ଦମୋହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟ କେତେଜଣ ରୋଗୀଙ୍କ ଅଭିଯୋଗ ପରେ ଡାକ୍ତର ଜଣକ ନକଲି ବୋଲି ଜଣାପଡ଼ିଥିଲା। ପ୍ରକୃତ ଡାକ୍ତର ବ୍ରିଟେନରେ ଥିବାବେଳେ ନରେନ୍ଦ୍ର ଏଠାରେ ନିଜକୁ ଡାକ୍ତର ପରିଚୟ ଦେଇ ଚିକିତ୍ସା ଚଳାଇଥିଲେ।

# ଭାଷଣ ବେଳେ ଟଳିପଡ଼ିଲେ ଛାତ୍ରୀ

**ମୁମ୍ବାଇ,୬।୪:** ମହାରାଷ୍ଟ୍ରର ଧାରାଶିବ୍‌ରୁ ଏକ ହୃଦୟବିଦାରକ ଭିଡିଓ ସାମ୍ନାକୁ ଆସିଛି। ଏଠାରେ ଛାତ୍ରୀ ଜଣକ ବିଦାୟ ସମାରୋହରେ ମଞ୍ଚ ଉପରେ ଖୁବ୍ ହସିହସି ଭାଷଣ ଦେଉଥିଲେ। ହଠାତ୍ ଟଳିପଡ଼ିଲେ। ସିନ୍ଦେ କଲେଜ, ପରନ୍ଦାର ଜଣେ ଛାତ୍ରୀ ମଞ୍ଚ ଉପରେ ଭାଷଣ ଦେଉଥିବା ସମୟରେ ଟଳିପଡ଼ିଥିଲେ। ଯାହାର ଏକ ଭିଡିଓ ସାମ୍ନାକୁ ଆସିଛି। ଭାଷଣ ଦେଉଥିବା ସମୟରେ ତାଙ୍କ ମୁଣ୍ଡ ବୁଲାଉଥିବା ପରି ଭିଡିଓରେ ଜଣାପଡୁଛି। ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଡାକ୍ତର ଛାତ୍ରୀ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ରୀଙ୍କ ନାମ ବର୍ଷା ଭରତ ଖରାଟ ବୋଲି ଜଣାପଡ଼ିଛି। ସେ ବିଏସ୍‌ସି ତୃତୀୟ ବର୍ଷରେ ପଢୁଥିଲେ। କଲେଜରେ ବିଦାୟକାଳୀନ ସମାରୋହରେ ହସି ହସି ନିଜର ଭାବନା ପ୍ରକାଶ କରୁଥିବା ସମୟରେ ଏହି ତାଙ୍କ ମୃତ୍ୟୁର ଲାଇଭ୍ ଭିଡିଓ ଭାଇରାଲ ହେବାରେ ଲାଗିଛି। ଡାକ୍ତରମାନେ କହିଛନ୍ତି, ପିଲାଦିନେ ବର୍ଷାଙ୍କ ଓପନ ହାର୍ଟ ସର୍ଜରୀ ହୋଇଥିଲା।



ସେହି ସମୟରେ, ଶିକ୍ଷୟିତ୍ରୀ କହିଥିଲେ ଯେ ବର୍ଷାଙ୍କ ବାପାମାଆ ମଧ୍ୟ ତାଙ୍କୁ କହିଥିଲେ ଯେ, ତାଙ୍କର ଓପନ ହାର୍ଟ ସର୍ଜରୀ ହୋଇଛି। ତାଙ୍କର ହାର୍ଟରୋଗ ଥିଲା। ତଥାପି ଶିକ୍ଷକମାନେ କହିଛନ୍ତି, ସେ ସ୍କୁଲରେ ପଢୁଥିବା ସମୟରେ ସେମାନେ କେବେ ତାଙ୍କୁ ଅସୁସ୍ଥ ଥିବା ଲକ୍ଷ୍ୟ କରି ନ ଥିଲେ। ନାଡି ହେଉଛି ସୋଲାପୁର ଜିଲାର ମାଧା ତାଲୁକ ଅନ୍ତର୍ଗତ ପାରାଣ୍ଡିଆ ସହିତ ଲାଗିଥିବା ଏକ ଗ୍ରାମ। ଛାତ୍ରୀଙ୍କ ମାତାପିତା ସେଠାରେ ଚାଷ କାମ କରନ୍ତି। ବର୍ଷାଙ୍କ ଘରେ ଆଉ ଜଣେ ଭଉଣୀ ଏବଂ ଆଉ ଜଣେ ଭାଇ ଅଛନ୍ତି। ବର୍ଷାଙ୍କ ମୃତ୍ୟୁ ପରିବାର ଉପରେ ଦୁଃଖର ପାହାଡ଼ ଆଣିଦେଇଛି। ନିକଟ ଅତୀତରେ, ଏପରି ଅନେକ ଘଟଣା ସାମ୍ନାକୁ ଆସିବା ଆରମ୍ଭ ହୋଇଛି ଯେଉଁଠାରେ ଲୋକମାନେ ଜିମ୍‌ରେ ନାଚୁଥିବା, ଗୀତ ଗାଉଥିବା, କଥା ହେଉଥିବା କିମ୍ବା ବ୍ୟାୟାମ କରୁଥିବା ସମୟରେ ହଠାତ୍ ପଡ଼ିଯାଇ ପ୍ରାଣ ହରାଇଥାନ୍ତି।

ଟ୍ରମ୍ପ ଓ ମସ୍କଙ୍କ ନୀତିକୁ ବିରୋଧ

# ରାଜରାସ୍ତାକୁ ଓହ୍ଲାଇଲେ ସହସ୍ରାଧିକ ଲୋକ

**ନୂଆଦିଲ୍ଲୀ,୬।୪:** ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କର ପ୍ରମୁଖ ଉପଦେଷ୍ଟା ତଥା ବିଲିୟନେୟାର ଏଲନ ମସ୍କଙ୍କ ବିରୋଧରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। "ହ୍ୟାଣ୍ଡସ ଅଫ" ନାମକ ଏହି ପ୍ରତିବାଦ ଆମେରିକାର ବିଭିନ୍ନ ସହରରେ ଏବଂ ୟୁରୋପର କିଛି ରାଜଧାନୀରେ ଦେଖାଦେଇଛି। ଏହି ପ୍ରତିବାଦ ଟ୍ରମ୍ପ ସରକାରର ନୀତି ଓ ମସ୍କଙ୍କ ଦ୍ୱାରା ପରିଚାଳିତ ସରକାରୀ ଖର୍ଚ୍ଚ କମାଇବା ଯୋଜନା ବିରୋଧରେ କରାଯାଇଛି।

ଆମେରିକାରେ ଏହି ପ୍ରତିବାଦ ପ୍ରାୟ ୧,୦୦୦ରୁ ଅଧିକ ସହରରେ ଆୟୋଜିତ ହୋଇଛି। ବାମପନ୍ଥୀ ସଂଗଠନ ଯଥା ମୁଭ ଅନ ଓ ଉଇମେନ୍ସ ମାର୍ଚ୍ଚ ଏହାର ମୁଖ୍ୟ ଆୟୋଜକ ଥିଲେ। ପ୍ରତିବାଦକାରୀମାନେ ଟ୍ରମ୍ପଙ୍କ ସରକାରୀ କର୍ମଚାରୀ କମାଇବା, ବ୍ୟବସାୟ ଉପରେ କଠୋର ଟ୍ୟାକ୍ସ ନୀତି ଏବଂ ନାଗରିକ ଅଧିକାର ହ୍ରାସ କରିବା ପ୍ରୟାସକୁ ବିରୋଧ କରିଛନ୍ତି। ଏହା ସହିତ ମସ୍କଙ୍କ ନେତୃତ୍ୱରେ ଗଠିତ "ଡିପାର୍ଟମେଣ୍ଟ ଅଫ ଗଭର୍ନମେଣ୍ଟ ଏଫିସିଏନ୍ସି" (ଡୋଜ) ଯୋଜନାକୁ ମଧ୍ୟ ସେମାନେ ଟାର୍ଗେଟ କରିଛନ୍ତି। ଓାଶିଂଟନ ଡିସିରେ ହଜାର ହଜାର ଲୋକ ନ୍ୟାସନାଲ ମଲରେ ଏକତ୍ରିତ ହୋଇ ଟ୍ରମ୍ପ ଓ ମସ୍କଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ନିୟୁର୍କ, ହ୍ୟୁଷ୍ଟନ, ଫ୍ଲୋରିଡା ଓ ଲସ ଏଞ୍ଜେଲସରେ ମଧ୍ୟ ବଡ଼ ବଡ଼ ସମାବେଶ ଦେଖିବାକୁ ମିଳିଥିଲା। ୟୁରୋପରେ ମଧ୍ୟ ଏହି ପ୍ରତିବାଦର ପ୍ରଭାବ ଦେଖାଯାଇଛି। ଲଣ୍ଡନରେ ଆମେରିକା-ବ୍ରିଟିଶ




ନାଗରିକ ଲିଜ ଚାମ୍ବରଲିନ କହିଛନ୍ତି, "ଆମେରିକାରେ ଯାହା ଘଟୁଛି ତାହା ସମସ୍ତଙ୍କ ସମସ୍ୟା। ଏହା ଅର୍ଥନୈତିକ ପାଗଳାମି, ଟ୍ରମ୍ପ ଆମକୁ ବିଶ୍ୱ ଅବନତି ଆଡ଼କୁ ଠେଲି ଦେଉଛନ୍ତି। ପ୍ରତିବାଦକାରୀମାନେ ଆଶା କରୁଛନ୍ତି ଯେ ଏହି ଆନ୍ଦୋଳନ ଟ୍ରମ୍ପ ଓ ମସ୍କଙ୍କ ନୀତିରେ ପରିବର୍ତ୍ତନ ଆଣିବ। ଏହି ଘଟଣା ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ହୋଇଛି, କାରଣ ଏହା କେବଳ ଆମେରିକା ନୁହେଁ, ସାରା ବିଶ୍ୱର ଅର୍ଥନୀତି ଓ ରାଜନୀତି ଉପରେ ପ୍ରଭାବ ପକାଇପାରେ। ୨୦୨୫ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରଠୁ ତାଙ୍କ ପ୍ରଶାସନ ଅନେକ ବିବାଦୀୟ ନୀତି ଆପଣାଇଛି। ଏହି ନିଷ୍ପତ୍ତିଗୁଡ଼ିକ ଯୋଗୁ ଆମେରିକୀୟମାନେ ବହୁଳ ପ୍ରଭାବିତ ହୋଇଥିବା ଦର୍ଶାଇ ବିରୋଧରେ ରାଷ୍ଟ୍ରପତି ଟ୍ରମ୍ପ୍ ଏବଂ ବିବାଦୀୟ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଏଲନ୍ ମସ୍କଙ୍କ ଉଦ୍ଦେଶ୍ୟରେ ଦେଶବ୍ୟାପୀ 'ହ୍ୟାଣ୍ଡ୍‌ସ ଅଫ୍' ଆନ୍ଦୋଳନ ଚଳାଇଛନ୍ତି। ବିଶେଷକରି ଏପ୍ରିଲ ୫ ଶନିବାର ପୂର୍ବାହ୍ନ ୧୧ଟାରୁ ଏହାକୁ ୫୦ ରାଜ୍ୟରେ ବ୍ୟାପକ କରାଯାଇଛି। ସବୁ କଥାରେ ସରକାରୀ ହସ୍ତକ୍ଷେପକୁ ରୋକିବା ପାଇଁ ସେମାନେ ସ୍ଲୋଗାନ ଦେଉଛନ୍ତି 'ହ୍ୟାଣ୍ଡ୍‌ସ ଅଫ୍'। ଆମେରିକାର ବିଭିନ୍ନ ସହର ଓ ଅନ୍ୟ ୬ ଦେଶରେ ଏକକାଳୀନ ୧,୨୦୦ ବିକ୍ଷୋଭର ଆୟୋଜନ କରାଯାଇଛି। ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହା ହେଉଛି ତାଙ୍କ ବିରୋଧରେ ଗୋଟିଏ ଦିନରେ ସବୁଠୁ ବଡ଼ ବିକ୍ଷୋଭ।

ଟ୍ରମ୍ପ୍ ପ୍ରଶାସନର ପଦକ୍ଷେପ ଯୋଗୁ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି। ସେହିପରି ଅନେକ କ୍ଷେତ୍ରରେ ମାନବାଧିକାର ମଧ୍ୟ ଉଲ୍ଲଂଘନ ହେଉଛି। ଏହାର ପ୍ରତିବାଦରେ ହ୍ୟାଣ୍ଡ୍‌ସ ଅଫ୍ ବିକ୍ଷୋଭ ଆୟୋଜିତ ହୋଇଛି। ରାଷ୍ଟ୍ରପତିଙ୍କ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଯୋଗୁ ପ୍ରଭାବିତ ହୋଇଥିବା ଆମେରିକାର ସାମ୍ପ୍ରତିକ ବହିର୍ବ୍ୟାପାର ଏବଂ ଘରୋଇ ନୀତି ବିରୋଧରେ ଟ୍ରମ୍ପ୍‌ଙ୍କ ବିରୋଧୀମାନଙ୍କୁ ନିଜ ନିଜ ଅସନ୍ତୋଷ ବ୍ୟକ୍ତ କରିବାକୁ ଏହା ଏକ ସୁଯୋଗ ଦେଇଛି। ଏହା ଏକ ବିଶାଳ ବିକ୍ଷୋଭ, ଯାହାକି ମସ୍କ ଓ ଟ୍ରମ୍ପ୍‌ଙ୍କୁ ସେମାନଙ୍କ ନୀତିଗୁଡ଼ିକର ପୁନର୍ବିଚାର ପାଇଁ ବାଧ୍ୟ କରିବ ବୋଲି ମନେକରାଯାଉଛି।

ୱାଶିଂଟନ ଡିସି, ନ୍ୟୁୟର୍କ, ଲସ୍‌ଏଞ୍ଜେଲ୍ସ, ଆଟଲାଣ୍ଟା, ଶିକାଗୋ ସମେତ ମାସାଚ୍ୟୁସେଟ୍ସ, ଫ୍ଲୋରିଡା ଓ ଅନ୍ୟ ଇଷ୍ଟ୍ କୋଷ୍ଟ୍ ରାଜ୍ୟର ସହରଗୁଡ଼ିକରେ ସମନ୍ୱିତ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଲଣ୍ଡନ, ବର୍ଲିନ୍, ଟରଣ୍ଟୋ ଓ ମେକ୍ସିକୋ ସିଟିରେ ମଧ୍ୟ ଏହା ସମର୍ଥନରେ ଅନ୍ତର୍ଜାତୀୟ ସ୍ତରର ରାଲି କରାଯାଇଛି।

# ପାକିସ୍ତାନକୁ ୩-୦ରେ ହରାଇଲା ନ୍ୟୁଜିଲାଣ୍ଡ

## ଦର୍ଶକଙ୍କୁ ଆକ୍ରମଣ କଲେ ଖୁସଦିଲ






**ନୂଆଦିଲ୍ଲୀ, ୬।୪:** ମାଉଣ୍ଟ ମଙ୍ଗନୁଇ: ପାକିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡର ଜୟଯାତ୍ରା ଜାରି ରହିଛି। ପ୍ରଥମ ଦୁଇ ଦିନିକିଆ ଜିତି ୨-୦ରେ ଅପରାଜେୟ ଅଗ୍ରଣୀ ଲାଭ କରିଥିବା ନ୍ୟୁଜିଲାଣ୍ଡ ଶନିବାରର ତୃତୀୟ ତଥା ଶେଷ ଦିନିକିଆକୁ ୪୩ ରନ୍‌ରେ ଜିତି ୩-୦ରେ ଶୃଙ୍ଖଳା ପୋଛି ନେଇଛି। ତା’ ସହିତ ପାକିସ୍ତାନ ବିପକ୍ଷରେ ଲଗାତାର ଦୁଇଟି ଶୃଙ୍ଖଳା ଜିତିବାର ଗୌରବ ଅର୍ଜନ କରିଛି। ଏହା ପୂର୍ବରୁ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ଘରୋଇ ନ୍ୟୁଜିଲାଣ୍ଡ ୪-୧ରେ ଜିତି ନେଇଥିଲା।

ଶନିବାର ବର୍ଷା ପ୍ରଭାବିତ ତୃତୀୟ ଦିନିକିଆକୁ ୪୨ ଓଭରକୁ କମାଇ ଦିଆଯାଇଥିଲା। ନ୍ୟୁଜିଲାଣ୍ଡ ୪୨ ଓଭରରେ ୮ ୱିକେଟ୍ ହରାଇ ୨୬୪ ରନ୍ କରିଥିଲା। ଅଧିନାୟକ ମାଇକେଲ ବ୍ରେସୱେଲ୍ (୫୯) ଏବଂ ଓପନର ରାୟୁଜ୍ ମାରିୟୁ (୫୮) ଅର୍ଦ୍ଧଶତକ ଅର୍ଜନ କରିଥିଲେ। ପାକିସ୍ତାନର ସଫଳତମ ବୋଲର୍ ଭାବେ ଅକିଫ ଜାଭେଦ ୬୨ ରନ୍ ବିନିମୟରେ ସର୍ବାଧିକ ୪ ୱିକେଟ୍ କରାୟତ୍ତ କରିଥିଲେ। ପରେ ବେନ୍ ସିୟର୍ସ (୫/୩୪)ଙ୍କ ପାଞ୍ଚ ୱିକେଟ୍ ସଫଳତା ବଳରେ ପାକିସ୍ତାନକୁ ନ୍ୟୁଜିଲାଣ୍ଡ ୨ ଓଭର ପୂର୍ବରୁ ମାତ୍ର ୨୨୧ ରନ୍‌ରେ ଅଲଆଉଟ୍ କରି ଦେଇଥିଲା। ଶୃଙ୍ଖଳାରେ ସିଅର୍ସଙ୍କର ଏହା ଦ୍ୱିତୀୟ ପାଞ୍ଚ ୱିକେଟ୍ ସଫଳତା ଥିଲା। ଦ୍ୱିତୀୟ ଦିନିକିଆରେ ସେ ୫/୫୯ ସଫଳତା ପାଇଥିଲେ। ଅଲରାଉଣ୍ଡ୍ ସଫଳତା ଲାଭି ବ୍ରେସୱେଲ୍ (୫୯ ରନ୍ ୪୦ ବଲ୍, ୧/୩୯) ମ୍ୟାଚ୍‌ର ଏବଂ ସିଅର୍ସ (୧୦ ୱିକେଟ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର୍:** ନ୍ୟୁଜିଲାଣ୍ଡ ୪୨ ଓଭରରେ ୨୬୪/୮ (ମାଇକେଲ ବ୍ରେସୱେଲ୍ ୫୯, ରାୟୁଜ୍ ମାରିୟୁ ୫୮, ଅକିଫ୍ ଜାଭେଦ ୪/୬୨)। ପାକିସ୍ତାନ ୪୦ ଓଭରରେ ୨୨୧/୧୦ (ବାବର ଆଜମ ୫୦, ମହମ୍ମଦ ରିଜୱାନ ୩୭, ବେନ୍ ସିଅର୍ସ ୫/୩୭, ଜ୍ୟାକବ ଡଫି ୨/୪୦)। ମାଉଣ୍ଟ ମଙ୍ଗନୁଇରେ ଶନିବାର ଖେଳାଯାଇଥିବା ପାକିସ୍ତାନ-ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଅବସରରେ ଏକ ଅଶୋଭନୀୟ ଘଟଣା ଦେଖିବାକୁ ମିଳିଛି। ଲଜ୍ଜାଜନକ ପରାଜୟ ପରେ ଦୁଇ ଜଣ ଆଫଗାନ ଦର୍ଶକଙ୍କ ଟାହି ଟାପରା ସହି ନପାରି ପାକିସ୍ତାନ ଅଲରାଉଣ୍ଡର୍ ଖୁସଦିଲ ଶାହ ସେମାନଙ୍କୁ ଆକ୍ରମଣ କରିବା ଭଳି ନିନ୍ଦନୀୟ କାମ କରିଛନ୍ତି। ମ୍ୟାଚ୍ ଶେଷ ହେବା ପରେ ଏହି ଦୁଇ ଦର୍ଶକ ପାକିସ୍ତାନ ଖେଳାଳିଙ୍କୁ କଟାକ୍ଷ କରିଥିଲେ। ଅନ୍ୟ ସବୁ ଖେଳାଳି ଏହାକୁ ଅଣଦେଖା କରିଥିଲେ ମଧ ଖୁସଦିଲ ହଠାତ୍ ରାଗି ଯାଇ ସେମାନଙ୍କୁ ଧକ୍କା ମାରିବାକୁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀ ଉଭୟ ପକ୍ଷକୁ ଅଲଗା କରିବା ପରେ ଯାଇ ସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଆଫଗାନିସ୍ତାନର ସେହି ଦୁଇ ଦର୍ଶକ ପାକିସ୍ତାନ ଖେଳାଳିଙ୍କୁ ଗାଳି ଗୁଲଜ କରି ପଡ଼ିଆ ବାହାରକୁ ଯାଉଥିବା ଦେଖିବାକୁ ମିଳିଥିଲା।

ଘଟଣା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ ଏକ ପ୍ରେସ୍ ବିବୃତି ଜାରି କରି ଦର୍ଶକ ଦୁଇ ଜଣ ପାକିସ୍ତାନ ବିରୋଧୀ ସ୍ଲୋଗାନ୍ ଦେବା ସହ ଆମ ଖେଳାଳିଙ୍କୁ ବାରମ୍ବାର ଅପମାନଜନକ କଥା କହିଥିଲେ ବୋଲି ସୂଚନା ଦେଇଛି। ସେମାନଙ୍କୁ ଯେତେ ବୁଝାଇଥିଲେ ମଧ ବୁଝି ନଥିଲେ। ଫଳରେ ଖୁସଦିଲ୍ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କ ଆଡ଼କୁ ମାଡ଼ି ଯାଇଥିଲେ। ତେବେ ପରିସ୍ଥିତି ବିଗିଡ଼ିବା ପୂର୍ବରୁ ସୁରକ୍ଷାକର୍ମୀ ସେମାନଙ୍କୁ ଅଲଗା କରି ଦେଇଥିଲେ। ଆଇସିସି କିମ୍ବା ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ଏହି ଘଟଣାକୁ ନେଇ କୌଣସି ଆନୁଷ୍ଠାନିକ ମତ ଦେଇ ନାହାନ୍ତି। ତେବେ ଜଣେ ଅନ୍ତର୍ଜାତୀୟ ଖେଳାଳି ପଡ଼ିଆ ଭିତରେ ଏଭଳି ଉଗ୍ର ରୂପ ଦେଖାଇବାକୁ ସାଧାରଣ କ୍ରିକେଟ୍‌ପ୍ରେମୀ ତୀବ୍ର ନିନ୍ଦା କରିଛନ୍ତି।

# ଆଜିଠୁ ବରଗଡ଼ରେ ଚିଫ୍ ମିନିଷ୍ଟର କପ୍ ଫୁଟ୍‌ବଲ

## ଭାଗ ନେବେ ୮ ଟିମ୍



ବରଗଡ଼,୬।୪: ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଫୁଟ୍‌ବଲ୍ ଆସୋସିଏଶନ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆସନ୍ତା ସୋମବାରରୁ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ୧୫ ବର୍ଷରୁ କମ୍ ବୟସ ବର୍ଗର ଚିଫ୍ ମିନିଷ୍ଟର କପ୍ ଫୁଟବଲ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ଏ ନେଇ ରବିବାର ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂସଦର କର୍ମକର୍ତ୍ତାମାନେ ସୂଚନା ଦେଇ କହିଥିଲେ, ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ୧୫ଜିଲାରେ ପ୍ରତିଯୋଗିତା ଆୟୋଜିତ ହୋଇ ସାରିଥିବା ବେଳେ ସୋମବାରରୁ ବରଗଡ଼ ସମେତ ଅନ୍ୟ ଜିଲାଗୁଡ଼ିକରେ ଏହା ଆରମ୍ଭ ହେବ। ରାଜ୍ୟ ସରକାର ଓ ଫୁଟବଲ ଆସୋସିଏଶନ୍ ଅଫ ଓଡ଼ିଶା ତୃଣମୂଳସ୍ତରରେ ଯୁବ ଫୁଟବଲ ପ୍ରତିଭା ଚୟନ ପାଇଁ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାର ଚୟନକର୍ତ୍ତାମାନଙ୍କ ଦାରା ଚୟନ ହୋଇଥିବା ଖେଳାଳିମାନେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଏକାଡେମୀ ତଥା ବିଭିନ୍ନ ଜିଲାରେ ଥିବା କ୍ରୀଡ଼ା ହଷ୍ଟେଲଗୁଡ଼ିକରେ ରହି ଫୁଟବଲ ଖେଳରେ ପ୍ରଶିକ୍ଷଣ ପାଇପାରିବେ। ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଖେଳାଳିମାନେ ମଧ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତାଗୁଡ଼ିକରେ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ପାରିବେ। ସୋମବାରରୁ ବରଗଡ଼ରେ ଏହି ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବାବେଳେ ଏଥିରେ ୮ଦଳ ଅଂଶଗ୍ରହଣ କରିବା। ସେହି ଦଳଗୁଡିକ ମଧରେ ବରଗଡ଼ ଜିଲାର ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ, ବ୍ଲୁ ଡାଇମଣ୍ଡ କ୍ଲବ, ସୁପର ଜିମ୍ନାସିୟମ କ୍ଲବ, ବାବା ଆମ୍ବେଦକର କ୍ଲବ , ଏସ୍‌ଏସ୍‌ଓ୍ୱାଇଏସ୍ ଗୋବିନ୍ଦ ପାଲି, ବିର୍ସା ମୁଣ୍ଡା କ୍ଲବ ଖଲିଆପାଲି , ଗୋପବନ୍ଧୁ କ୍ଲବ କଦଳୀପାଲି ଓ ଖରମୁଣ୍ଡା ୟୁଥ୍ ଆଥ୍‌ଲେଟିକ୍ ଆସୋସିଏଶନ୍ ରହିଛନ୍ତି। ସୋମବାର ଅପରାହ୍ନ ୩ଟା ୩୦ ମିନିଟ୍‌ରେ ପ୍ରତିଯୋଗିତାକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବେ ବୋଲି କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା କ୍ରୀଡ଼ା ସଂସଦ ସଭାପତି ତଥା ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉପସ୍ଥିତିରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ ସହିତ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହି ପ୍ରତିଯୋଗିତାକୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ୧୨ ଜଣ ରେଫରୀ ପରିଚାଳନା କରିବାକୁ ଥିବାବେଳେ ସୁରେଶ ଦାଶଙ୍କୁ ମ୍ୟାଚ୍ କମିଶନର ଦାୟିତ୍ୱ ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଉପସଭାପତି ରବି ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ଅଜୟ ପଟ୍ଟନାୟକ, କୋଷାଧକ୍ଷ ଡଃ ଶୁଭ୍ରାଂଶୁ ଶେଖର ମହାପାତ୍ର, ଫୁଟବଲ ସମ୍ପାଦକ ଶେକ୍ ସବଦର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଫେରିଲେ ବୁମରା, ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ସାମିଲ




ମୁମ୍ବାଇ,୬।୪: କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର। ଅପେକ୍ଷାର ହେଲା ଅନ୍ତ। ବଢ଼ିଲା ମୁମ୍ବାଇ ଇଣ୍ଡିଆନ୍ସର ବଳ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ପାଇଁ ଭଲ ଖବର ଆସିଛି। ଦୁନିଆର ଆକ୍ରାତ୍ମକ ବୋଲର ଯଶପ୍ରୀତ ବୁମରା ଫେରିଛନ୍ତି। ଦୀର୍ଘ ଦିନ ପରେ ଫିଟ୍ ହୋଇ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଛନ୍ତି ଯଶପ୍ରୀତ ବୁମରା।

ଗତ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ଆହତ ହୋଇଥିଲେ। ଚାମ୍ପିଅନ୍ସ ଟ୍ରଫି ମଧ ଖେଳିନଥିଲେ। ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମରାଙ୍କୁ ଆଇପିଏଲରେ ଦେଖିବାକୁ ମିଳିବ। ମୈଦାନରେ ବ୍ୟାଟରଙ୍କୁ ଘାଇଲା କରିବେ ବୁମ୍ ବୁମ୍ ବୁମରା। ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ) ରେ ଫିଟ୍ ହୋଇ ସେ ଫେରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଛନ୍ତି। ଏ ନେଇ ମୁମ୍ବାଇ ଇଣ୍ଡିଆନ୍ସ ତାର ସୋସିଆଲ ମିଡିଆ ଏକ୍ସରେ ଜଣାଇଛି। କ୍ୟାପ୍ସନରେ ଲେଖିଛି (‘The Lion is Back’)।ଯଶପ୍ରୀତ ବୁମରା ସିଡନୀରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ଆହତ ହୋଇଥିଲେ। ବୋଲିଂ ବେଳେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ୱଦେଶ ଫେରିବା ପରଠୁ ଏନ୍‌ସିଏରେ ସେ ଚିକିତ୍ସାଧୀନ ଥିଲେ। ଏନ୍‌ସିଏ ପକ୍ଷରୁ ଫିଟ୍‌ନେସ୍ ପ୍ରମାଣ ପତ୍ର ପ୍ରଦାନ କରାଯିବା ପରେ ବୁମରା ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଛନ୍ତି। ଆସନ୍ତାକାଲି (ସୋମବାର) ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଖେଳିବ ମୁମ୍ବାଇ। ଏହି ମ୍ୟାଚରେ ଖେଳିପାରନ୍ତି ବୁମରା। ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଚଳିତ ସିଜିନରେ ୨ଟି ମ୍ୟାଚ ହାରିବା ପରେ ତୃତୀୟ ମ୍ୟାଚରେ କୋଲକାତା ବିପକ୍ଷରେ ଜିତିଥିଲା। ଚତୁର୍ଥ ମ୍ୟାଚରେ ଲକ୍ଷ୍ନୌ ବିପକ୍ଷରେ ପରାସ୍ତ ହୋଇଥିଲା।

# ଖେଳ ଦେଖିଲେ ଧୋନିଙ୍କ ମାତା-ପିତା

**ନୂଆଦିଲ୍ଲୀ, ୬।୪:** ଚେନ୍ନାଇର ଚେପକସ୍ଥିତ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଶନିବାର ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଧୋନିଙ୍କ ପିତା ପାନ୍ ସିଂହ, ମା’ ଦେବକୀ ଦେବୀ ଦର୍ଶକ ଷ୍ଟାଣ୍ଡ୍‌ରେ ବସି ଚେନ୍ନାଇ ସୁପର କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍‌ସ ମ୍ୟାଚ୍‌ର ମଜା ନେଇଥିଲେ। ପାଖରେ ପତ୍ନୀ ସାକ୍ଷୀ ଧୋନି ଏବଂ ଝିଅ ଜିଭା ମଧ୍ୟ ବସିଥିଲେ। ଧୋନିଙ୍କ ମାତା-ପିତା ପୁଅର ମ୍ୟାଚ୍ ଦେଖିବାକୁ ସାଧାରଣତଃ ଷ୍ଟାଡିୟମ୍‌କୁ ଆସନ୍ତି ନାହିଁ। ସେମାନଙ୍କ ସହ ସାକ୍ଷୀ ଓ ଜିଭା ରହିବା ସାମାଜିକ ଗଣମାଧ୍ୟମରେ ଧୋନିଙ୍କ ଆଇପିଏଲ୍ ଅବସର ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। ଏମିତି କୌଣସି ନିଷ୍ପତ୍ତି ନନେବାକୁ କିନ୍ତୁ ଧୋନିପ୍ରେମୀ ତାଙ୍କୁ ଅନୁରୋଧ କରିଥିଲେ। ସେପଟେ ଋତୁରାଜ ଗାଏକ୍ୱାଡ୍ ସାମାନ୍ୟ ଆହତ ହୋଇଥିବାରୁ ଧୋନି ଶନିବାର ଶେଷ ଥର ପାଇଁ ଚେନ୍ନାଇ ସୁପରକିଙ୍ଗ୍ସର ଅଧିନାୟକ ଦାୟିତ୍ୱ ତୁଲାଇବେ ବୋଲି ଅନେକ କ୍ରିକେଟ୍‌ପ୍ରେମୀ ଆକଳନ କରିଥିଲେ। ତେବେ ଗାଏକ୍ୱାଡ୍ ଠିକଣା ସମୟରେ ସୁସ୍ଥ ହେବା ସହ ଧୋନି ନିଜ ଭବିଷ୍ୟତ ବିଷୟରେ କୌଣସି ବିତର୍କିତ ନିଷ୍ପତ୍ତି ନେଇନଥିଲେ। ଧୋନିଙ୍କ ପୂରା ପରିବାରର ଉପସ୍ଥିତି ସତ୍ତ୍ୱେ ଚେନ୍ନାଇ ସୁପରକିଙ୍ଗ୍ସ କିନ୍ତୁ ଏହି ମ୍ୟାଚ୍‌କୁ ୨୫ ରନ୍‌ରେ ହାରି ଯାଇଥିଲା। ବ୍ୟକ୍ତିଗତ ଭାବେ ଧୋନି ୨୬ ବଲ୍‌ରୁ ଗୋଟିଏ ଲେଖାଏଁ ଛକା, ଚୌକା ବଳରେ ୩୦* ରନ୍ କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୌକା ଦେଖି...

ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାଚ୍ୟୁତ ହେବା ନେଇ ସମସ୍ତେ ପାଣ୍ଡିଆନଙ୍କୁ ଦାୟୀ କରୁଛନ୍ତି। ହେଲେ କିଛି ରାଜନୈତିକ ସମୀକ୍ଷକଙ୍କ ମତରେ ଯଦି ବିପର୍ଯ୍ୟୟ ପାଣ୍ଡିଆନ ଦାୟୀ, ତେବେ ବିଜେଡିର ୫୧ ଜଣ ବିଧାୟକ ଜିତିବାର ଶ୍ରେୟ କାହାକୁ ଯିବ। ତେଣୁ ଯେଉଁ ବିଧାୟକ ଓ ସାଂସଦମାନେ ହାରିଛନ୍ତି, ସେମାନେ ନିଜ ଅପାରଗତାକୁ ଗ୍ରହଣ କରିବା ଆବଶ୍ୟକ ବୋଲି ସମୀକ୍ଷକମାନେ କହୁଛନ୍ତି। ସେହିଭଳି ଏବେ ୱାକଫ ବିଲକୁ ନେଇ ନବୀନଙ୍କ ରଣନୀତି ନ ବୁଝି ହାରୁ ନେତାମାନେ ନବୀନ ଓ ପାଣ୍ଡିଆନଙ୍କ ଉପରେ ରାଗ ଶୁଝାଇବାକୁ ସୁଯୋଗ ପାଇଯାଇଛନ୍ତି।

ଏଇ ହାରୁ ନେତାଙ୍କ ମଧ୍ୟରେ ଅଛନ୍ତି ଦେବାଶିଷ ସାମନ୍ତରାୟ, ପ୍ରତାପ ଜେନା ଓ ପ୍ରତ୍ୟାଖ୍ୟାତ ନେତା ପ୍ରଭାତ ତ୍ରିପାଠୀ ଓ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରମୁଖ। ଦେବାଶିଷ ସାମନ୍ତରାୟ ନବୀନଙ୍କ ଆଶୀର୍ବାଦ ସତ୍ତ୍ୱେ କ୍ରମାଗତ ଭାବେ ହାରୁଛନ୍ତି। ପ୍ରଥମେ ମହମ୍ମଦ ମୋକିମ ଓ ଗତ ନିର୍ବାଚନରେ ତାଙ୍କ ଝିଅ ସୋଫିଆଠାରୁ ବି ହାରିଲେ। ବିଧାୟକ ଥିଲା ବେଳେ ତାଙ୍କର ବିଜେଡି ସାଂସଦଙ୍କ ସହ ପଟୁନଥିଲା। ଭୋଟର ବି ତାଙ୍କୁ ଭେଟି ସମସ୍ୟା କଥା କହିପାରୁନଥିଲେ। ଏହି ହାରୁ ନେତା ଏବେ ଆଗାମୀ ନିର୍ବାଚନରେ ବିଜେଡି ଉପକୂଳରେ ୨୮ ବିଧାନସଭା ଆସନରେ ଜିତିବା କଷ୍ଟକର ହୋଇପଡିବ ବୋଲି ଆକଳନ କରୁଛନ୍ତି। ତାଙ୍କର ଏଭଳି ଆକଳନକୁ ରାଜନୈତିକ ସମୀକ୍ଷକମାନେ ଆଦୌ ଗ୍ରହଣ କରିପାରୁନାହାଁନ୍ତି। ଦେବାଶିଷ ସାମନ୍ତରାୟ ଯେତେବେଳେ ହାରିଯାଇଥିଲେ ସେତେବେଳେ ତାଙ୍କୁ ରାଜ୍ୟସଭାକୁ ପଠାଇ ସମ୍ମାନ ବଞ୍ଚାଇଥିଲେ ନବୀନ ପଟ୍ଟନାୟକ ଓ ପାଣ୍ଡିଆନ। ଏବେ ସେଇ ନବୀନ ଓ ପାଣ୍ଡିଆନଙ୍କୁ ଟାର୍ଗେଟ କରିବା ସୁବିଧାବାଦୀ ରାଜନୀତି ବୋଲି ଦଳୀୟ ନେତାମାନେ ବି କହୁଛନ୍ତି।

ସେହିଭଳି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଦିନେ ଚିଟଫଣ୍ଡ ସ୍କାମରେ ଜେଲ ଯାଇଥିଲେ। ତାଙ୍କୁ ସେ ସମୟରେ ନବୀନ ପଟ୍ଟନାୟକ ହିଁ ସୁରକ୍ଷା ଦେଇଥିଲେ। ଆଉ ତାଙ୍କ ରାଜନୈତିକ ଗଡ଼ ସମ୍ଭାଳିବାକୁ ପୁଅ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଟିକେଟ ଦେଇ ଜିତାଇଥିଲେ। ସେ ଏ ଭିତରେ ଦୁଇ ଥର ବିଧାୟକ ହୋଇସାରିଲେଣି। ନବୀନଙ୍କ ଦୟାକୁ ଭୁଲି ପ୍ରଭାତ ତ୍ରିପାଠୀ ନବୀନ ଓ ପାଣ୍ଡିଆନଙ୍କୁ ନେଇ ଅଙ୍କ କଷୁଛନ୍ତି, ହେଲେ ପୁଅ ଦେବୀ ନିରବ। ଦେବୀଙ୍କ ଏଭଳି ଆଚରଣ ଏବେ ବିଜେଡି ନେତାଙ୍କୁ ଅଡୁଆରେ ପକାଇଦେଇଛି।

ସେହିଭଳି ଅନ୍ୟତମ ହାରୁ ନେତା ପ୍ରତାପ ଜେନା ମଧ୍ୟ ମୌକାର ଫାଇଦା ଉଠାଇ ପାଣ୍ଡିଆନଙ୍କୁ ନିଶାନା କରିବାରେ ଲାଗିଛନ୍ତି। ଟ୍ରିପଲ ମଡର କେସରେ ଛନ୍ଦି ହୋଇଥିବା ପ୍ରତାପ ସେ ସମୟରେ ନବୀନଙ୍କ ଦୟାରୁ ହତ୍ୟା ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ତଥାପି ନବୀନ ତାଙ୍କ ଗଡ଼ ରକ୍ଷା ପାଇଁ ପୁଅକୁ ଟିକେଟ ଦେଇଥିଲେ। କିନ୍ତୁ ପ୍ରତାପ ଜେନାଙ୍କ ଅପାରଗତା ପାଇଁ ନବୀନଙ୍କ ଶୁଭଦୃଷ୍ଟି ସତ୍ତ୍ୱେ ପୁଅକୁ ଜିତାଇପାରିଲେନି।

ଅନ୍ୟତମ ସୁବିଧାବାଦୀ ନେତା ସାଜିଛନ୍ତି ବିଧାୟକ ଗଣେଶ୍ୱର ବେହେରା। କଂଗ୍ରେସରେ ଥିବା ବେଳେ ୨୦୦୦ ମସିହାରୁ କ୍ରମାଗତ ଭାବେ ହାରୁଥିଲେ। ବିଧାନସଭାର କାନ୍ଥବାଡ ଭୁଲିଯାଇଥିଲେ। ନବୀନଙ୍କ ଦୟାରୁ ବିଜେଡି ଆସି ତୃତୀୟ ଥର ପାଇଁ ବିଧାୟକ ହେବାକୁ ସୁଯୋଗ ପାଇଥିଲେ। ସେ ବି ଦଳରେ ଥାଇ ଦଳ ବିରୋଧୀ ବିବୃତ୍ତି ଦେବାକୁ ପଛାଉନାହାଁନ୍ତି। ବିଧାୟକ ଭୁପିନ୍ଦର ସିଂହଙ୍କ କଥା ନକହିବା ଭଲ। ନିଜର ରାଜନୈତିକ ଭବିଷ୍ୟତ ପାଇଁ ବିରୋଧୀ ଦଳ ନେତା ଥିବା ବେଳେ ରାତିଅଧିଆ ବିଜେଡିକୁ ଡେଇଁଥିଲେ। ବିଜେଡି ଦୟାରୁ ରାଜ୍ୟସଭାକୁ ଗଲେ। ବିଜୟ ସମ୍ଭାବନା ନଥିବାରୁ ତାଙ୍କୁ ଏଥର ବିଧାସଭାରୁ ଲଢିବାକୁ ସୁଯୋଗ ଦେଇନଥିଲେ ନବୀନ। ସେଇ ରାଗ ଶୁଝାଇବାକୁ ସେ ବି ସୁପ୍ରିମୋଙ୍କ ବିରୋଧରେ ମିଡିଆରେ କହିବାକୁ ପଛାଉନାହାଁନ୍ତି। ସେହିଭଳି କଂଗ୍ରେସ ନେତା ନରସିଂହ ମିଶ୍ର। ନିଜ ଦଳର ଘଳିଆ ବୁଜିବା ବଦଳରେ ଚର୍ଚ୍ଚାରେ ରହିବାକୁ ବିଜେଡି ମାମଲାରେ ମୁଣ୍ଡ ପୂରାଉଛନ୍ତି। ପୁଅକୁ ଥଇଥାନ କରିବାକୁ ନିର୍ବାଚନ ପୂର୍ବରୁ ବିଜେଡି ନେତାଙ୍କୁ ଲୁଚିଛପି ଭେଟୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ରାଜନୈତିକ ସମୀକ୍ଷକଙ୍କ ମତରେ ଏବେ ନରସିଂହ କୁଆଡେ ସେଇ ରାଗ ଶୁଝାଉଛନ୍ତି।

## ୱାକଫ୍ ପାଇଁ...

ବ୍ୟାପିଗଲା। ଖବରର ଶିରୋନାମା ପାଲଟିଲା। ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଲା। ଏହା ଫଳରେ ବିଧାନସଭାରେ ବିଜେଡି ସଫଳତାର ଖବର ପଛକୁ ଠେଲିହୋଇଗଲା।

ଖବର ଖାଲି ପଛକୁ ତ ଗଲାନି, କେଉଁ ନେତା କ’ଣ କେତେ ସମୟ କହିଥିଲେ, ତାହା ଜାଣିବାକୁ ଆଉ କାହାର ଆଗ୍ରହ ରହିଲା ନାହିଁ। ସମସ୍ତେ ଅନାଇ ବସିଲେ ରାଜ୍ୟସଭାରେ ବିଜେଡି ନେତାଙ୍କ ବିବେକ କ’ଣ କହୁଛି? ଦେଖିଲେ ମଧ୍ୟ, କିଏ ସପକ୍ଷରେ ଗଲା ତ କିଏ ବିପକ୍ଷରେ। ଜଣେ ତ ଭୋଟ ନଦେଇ ପଳେଇ ଆସିଥିବା କହିଲେ। ସେବେଠାରୁ ଏହି ଖବର ରାଜ୍ୟରେ ଏକପ୍ରକାର ଏକ ନମ୍ବର ହୋଇ ରହିଛି। ତେଣୁ ବିଜେଡି ବଜେଟ୍ ଅଧିବେଶନର ଶେଷ ଦିନରେ ଯେଉଁ ରାତି ଅନିଦ୍ରା ହୋଇ ଶାସକଦଳକୁ ମୁକାବିଲା କରିଥିଲା, ତାହା ଉଭାନ ହୋଇଗଲା।

ଏହାକୁ ଦେଖି ଏବେ କିଛି ବିଜେଡି ବିଧାୟକ ଓ ଦଳୀୟ କର୍ମୀ କହୁଛନ୍ତି, ବିଜେଡି ପାଇଁ ଯାହା ହେଲା ତାହା ବାପ ପୁ ରାତି ଅନିଦ୍ରା ଭଳି ଅବସ୍ଥା। ମାଛ ଧରୁଥିବା ବାପ ପୁଅ ଯେଭଳି ରାତି ଅନିଦ୍ରା ହୋଇ ପାଣି ବୋହି ବୋହି ମୁଗୁରା ପଛ ମେଲା ଯୋଗୁଁ ସକାଳକୁ ଗୋଟିଏ ହେଲେ ମାଛ ନପାଇ ହତାଶ ହୋଇଥିଲେ, ବିଧାନସଭାରେ ରାତି ଅନିଦ୍ରା ହୋଇଥିବା ବିଜେଡି ବିଧାୟକମାନଙ୍କ ଅବସ୍ଥା ଅନୁରୂପ ହେଲା। ଏବେ ଖୋଦ ବିଧାୟକମାନେ ଏଥିପାଇଁ କାହାକୁ ଦୋଷଦେବେ ଜାଣିପାରୁନାହାନ୍ତି। କାରଣ ୱାକଫ ବୋର୍ଡ ମହାଯୁଦ୍ଧକୁ ଯେଉଁମାନେ କୁଦିଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ପ୍ରାୟତଃ ଅଣବିଧାୟକ। ତେଣୁ ତାଙ୍କ ସହିତ ଡିଆଁଡେଇଁ ନକରି ଚୁପ୍ ରହିବାକୁ ଅଧିକାଂଶ ବିଧାୟକ ଉଚିତ୍ ମଣୁଥିବା ଲକ୍ଷ୍ୟ କରାଯାଉଛି।

## ଆଇନରେ...

ବିଲ୍‌କୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବା ବେଳେ ଗତ ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲା ଖାନ୍ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଆସୋସିଏସନ ଫର୍ ଦି ପ୍ରୋଟେକ୍ସନ ଅଫ୍ ସିଭିଲ୍ ରାଇଟ୍ସ (ଏପିସିଆର୍) ନାମକ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ବିଲ୍‌ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛି।

ପ୍ରସ୍ତାବିତ ଆଇନ ମୁସଲମାନଙ୍କ ପ୍ରତି ପକ୍ଷପାତ ଓ ସେମାନଙ୍କୁ ଟାର୍ଗେଟ କରାଯାଉଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଆସିଛନ୍ତି। ସରକାରଙ୍କ ହସ୍ତକ୍ଷେପ ଦ୍ୱାରା ଧର୍ମୀୟ ଏବଂ ଦାତବ୍ୟ ଅନୁଷ୍ଠାନ ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ଦୁର୍ବଳ ହେବ ବୋଲି ଆପ୍ ବିଧାୟକ ପିଟିସନ୍‌ରେ ଦର୍ଶାଇଛନ୍ତି। ଉକ୍ତ ବିଲ୍ ସମ୍ବିଧାନର ଅନୁଚ୍ଛେଦ ୧୪, ୨୫, ୨୬ ଏବଂ ୩୦୦ଏ’ର ସିଧାସଳଖ ଉଲ୍ଲଂଘନ କରିବା ସହ ପ୍ରସ୍ତାବନା ମୂଲ୍ୟବୋଧର ଉଲ୍ଲଂଘନ ବୋଲି ଏନ୍‌ଜିଓ ପକ୍ଷରୁ କୁହାଯାଇଛି। ଏନ୍‌ଜିଓ ପକ୍ଷରୁ ଆଦିଲ ଅହମଦ ଉକ୍ତ ପିଟିଶନ ଦାଏର କରିଛନ୍ତି।

ସୂଚନାଯୋଗ୍ୟ, ମୁସଲମାନ ସମ୍ପ୍ରଦାୟର ଦାନ ସମ୍ପତ୍ତି ପରିଚାଳନାରେ ସଂସ୍କାର ଆଣିବା ସକାଶେ ଉଦ୍ଦିଷ୍ଟ ଏହି ବିଧେୟକ ଲୋକସଭାରେ ଗୃହୀତ ହେବାର ଦିନକ ପରେ ରାଜ୍ୟସଭାର ଅନୁମୋଦନ ଲାଭ କରିଥିଲା। ଉଚ୍ଚ ସଦନରେ ବିଲ୍ ସପକ୍ଷରେ ୧୨୮ ଭୋଟ ପଡ଼ିଥିବା ବେଳେ ବିରୋଧୀ ଦଳଗୁଡ଼ିକର ୯୫ ସଦସ୍ୟ ଏହା ବିରୋଧରେ ମତ ଦେଇଥିଲେ। ଚୂଡ଼ାନ୍ତ ମୋହର ପାଇଁ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଇଥିଲା। ରାଷ୍ଟ୍ରପତି ବିଧେୟକରେ ସ୍ୱାକ୍ଷର କରିବା ପରେ ଏହା ଏବେ ଆଇନରେ ପରିଣତ ହୋଇଛି।

## କଳାହୀରା...

(ସିସିଏ) ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେନେଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ସଠିକ ଉତ୍ତର ନ ରଖିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।

ସୁନ୍ଦରଗଡ଼ ତେଲେନଡ଼ିହି ଖଣି ଚୋରି ଘଟଣାରେ ଖସିଯାଇପାରିବେନି ମାଫିଆ। ଯେତେ ପ୍ରଭାବଶାଳୀ ହୋଇଥିଲେ ମଧ୍ୟ ହେବ କାର୍ଯ୍ୟାନୁଷ୍ଠାନ। ଖଣି ଚୋରଙ୍କୁ ଆଜି ଏଭଳି ଚେତାବନୀ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ। ଗଣମାଧ୍ୟମ ରିପୋର୍ଟ ଅଧାରରେ ରାଜ୍ୟ ସରକାର ତଦନ୍ତ ଆରମ୍ଭ କରିଥିବା ସେ କହିଛନ୍ତି। ସେପଟେ ବାରମ୍ବାର ଖବର ପ୍ରସାରଣ ପରେ ଖଣି ବିଭାଗର ନିଦ ଭାଙ୍ଗିଛି। ଆଜି ବିଭାଗ ପକ୍ଷରୁ ମଧ୍ୟ ହେମଗିରି ଥାନାରେ ଏତଲା ହୋଇଛି। ପୋଲିସ ମାମଲା ରୁଜୁ କରିବା ସହ ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚିବାକୁ ତଦନ୍ତ ଚଳାଇଛି।

ସେପଟେ ଖଣି ଦୁର୍ନୀତିର ଚେର ଖୋଜିବାକୁ ମାଇନିଂ କମିଟି ଗଠନ କରିଛନ୍ତି ପିସିସି ସଭାପତି। ଏହାର ଅଧ୍ୟକ୍ଷ ଅଛନ୍ତି ତାରାପ୍ରସାଦ ବାହିନୀପତି। ଏହି ଟିମ୍ ଗ୍ରାଉଣ୍ଡ ଜିରୋକୁ ଯାଇ ଖଣି ଚୋରି ଘଟଣାର ଅନୁଧ୍ୟାନ କରିବ। ତେବେ ଖଣି ଲୁଟ୍ ପଛରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ଥିବାରୁ ସାହା କମିଶନ ଭଳି ଜୁଡିସିଆରୀ ତଦନ୍ତ ଦାବି କରିଛି କଂଗ୍ରେସ।

## କାମ ନ ସାରିଲେ...

ସମସ୍ୟାକୁ ନେଇ ବ୍ଲକ ଅଧିକାରୀ, ଆରଡବ୍ଲୁଏସଏସ ଓ ପଞ୍ଚାୟତର ନିର୍ବାଚନ ଅଧିକାରୀଙ୍କୁ ଜଣାନ୍ତୁ ବୋଲି ନିବେଦନ କରିଛନ୍ତି ମନ୍ତ୍ରୀ ରବି ନାୟକ। ସରକାରୀ ଅଧିକାରୀଙ୍କ ପାଖରେ ନ ପହଞ୍ଚି ପାରିଲେ ଗଣମାଧ୍ୟମରେ ଅଭିଯୋଗ ଜଣାଇଲେ ସରକାର ସହଯୋଗ କରିବେ ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହ ଆଉ ଦୁଇ ଦିନ ପରେ ବିଭାଗ ପକ୍ଷରୁ ଟୋଲ ଫ୍ରି ନମ୍ବର ଜାରି କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ମନ୍ତ୍ରୀ । ଅନ୍ୟପଟେ ଖରା ଦିନକୁ ଦୃଷ୍ଟିରେ ରଖି ୨୧୦୦୦ ନଳକୂପ ଖନନ ପାଇଁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୫୦୦ ନଳକୂପ ଖନନ ସରିଛି। ଆହୁରି କାର୍ଯ୍ୟ ତ୍ୱରାନ୍ୱିତ ସହ ଶୀଘ୍ର ଖନନ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

## ଦେଶର ପ୍ରଥମ...

ଜନତା ପାର୍ଟି ସରକାରଙ୍କ ବିକାଶ କାର୍ଯ୍ୟର ଅଂଶ। ଏହା ଦର୍ଶାଉଛି ଯେ, କେନ୍ଦ୍ର ଏବଂ ରାଜ୍ୟ ସରକାର ଦେଶର ବିକାଶ ପାଇଁ କିପରି ଏକ ବଡ଼ ସ୍ତରରେ ଏକାଠି କାମ କରୁଛନ୍ତି। ରାମନବମୀ ପରି ପବିତ୍ର ଦିନରେ ପ୍ରଧାନମନ୍ତ୍ରୀ ଦେଶର ବିକାଶର ଏହି ଯାତ୍ରାରେ ସମସ୍ତଙ୍କୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଏବଂ ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ସମ୍ଭବ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

## ପୂର୍ବୋଦୟ...

ହେଉଛି ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବା, ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷିତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ରାଜ୍ୟର ସାମଗ୍ରିକ ଅର୍ଥନୈତିକ ବିକାଶକୁ ବୃଦ୍ଧି କରିବା।

ଶିଳ୍ପ ବୈଠକରେ ଯୋଗଦେବା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୋଏଡାର ଏଚଏଲସି ଟେକ୍ କ୍ୟାମ୍ପସ ପରିଦର୍ଶନ କରିବେ। ସେ ବିଭିନ୍ନ କ୍ଷେତ୍ରର ପ୍ରମୁଖ ବ୍ୟାବସାୟିକ ନେତାଙ୍କ ସହ ଏକକ ବୈଠକ ମଧ୍ୟ କରିବେ ଓ ଓଡ଼ିଶାର ଶିଳ୍ପ ପରିଦୃଶ୍ୟକୁ ଆହୁରି ଉନ୍ନତ କରିପାରିବ ବୋଲି ସମ୍ଭାବ୍ୟ ସହଭାଗୀତା ଅନୁସନ୍ଧାନ କରିବେ। ବିଭିନ୍ନ କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ଆସନ୍ତା ୯ ତାରିଖରେ ଭୁବନେଶ୍ୱର ଫେରିବାର ଆଶା କରାଯାଉଛି।

## କାର୍ଯ୍ୟକର୍ତ୍ତାଙ୍କ...

କାର୍ଯ୍ୟ କରିଛନ୍ତି। ଓଡ଼ିଶା ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ତଥା ସୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳା ବାର୍ଷିକ ୧୦ ହଜାର ଟଙ୍କାର ସହାୟତା ପାଇ ସଶକ୍ତ ହୋଇଛନ୍ତି। ମଧ୍ୟାହ୍ନ ଭୋଜନ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଧାନର ଏମଏସପି ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଆଦି ଲୋକଙ୍କ ସରକାରର ପ୍ରତିଫଳନ।

ଡବଲ ଇଞ୍ଜିନ ସରକାରର ଜନକଲ୍ୟାଣକାରୀ କାର୍ଯ୍ୟକୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ସହ ସରକାରୀ ସୁବିଧା ସମାଜର ଅନ୍ତିମ ଶ୍ରେଣୀର ଲୋକଙ୍କ ପାଖରେ ଉପଲବ୍ଧ କରାଇବା ପାଇଁ ଆମେ କାର୍ଯ୍ୟକର୍ତ୍ତାମାନେ ଆହୁରି ପରିଶ୍ରମ କରିବା। ସମସ୍ୟାର ଅନ୍ତ ନାହିଁ, ତେଣୁ ନ ଥକି ଲୋକଙ୍କ କାମ କରିବା। ଓଡ଼ିଶା ସରକାରଙ୍କ ଜନହିତକର କାର୍ଯ୍ୟକୁ ଆଗେଇ ନେବାରେ ସହଯୋଗୀ ହେବା। ରାମ ନବମୀ ଅବସରରେ କାର୍ଯ୍ୟକର୍ତ୍ତାମାନେ ‘ପ୍ରାଣ ଯାଉ ପଛେ ବଚନ ଅନ୍ୟଥା ନ ଯାଉ’, ଏହି ବାକ୍ୟକୁ ଜୀବନର ଧ୍ୟେୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସାହସପୁର ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ ଓ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟଙ୍କୁ ଦଳରେ ସ୍ୱାଗତ କରିଥିଲେ ।

## ଅନୁଗୁଳରେ ପୁଣି ଏନକାଉଣ୍ଟର, କୁଖ୍ୟାତ ଅପରାଧୀ କ୍ଷୀରୋଦ ଗୁରୁତର

**ଅନୁଗୋଳ, ୬।୪ (ସଞ୍ଚାର ବ୍ୟୁରୋ) :** ଗତକାଲି କ୍ଷୀରୋଦକୁ ଧରିବା ପାଇଁ ଅନୁଗୁଳ ଟାଉନ୍ ଥାନା ଓ ସ୍ପେଶାଲ ସ୍କ୍ୱାଡର ସହାୟତା ଲୋଡିଥିଲା ଛେଣ୍ଡିପଦା ପୋଲିସ । ପୋଲିସକୁ ଦେଖି କ୍ଷୀରୋଦ ଅନୁଗୁଳ ଟାଉନ୍ ଥାନା ହନୁମାନ ବାଟିକା ନିକଟରେ ଆମ୍ବ ବଗିଚାରେ ପଶିଯାଇଥିଲା ।ଅନୁଗୁଳରେ ପୁଣି ଏନକାଉଣ୍ଟର । ପୋଲିସ୍ ଗୁଳିରେ କୁଖ୍ୟାତ ଅପରାଧୀ କ୍ଷୀରୋଦ ନାୟକ ଆହତ । ତା’ର ଡାହାଣ ଗୋଡ଼ରେ ବାଜିଛି ଗୁଳି । କ୍ଷୀରୋଦର ଘର ଛେଣ୍ଡିପଦା ଅଞ୍ଚଳରେ ବୋଲି ସୂଚନା ମିଳିଛି । ସୂଚନା ଅନୁସାରେ ଗତକାଲି କ୍ଷୀରୋଦକୁ ଧରିବା ପାଇଁ ଅନୁଗୁଳ ଟାଉନ୍ ଥାନା ଓ ସ୍ପେଶାଲ ସ୍କ୍ୱାଡର ସହାୟତା ଲୋଡିଥିଲା ଛେଣ୍ଡିପଦା ପୋଲିସ । ପୋଲିସକୁ ଦେଖି କ୍ଷୀରୋଦ ଅନୁଗୁଳ ଟାଉନ୍ ଥାନା ହନୁମାନ ବାଟିକା ନିକଟରେ ଆମ୍ବ ବଗିଚାରେ ପଶିଯାଇଥିଲା । ସେଠାରୁ ପୋଲିସ ଉପରକୁ ଗୁଳି ଚଳାଇ ଖସି ଯିବାକୁ ଉଦ୍ୟମ କରୁଥିଲା କ୍ଷୀରୋଦ । ତେବେ ପୋଲିସ ମଧ୍ୟ ପାଲଟା ଗୁଳି ଚଳାଇଥିଲା । ପୋଲିସ୍ ଗୁଳିରେ କ୍ଷୀରୋଦ ଆହତ ହୋଇଛି ।




## ଜ୍ଞାନ ଦେଲେ ପୁରୁଣା ଖାକି ବାବୁ



ରାଜଧାନୀର ନୂଆ ଖାକିବାବୁମାନଙ୍କୁ ପୁରୁଣା ଖାକିମାନେ ଜ୍ଞାନ ବାଣ୍ଟିଛନ୍ତି। ତେବେ ଏହି ଜ୍ଞାନ ବଣ୍ଟନରୁ ନୂଆ ବାବୁମାନେ କିଛି ଶିଖନ୍ତୁ ନଶିଖନ୍ତୁ ବଡ ବାବୁଙ୍କୁ ଖୁସି କରି କିଭଳି ଅଧିକ ଦିନ ରାଜଧାନୀରେ ରହିହେବ ଓ ମାସିକିଆ ଖର୍ଚ୍ଚପାଣି କିଭଳି ସହଜରେ ପକେଟକୁ ଆସିବ ତାହା ଶିଖିଯାଇଥିବା ଚର୍ଚ୍ଚା ଜୋର ଧରିଛି। ଖାକି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ କଂଗ୍ରେସ ପକ୍ଷରୁ ଗତମାସ ୨୭ତାରିଖରେ ବିଧାନସଭା ଘେରାଉ ଡାକରା ଦିଆଯିବା ପରେ ରାଜଧାନୀର ନୂଆ ଖାକିବାବୁମାନେ ଚିନ୍ତାରେ ପଡିଥିଲେ। ସମସ୍ତେ ମିଶି ନୂଆ କମିଶନରଙ୍କ ଶରଣ ପଶିଥିଲେ। ହେଲେ କମିଶନର ନୂଆ ଥିବାରୁ ରାଜଧାନୀରେ ଦୀର୍ଘଦିନ ଆଡ୍ଡା ଜମାଇ ବିଦା ହୋଇଥିବା ପୁରୁଣା ଆଇଆଇସିମାନଙ୍କୁ ଡକରାଯାଇଥିଲା। ସେମାନେ ବି ଖୁସି ମନରେ ଆସିଥିଲେ। ଦିନବେଳା କଂଗ୍ରେସିଆଙ୍କ ସହିତ ଲଢେଇ କରିବାପରେ ସଂଜରେ ଗୁପ୍ତ ସ୍ଥାନରେ ଆସର ଜମିଥିଲା। ଖିଆ, ପିଆ ସବୁ କିଛି ହେଲା। ପରେ ପୁରୁଣା ଖାକିବାବୁମାନେ କୁଆଡେ ନୂଆ ବାବୁଙ୍କୁ ଗୁରୁମନ୍ତ୍ର ଦେଇଥିବା ଆଲୋଚନା ହେଉଛି। ଏଥି ମଧ୍ୟରେ ସବୁଠାରୁ ବଡ ମନ୍ତ୍ର ଟି ହେଉଛି ସହରର କେଉଁ କେଉଁ ସ୍ଥାନରୁ କିଭଳି ଭାବେ ଖର୍ଚ୍ଚପାଣି ଆସୁଥିଲା। ଏଭଳି ମନ୍ତ୍ର ପାଇ ନୂଆ ବାବୁମାନେ ଖୁସି ଥିବାବେଳେ ବଡ ବାବୁମାନେ କିନ୍ତୁ ଚିନ୍ତାରେ ପଡିଛନ୍ତି। କାରଣ ନୂଆ ଖାକିମାନେ ଖର୍ଚ୍ଚପାଣି ପଛରେ ଦଉଡିଲେ ଚୋର ଡକାୟତମାନଙ୍କ ପଛରେ କିଏ ଦଉଡିବ ତାହା ହିଁ ବଡ ଚିନ୍ତା।

## ଅମରଙ୍କ ଅଭିଶାପରେ ଦରମା ବଢୁନି




ଏତେ ବଡ ବଜେଟ ଅଧିବେଶନ ଗଲା। ହେଲେ ବିଧାୟକମାନଙ୍କ ଦରମା ବଢିଲାନି। ପୂର୍ବତନ ବିଧାୟକ ବି ଚାହିଁ ଚାହିଁ ହତାଶ ହୋଇଗଲେ। ଏବେ କାହିଁକି ଦରମା ବଢିଲାନି ତାହାକୁ ନେଇ ତର୍ଜମା ଆରମ୍ଭ ହୋଇଥିବାବେଳେ ବିଧାନସଭାର ଜଣେ ବାବୁ ଭଲ କଥାଟିଏ କହିଛନ୍ତି। କଥାଟି ହେଲା ଦରମା ବିଲ୍ ଉପରେ କୁଆଡେ ଅମର ଶତପଥୀଙ୍କ ଅଭିଶାପ ପଡିଛି। ଅମର ବାବୁ ପ୍ରଥମେ ଦରମା ବୃଦ୍ଧି କମିଟିର ଅଧ୍ୟକ୍ଷ ଥିଲେ। ଦରମା ବଢାଇବାକୁ ସୁପାରିଶ୍ କରିଥିଲେ। ଭଲ ପରିମାଣର ଦରମା ବି ବଢାଇବାକୁ ସୁପାରିଶ୍ କରିଥିଲେ। ହେଲେ ସରକାରଙ୍କ ମନକୁ ପାଇଲାନି। ବସାଇଲେ ମଢେଇ କମିଟି। ବାବୁ ଭାସ୍କର ମଢେଇ ଅମରଙ୍କ ଦରମା ବୃଦ୍ଧି ଉପରେ ନାଲି ଗାର ପକାଇ ନିଜ ମନ ମୁତାବକ ଆହୁରି ବଢାଇଦେଲେ। ଏତେ ବଢିଗଲା ଯେ ସମସ୍ତଙ୍କ ନଜର ପଡିଲା। ଏତେ ପରିମାଣ ଦରମା ବଢାଇଲେ ଲୋକେ କ'ଣ ଭାବିବେ ସେହି ଚିନ୍ତାରେ ଉପର ମହଲରୁ ଦରମା ବଢାଇବାକୁ ଗ୍ରିନ୍ ସିଗନାଲ ମିଳୁନାହିଁ। ବିଧାନସଭାରେ ଯେତେ ଦୁଃଖ ବଖାଣିଲେ ବି କିଛି ଫଳ ମିଳୁନାହିଁ। ଦରଦାମ ବୃଦ୍ଧି କଥା ଉଠିଲା ବେଳକୁ ଲୋକେ ସେହି ଫର୍ମାଟରେ ଭତ୍ତା ବଢାଇବାକୁ ଦାବି ଆରମ୍ଭ କରିଦେଉଛନ୍ତି। ଯେତେ ଯାହା ହେଲେ ବି ଏହି ଅଧିବେଶନରେ ଦରମା ବିଲ୍ ପାଶ୍ ପାଇଁ ଯେଉଁ ଯୋଜନା ଥିବା ତାହା ଫସର ଫାଟିଗଲା। ଏହା କୁଆଡେ ଅମରଙ୍କ ଅଭିଶାପ ବୋଲି ଅନେକ ମତ ଦେଉଛନ୍ତି।

## ସ୍ୱାମୀଙ୍କୁ ଭିତରକୁ ଛାଡ଼ିଲା କିଏ ?



ରାଜଧାନୀରେ ଜଣେ ବଡ ନେତ୍ରୀଙ୍କ ଘରେ ଅଘଟଣଟିଏ ଘଟିଯାଇଛି। ନେତ୍ରୀ ଜଣଙ୍କ ଘରେ ଥିବାବେଳେ ସ୍ୱାମୀ ତାଙ୍କର କିଛି ବନ୍ଧୁଙ୍କୁ ନେଇ ଆସିଥିଲେ। ତେବେ ସେମାନେ ଘରେ ପହଁଚିବାପରେ ନେତ୍ରୀ ଜଣଙ୍କ ଚିତ୍କାର କଲେ, ଏମାନଙ୍କୁ ଘରେ ପୂରାଇଲା କିଏ ? ଫାଟକରେ ଥିବା ସିକ୍ୟୁରିଟିଙ୍କୁ ଡାକିଲେ। ପଚାରିଲେ, ମତେ ନପଚାରିକି ଏମାନଙ୍କୁ ଭିତରକୁ କିଭଳି ଛାଡିଲ ? ନେତ୍ରୀଙ୍କର ଏଭଳି ଆଚରଣ ଦେଖି ସ୍ୱାମୀଙ୍କ ବନ୍ଧୁମାନେ ତାଜୁବ! ସ୍ୱାମୀଙ୍କ ମୁହଁ ବି କଳା ପଡିଗଲା। ଯେଉଁ ଖାତିରରେ ବନ୍ଧୁମାନଙ୍କୁ ନେଇ ଆସିଥିଲେ ତାହା ଆଉ ରହିଲାନି। ପତ୍ନୀଙ୍କ ଭୟରେ କିଛି କହିପାରିଲେନି। ନେତ୍ରୀ ଜଣଙ୍କ ଦୁମ୍ ଦୁମ୍ ହୋଇ ଘର ଭିତରକୁ ଯାଇ କବାଟ ଦେଇଦେଲେ। ନେତ୍ରୀଙ୍କ ସ୍ୱାମୀ କୌଣସି ମତେ ବନ୍ଧୁଙ୍କୁ ନେଇ ସରକାରୀ ବଙ୍ଗଳାରୁ ବାହାରିଗଲେ। ଶୁଣିବାକୁ ମିଳୁଛି ସେହି ଅପମାନରେ ନେତ୍ରୀଙ୍କ ସ୍ୱାମୀ ଆତ୍ମହତ୍ୟା କରିବାକୁ ବାହାରିଥିଲେ। ହେଲେ ତାଙ୍କର ବନ୍ଧୁମାନେ ସେଠିରୁ ତାଙ୍କୁ ଅଟକାଇ ଦେଇଥିଲେ। ଏଣେ ବାବୁଙ୍କୁ ଭିତରକୁ ଛାଡି ନେତ୍ରୀଙ୍କ ଠାରୁ ଗାଳି ଖାଇଥିବା ସୁରକ୍ଷାକର୍ମୀ ଜଣଙ୍କ ସେବେଠାରୁ ଆଉ କାହାରିକୁ ଭିତରକୁ ଛାଡୁ ନାହାନ୍ତି। ପ୍ରଥମେ ଯାଇ ଭିତରେ ପଚାରିକି ଆସୁଛନ୍ତି। ନିର୍ଦ୍ଦେଶ ମିଳିଲା ପରେ ଭିତରକୁ ଛାଡୁଛନ୍ତି। ତେବେ ନେତ୍ରୀ ଜଣଙ୍କ କୁଆଡେ ଫାଟକରେ ସିସିଟିଭି ଲଗାଇବା ପାଇଁ ବରାଦ ଦେଇଛନ୍ତି।

## ମନ୍ତ୍ରୀଙ୍କୁ ଟପିଗଲେଣି ଓପିଜିସି ବାବୁ



ଓପିଜିସିରେ ଚାକିରି କରିଥିବା ବାବୁମାନଙ୍କ ଦରମା ତ ସହଜେ ରାଜ୍ୟ ମନ୍ତ୍ରୀମାନଙ୍କ ଦରମା ଠାରୁ ୩/୪ ଗୁଣ ଅଧିକ। ହେଲେ ଏହି ଦରମା ଖୋଦ ସରକାର ବଢାଉ ଥିବାରୁ ବାବୁଙ୍କୁ କେହି ମନ୍ତ୍ରୀଙ୍କ ସହ ତୁଳନା କରନ୍ତି ନାହିଁ। ହେଲେ ଓପିଜିସିରେ ଜଣେ ବାବୁଙ୍କ ଗାଡି ଚଢା ଦେଖି ସିଏ ମନ୍ତ୍ରୀଙ୍କୁ ଟପିଯାଇଥିବା ନେଇ ଖୋଦ ଓପିଜିସି କର୍ମଚାରୀମାନେ ଆଲୋଚନା ଚଳାଇଛନ୍ତି। ଚର୍ଚ୍ଚା ହେଉଥିବା ବାବୁ ଜଣଙ୍କ ଏକା ସାଙ୍ଗରେ ତିନିଟି ପ୍ରତିଷ୍ଠାନ ବୁଝୁଛନ୍ତି। ମୁଖ୍ୟ ଦାୟିତ୍ୱରେ ଥିବା ବାବୁ ଜଣଙ୍କ ଦପ୍ତରକୁ ଗୋଟିଏ ଗାଡି ନେଇଥିବାବେଳେ ଆଉ ଗୋଟିଏ ଗାଡି ବାବୁ ଡ୍ରାଇଭରଙ୍କୁ ନେଇ ଘରେ ରଖିଛନ୍ତି। ଘର ଗାଡିଟ କୁଆଡେ ବାବୁଙ୍କ ପିଲାମାନେ ବ୍ୟବହାର କରନ୍ତି। ହେଲେ ବାବୁ ଅତିରିକ୍ତ ଦାୟିତ୍ୱରେ ଥିବା ସଂସ୍ଥାରୁ ବି ଆଉ ଗୋଟିଏ ଗାଡି ଆଣିଛନ୍ତି। ଏହା ସାଙ୍ଗରେ ତିନି ତିନିଟି ଗାଡି ଚଢିବାରେ ବାବୁ କୁଆଡେ ଓପିଜିସିରେ ରେକର୍ଡ କରିଛନ୍ତି। ତେବେ କିଛି କର୍ମଚାରୀଙ୍କ କହିବା କଥା ଯେ ବାବୁ ହେଉଛନ୍ତି ସଂସ୍ଥାର ଭଣ୍ଡାର ରକ୍ଷକ। ସିଏ ଯାହାକୁ ଯେତେ ଚାହିଁବେ ସେତେ ଦେବେ। ତେଣୁ ନିଜ ପାଇଁ କାର୍ପଣ୍ୟ କରିବେ କାହିଁକି। ସହଜେ ସରକାରୀ ଗାଡି ଚଢିବାରେ ଯେଉଁ ମଜା ଅଛି ତାହା ନିଜ ଗାଡିରେ ନାହିଁ। ତେଣୁ ବାବୁ ଗାଡି ଚଢାରେ ମନ୍ତ୍ରୀଙ୍କୁ ଟପିଯିବାରେ କିଛି ଅସୁବିଧା ନାହିଁ।

## ଚନ୍ଦକା ପାଲଟିଛି ଖାକି ବାବୁଙ୍କ ଅଭୟାରଣ୍ୟ




ଚନ୍ଦକା ଏକଦା ବାଘ, ଭାଲୁ ଓ ହାତୀଙ୍କ ପାଇଁ ଅଭୟାରଣ୍ୟ ଥିଲା। ହେଲେ ଏବେ କୁଆଡେ ଏହା ଖାକିବାବୁଙ୍କ ପାଇଁ ଅଭୟାରଣ୍ୟ ପାଲଟିଛି। ଯେଉଁ ଖାକିବାବୁ ଯେତେବେଳେ ଚାହୁଁଛନ୍ତି ସେତେବେଳେ ଚନ୍ଦକାରେ ଆସ୍ଥାନ ଜମାଉଛନ୍ତି। ଯିଏ ଦଣ୍ଡ ପାଇ ରାଜଧାନୀ ଆସୁଛି ସିଏ ଚନ୍ଦକା ଯାଉଛି ତ ଆଉ ଯିଏ କ୍ୱାଟର୍ସ ନପାଉଛି ସିଏ ବି ଚନ୍ଦକା ପଳାଉଛି। ଖାକି ମହଲରେ ଏଭଳି ଆଲୋଚନା ଟିକେ କାନରେ ପଡିବାପରେ ଆମେ ବିସ୍ତୃତ ଭାବେ ଜାଣିବାକୁ ଚାହିଁବାରୁ ଜଣେ ଖାକି ବାବୁ କହିଲେ, ଚନ୍ଦକାରେ ରହିଛି ଏସଓଜି ଷ୍ଟେସନ। ସେଠାରେ ତାଲିମ ନେଉଥିବା ପୁଲିସ୍ ଓ ତାଲିମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି। ଅଫିସରଙ୍କ ପାଇଁ ଭଲ ବାରାକ ସହିତ ସୁଇମିଂ ପୁଲ୍, ଖେଳପଡିଆ, ଜିମ୍ ଆଦି ଅଛି। ତେଣୁ ବଡ ଖାକିବାବୁମାନେ ଏବେ ଚନ୍ଦକାକୁ ନିଜର ବାସସ୍ଥାନ କରିବାରେ ଲାଗିଛନ୍ତି। ଯିଏ ଯୁଆଡୁ ଆସୁଛି ଅନ୍ୟଠାରେ ରହିବା ଅପେକ୍ଷା ପିଲାଛୁଆ ଧରି ଚନ୍ଦକା ପଳାଉଛନ୍ତି। ସେଠି ଖିଆ ପିଆ, ପହଁରା, ଖେଳ ସବୁକିଛି ମାଗଣା। ଅବଶ୍ୟ ସେମାନଙ୍କୁ ଏ ବାବଦରେ ପଇସା ଦେବାକଥା। ହେଲେ ପ୍ରାୟତଃ ବଡ ଖାକିବାବୁମାନେ ଏ ପଇସା ଦିଅନ୍ତି ନାହିଁ କି ସେମାନଙ୍କୁ ମାଗିବାକୁ କେବେ କି ସାହସ କୁଳାଇ ପାରନ୍ତି ନାହିଁ। ଖାଲି ଯାହା ଚନ୍ଦକାର ନିଜ ବାବୁମାନେ ରହିବାକୁ ଟିକେ ସ୍ଥାନ ପାଉନାହାନ୍ତି। ଏହି ଖାକି ବାବୁଙ୍କ ଭୟରେ ଚନ୍ଦକାରୁ କୁଆଡେ ଏବେ ଜନ୍ତୁମାନେ ପଳାଇବା ଆରମ୍ଭ କରିଛନ୍ତି।

# ସମ୍ବଲପୁର ବିକାଶର ସମୀକ୍ଷା କଲେ ଧର୍ମେନ୍ଦ୍ର




**ସମ୍ବଲପୁର,୬।୪ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ବୈଠକରେ ସମ୍ବଲପୁର ସହରର ସୌନ୍ଦର୍ଯ୍ୟକରଣ, ସମଲେଶ୍ୱରୀ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ, ରିଙ୍ଗ୍ ରୋଡ ଓ ରାଜ୍ୟ ରାଜପଥର ସମ୍ପ୍ରସାରଣ, ବୁର୍ଲା ରିଙ୍ଗ ରୋଡ, ଭିସୁଟ ବାଇପାସ୍ ରୋଡ଼, ମା' ଘଣ୍ଟେଶ୍ୱରୀ ରୋଡ଼ ଏବଂ ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ଭିତ୍ତିଭୂମିର ତ୍ୱରିତ ବିକାଶ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ରାଜ୍ୟ ସରକାର ବିକଶିତ ରାଜ୍ୟ ଗଠନର ଲକ୍ଷ୍ୟ ରଖିଥିବାବେଳେ ସମଗ୍ର ସମ୍ବଲପୁର ଜିଲ୍ଲାର ଆବଶ୍ୟକ ରାସ୍ତାଘାଟ ଏବଂ ଜନସାଧାରଣ ମାନଙ୍କ ସୁଗମ ଯାତାୟାତ ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପୂର୍ତ୍ତମନ୍ତ୍ରୀ କହିଥିଲେ। ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମୀଣ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ସମ୍ବଲପୁରର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ୍ ରାମଚନ୍ଦ୍ର ଯାଦବ, ସମ୍ବଲପୁର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ସୁଧାଂଶୁ କୁମାର ଭୋଇ, ପୂର୍ତ୍ତ ବିଭାଗର ସମ୍ବଲପୁରର ବିଭାଜନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହେମନ୍ତ ନାୟକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

### ସମ୍ବଲପୁରରେ ପିସିଆର୍ ଯାନ ସହ ୧୧୨ ଡାଏଲ୍ ସୁବିଧା ଲୋକାର୍ପିତ

## ଅପରାଧ ନିୟନ୍ତ୍ରଣରେ ସହାୟକ ହେବ

**ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ**

**ନୀରିକ୍ଷଣ ବାହନରେ ଗେଜେଟ୍, ୩୬୦ ଡିଗ୍ରୀ ପିଟିଜେଡ୍ କ୍ୟାମେରା, ଜିପିଏସ୍ ଉପଲବ୍ଧ**



**ସମ୍ବଲପୁର:** ପବିତ୍ର 'ରାମ ନବମୀ'ରେ ଆଜି ଏଠାରେ ଗୃହ ବିଭାଗ ଉଦ୍ୟମରେ ସମ୍ବଲପୁର ଜିଲ୍ଲା ପୁଲିସ ପ୍ରଶାସନର ପିସିଆର୍ ଯାନ ସହ ୧୧୨ ଡାଏଲ୍ ସୁବିଧାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଏହା ସମ୍ବଲପୁରରେ ଅପରାଧ ନିୟନ୍ତ୍ରଣରେ ବିଶେଷ ଭାବେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଉଦ୍‌ଘାଟିତ ୧୫ଟି ଅତ୍ୟାଧୁନିକ ନୀରିକ୍ଷଣ ବାହନରେ ଥିବା ଗେଜେଟ୍, ୩୬୦ ଡିଗ୍ରୀ ପିଟିଜେଡ୍ କ୍ୟାମେରା, ଜିପିଏସ୍ ଏଓ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ରହିଛି। ଲୋକାର୍ପିତ ବାହନ ମଧ୍ୟରୁ କେବଳ ୧୨ଟି ଗାଡି ସହର ଭିତରେ ରହିବ। ସ୍ୱଳ୍ପ ସମୟ ମଧ୍ୟରେ ଲୋକମାନେ କରୁଥିବା ଅଭିଯୋଗ ସ୍ଥାନ ଖୁବଶୀଘ୍ର ଚିହ୍ନଟ କରିହେବ। ଜନସାଧାରଣଙ୍କ ଅଭିଯୋଗ କ୍ରମେ ତୁରନ୍ତ ପଦକ୍ଷେପ ନିଆଯାଇପାରିବ। ଓଡ଼ିଶାରେ ଆଇନଶୃଙ୍ଖଳାକୁ ଆହୁରି ମଜଭୁତ୍ କରିବା ତଥା ସମ୍ବଲପୁର ସହରରେ ଅପରାଧିକ ଘଟଣାବଳୀକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ବିଶେଷ ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଲୋକାର୍ପିତ ସୁବିଧାଗୁଡ଼ିକ ମାଧ୍ୟମରେ ସମ୍ବଲପୁର ଜିଲ୍ଲା ପୁଲିସ ପ୍ରଶାସନ ଜନସାଧାରଣଙ୍କୁ ସୁରକ୍ଷା ଦେବା ଦିଗରେ ଅଧିକ ସହଯୋଗୀ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ ଲୋକକବି ପଦ୍ମଶ୍ରୀ ହଳଧର ନାଗଙ୍କୁ ସାକ୍ଷାତ୍ କରିଛନ୍ତି। ଶ୍ରୀ ନାଗ କେନ୍ଦ୍ର ମନ୍ତ୍ରୀଙ୍କୁ 'ହଳଧର ନାଗ ଗ୍ରନ୍ଥବଳୀ'ର ହିନ୍ଦୀ ସଂସ୍କରଣ ଉପହାର ଦେଇଛନ୍ତି।

## ଭାଟୁଣିଆଁରେ ୧୮ ଟିକିଆ ହାତୀପଲ ଆତଙ୍କ

**କେନ୍ଦୁଝର,୬।୪(ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ବନାଞ୍ଚଳ ପଦ୍ମପୁର ପଞ୍ଚାୟତ ଭାଟୁଣିଆଁ ଗ୍ରାମର ନାଳ ନିକଟରେ ୧୮ଟିକିଆ ହାତୀପଲ ଡେରା ପକାଇଛନ୍ତି। ଶନିବାର ସନ୍ଧ୍ୟାରେ ଆମ୍ବଡହରାରୁ ହାତୀପୋଲ କୁଡ଼ିଆଘରା ଟିକରପଡ଼ା ଗ୍ରାମଦେଇ କାଦଗଡ଼ ମକରମେଳା ସେଠାରୁ ରେଳଲାଇନ୍ ଅତିକ୍ରମ କରି ଭଣ୍ଡାନାଳୀସାହି ଆମ୍ବତୋଟାରେ ପହଞ୍ଚିଥିଲେ। ଫଳରେ ଦୁଇ ଦିନ ହେଲା ସ୍ଥାନୀୟ ଅଞ୍ଚଳ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀମାନେ ନାଳରେ ଗାଧୋଇଥିଲେ। ଦେଖିବାକୁ ଶହଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କ୍ଷେତରେ ହୋଇଥିବା ଫସଲକୁ ସୁରକ୍ଷା ଦେବାକୁ ଟିକରପଡ଼ା, କୁଡ଼ିଆଘରା, ମହାଦେଇଯୋଡ଼ା, କାଦଗଡ଼, ଭାଟୁଣିଆଁ, ନରସିଂହପୁର, କେନ୍ଦୁପୋଶି ଗ୍ରାମର ଚାଷୀଙ୍କ ସମେତ ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ, ସ୍କ୍ୱାଡ୍ କର୍ମଚାରୀ ଓ ଶତାଧିକ ସ୍ଥାନୀୟ ଲୋକ ହାତୀପଲଙ୍କୁ ଘଉଡ଼ାଇଥିଲେ। ଆଜି ସକାଳେ ଭାଟୁଣିଆଁ ନାଳରେ ହାତୀପୋଲ ରହିଯାଇଥିଲେ। ତେବେ ହାତୀପୋଲ ଯେଉଁ ଗତିବିଧି ଦେଇ ଚଳାଚଳ କରିଛନ୍ତି, ବାଡ଼ିବଗିଚାରେ ହୋଇଥିବା ବିଭିନ୍ନ ପରିପରିବା ଫସଲ ଖାଇବା ସହିତ ଅଧିକ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଦିନବେଳେ ହାତୀପଲଙ୍କୁ ଦେଖିବାକୁ ଜନଗହଳି ଲାଗି ରହିଥିଲା। ବନ ବିଭାଗ କର୍ମଚାରୀ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିବା ଜଣାପଡ଼ିଛି।

## ବୃଦ୍ଧାଙ୍କୁ ହତ୍ୟା ମାମଲାରେ ୨ ଗିରଫ

**ଯାଜପୁର,୬।୪(ସଂଚାର ବ୍ୟୁରୋ):** ଲୁଟ ପାଇଁ ବୃଦ୍ଧାଙ୍କୁ ହତ୍ୟା ମାମଲାରେ ୨ ଜଣ ଅଭିଯୁକ୍ତ ଗିରଫ । ସେମାନେ ହେଲେ ସ୍ଥାନୀୟ ଖଡ଼ଗପୁର ଅଞ୍ଚଳର ବିକାଶ ଦାସ ଓ ମଙ୍ଗୁଳି ଦାସ। ଆଜି ପୁଲିସ ପକ୍ଷରୁ କ୍ରାଇମସିନ ରିକ୍ରିଏସନ କରାଯିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି । ବାଲିଚନ୍ଦ୍ରପୁର ଥାନା ଅଧୀନ ତିଗିରିଆ ଗ୍ରାମର କୌଶଲ୍ୟା ପତିଙ୍କ ଘରେ ଲୁଟ ପାଇଁ ଦୁର୍ବୃତ୍ତମାନେ ଘରେ ପଶିଥିବା ବେଳେ କୌଶଲ୍ୟା ଓ ତାଙ୍କ ଝିଅ ଦୁର୍ବୃତ୍ତଙ୍କୁ ଚିହ୍ନି ପାରି ଥିବାରୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ । ଫଳରେ କୌଶଲ୍ୟାଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଝିଅ ଆହତ ହୋଇଥିଲେ। ଘଟଣାସ୍ଥଳରେ ବାଲିଚନ୍ଦ୍ରପୁର ପୁଲିସ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ କରିଥିଲା। ମାମଲାରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା।

### ଆହାର କେନ୍ଦ୍ର ବୁଲିଲେ ପ୍ରମୁଖ ସଚିବ

## ଏସ୍ଏଚ୍‌ଜି ମହିଳାଙ୍କ ପ୍ରତିବଦ୍ଧତା ପ୍ରେରଣାଦାୟୀ



**ଭଦ୍ରକ,୬।୪(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସହରରେ ଥିବା ଏକ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସେ ସାଧାରଣ ଲୋକଙ୍କ ସହ ବସି ଖାଦ୍ୟ ଖାଇବା ସହ ସେଠାକାର ଭିତ୍ତିଭୂମି ପରଖିଥିଲେ। ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି କେନ୍ଦ୍ରଟି ସହରାଞ୍ଚଳର ଗରିବ ଏବଂ ଶ୍ରମିକ ବର୍ଗଙ୍କ ପାଇଁ ପୁଷ୍ଟିକର, ସୁଲଭ ଖାଦ୍ୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଏହି ଅବସରରେ ଶ୍ରୀମତୀ ପାଢ଼ୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ କେନ୍ଦ୍ରରେ ଖାଦ୍ୟ ଗୁଣବତ୍ତା ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରହିଥିବାରୁ ଏହାକୁ ଶ୍ରୀମତୀ ପାଢ଼ୀ ପ୍ରଶଂସା କରିଥିଲେ। ଆହାର କେନ୍ଦ୍ରର ଉତ୍ତମ ପରିଚାଳନା କାରଣରୁ ସେ ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କେବଳ ଖାଦ୍ୟ ସୁରକ୍ଷା ପାଇଁ ନୁହେଁ, ବରଂ ସାମୁଦାୟିକ କଲ୍ୟାଣ ଓ ମହିଳା ସଶକ୍ତିକରଣ ପାଇଁ ଏସ୍ଏଚ୍‌ଜି ମହିଳାମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ମା'ମାନେ କେବଳ ପରିବାର ନୁହେଁ, ସମଗ୍ର ସମ୍ପ୍ରଦାୟକୁ ଖାଦ୍ୟ ଯୋଗାଇଥାଆନ୍ତି। ଏଠାକାର ଆହାର କେନ୍ଦ୍ରକୁ ଦକ୍ଷତାର ସହ ପରିଚାଳନା କରିବାରେ ଏହି ମହିଳାମାନଙ୍କର ଉତ୍ସର୍ଗୀକୃତ ସେବା ସହରାଞ୍ଚଳ ଶାସନରେ ସମ୍ପ୍ରଦାୟ-ନେତୃତ୍ୱାଧୀନ ପଦକ୍ଷେପର ଶକ୍ତିକୁ ପ୍ରତିଫଳିତ କରେ। ସେମାନଙ୍କର ପ୍ରତିବଦ୍ଧତା ପ୍ରକୃତରେ ପ୍ରେରଣାଦାୟୀ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ।

### ଲିଙ୍ଗରାଜ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

## ଓଡ଼ିଶୀ ଓ ଭାରତନାଟ୍ୟମ୍‌ରେ ଝୁମିଲେ ଦର୍ଶକ




**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆଜି ଦର୍ଶକମାନେ ଓଡ଼ିଶୀ ଓ ଭାରତନାଟ୍ୟମ୍ ନୃତ୍ୟରେ ଝୁମିଛନ୍ତି। ପ୍ରଥମେ ପଦ୍ମଶ୍ରୀ ଏଲିଆନା ଶିତାରିଷ୍ଟ ଓ ତାଙ୍କ ଦଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ପରେ କୋଲକତାର ଝିନୋକ ମୁଖାର୍ଜୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଭାରତନାଟ୍ୟମ ପରିବେଷଣ କରିଥିଲେ। ଏହାଛଡ଼ା ଶଙ୍କରବାଇ ଦଳ ସମ୍ବଲପୁରୀ ନୃତ୍ୟ, ଇଷ୍ଟର୍ଣ୍ଣଜୋନ୍ କଲଚରାଲ ସେଣ୍ଟରର କଳାକାର ଛଉ ନୃତ୍ୟ ଓ ତ୍ରିନେତ୍ର କଳାକୁଞ୍ଜର କଳାକାର କାଳୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ। ଶେଷରେ ବୀଣା କେଶୋରୀ ଦଳର ପଲ୍ଲୀ ନୃତ୍ୟ ଦର୍ଶକଙ୍କୁ ମନମୁଗ୍ଧ କରିଦେଇଥିଲା। ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା ବାସୁଦେବ ନାଥ କରିଥିଲେ। ଏଥିରେ ଅତିଥି ଭାବେ ପଦ୍ମଶ୍ରୀ ତଥା ବରିଷ୍ଠ ନୃତ୍ୟଶିଳ୍ପୀ ଏଲିଆନା ଶିତାରିଷ୍ଟ, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ନୃତ୍ୟଶିଳ୍ପୀ ପ୍ରତିଭା ପଣ୍ଡା, ଭୁବନେଶ୍ୱର ଓକିଲ ସଙ୍ଘର ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ଉପସଭାପତି କବିନ୍ଦ୍ର ବାରିକ, ଯୁଗ୍ମ ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୀପ୍ତି ରଞ୍ଜନ ନନ୍ଦ, ପ୍ରମୁଖ ଯୋଗଦେଇଥିଲେ।

## ଆଜିଠୁ ସର୍ବଭାରତୀୟ ପୁଲିସ୍ ହକି

### ଲୋଗୋ ଓ ମାସ୍କଟ୍ ଲୋକାର୍ପିତ




**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ପୁଲିସ୍ ଭବନରେ ୭୩ତମ ସର୍ବଭାରତୀୟ ପୁଲିସ୍ ହକି ଚାମ୍ପିୟନସିପ୍-୨୦୨୫ର ପୂର୍ବାବଲୋକନ (କର୍ଟେନ୍ ରେଜର୍) ସମାରୋହ ଅନୁଷ୍ଠିତ ହୋଇଛି। ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ସକାଶେ ଆଜି ଲୋଗୋ ଓ ମାସ୍କଟ୍ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ଡିଜି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୭୩ତମ ସର୍ବଭାରତୀୟ ପୁଲିସ୍ ହକି ଚାମ୍ପିୟନସିପ୍-୨୦୨୫ର 'ଲୋଗୋ ଓ ମାସ୍କଟ-ଆଶା'ର ଲୋକାର୍ପଣ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଏକ ଜଙ୍ଗଲରୁ ଗୁରୁତର ଅବସ୍ଥାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର କର୍ମଚାରୀମାନେ ଏକ ହାତୀ ଶାବକକୁ ଉଦ୍ଧାର କରିଥିଲେ। ପରେ ତାକୁ ସେଠାରୁ ନନ୍ଦନକାନନକୁ ସ୍ଥାନାନ୍ତର କରାଯାଇଥିଲା। ତା'ର ଏହି ସଂଘର୍ଷମୟ କାହାଣୀ ଉପରେ 'ଆଶା' ଆଧାରିତ। ଏହି ମାସ୍କଟ୍ 'ଆଶା' ଦୟା, ସାହସ ଓ ପରିବେଶ ସଂରକ୍ଷଣ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଛି ବୋଲି ଡିଜିପି ତାଙ୍କ ଅଭିଭାଷଣରେ କହିଥିଲେ।

ଓଡ଼ିଶା ପୁଲିସ ଏହି ଚାମ୍ପିୟନସିପ୍‌ର ଆୟୋଜନ ଦ୍ୱିତୀୟ ଥର ପାଇଁ କରୁଥିବାରୁ ଏନେଇ ଶ୍ରୀ ଖୁରାନିଆ ଖୁସି ବ୍ୟକ୍ତ କରିବା ସହ ଏଥିନିମନ୍ତେ ସର୍ବଭାରତୀୟ ପୁଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡକୁ ଧନ୍ୟବାଦ ଦେଇଥିଲେ। ଏହି ଚାମ୍ପିୟନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତାକାଲିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୬ଟି ପୁରୁଷ ଦଳ ଓ ୯ଟି ମହିଳା ଦଳ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଏଥିରେ ସିଆଇଏସଏଫ୍, ସିଆରପିଏଫ୍, ବିଏସଏଫ୍, ଆଇଟିବିପି ଓ ଏସଏସବି ଭଳି କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଦଳଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ଡିଜିପି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆୟୋଜନ କମିଟିର ଉପସଭାପତି ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଆୟୋଜନ କମିଟିର ଉପସଭାପତି ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର ) ରାଜେଶ କୁମାର, ଆୟୋଜନ କମିଟିର ସମ୍ପାଦକ ତଥା ଆଇଜି (ତାଲିମ) ଅନୁପ କୁମାର ସାହୁ, ସମସ୍ତ ଟିମର ମ୍ୟାନେଜର ଓ ଅଧିନାୟକ ଏବଂ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ।

## ଦେବାଳୟ ଓ ଐତିହ୍ୟସ୍ଥଳରେ ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର,୬।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପ୍ରଥମ ଥର ପାଇଁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରୁଥିବା ବେଳେ ଆଜି ଷଷ୍ଠ ଦିନରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଦେବାଳୟ, ଐତିହ୍ୟ ସ୍ଥଳୀ ଏବଂ ପର୍ଯ୍ୟଟନ କ୍ଷେତ୍ର ଆଦି ପରିସରକୁ ସ୍ୱଚ୍ଛ ରଖିବା ସହ ଏଠାରେ ଏକ ସ୍ୱଚ୍ଛ-ସୁନ୍ଦର ବାତାବରଣକୁ ପ୍ରୋତ୍ସାହନ ଦେବା ସକାଶେ ପରିଷ୍କାର ପରିଚ୍ଛନ୍ନତା ପାଇଁ ପଦକ୍ଷେପ ନିଆଯାଇଛି। ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବ୍ଲକରେ ଥିବା ପର୍ଯ୍ୟଟନସ୍ଥଳୀ, ଦେବାଳୟ, ଗ୍ରାମ ଦେବାଦେବୀଙ୍କ ମନ୍ଦିର ପରିସର ଓ ସଂଲଗ୍ନ ପୁଷ୍କରିଣୀ ସହ ଐତିହ୍ୟସ୍ଥଳୀଗୁଡ଼ିକୁ ସାମିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ, ପୌରପାଳିକା, ପୌର ପରିଷଦର ସଦସ୍ୟ, ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନ, ଯୁବଗୋଷ୍ଠୀ, ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ।



Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ପାଲଟା ଶୁଳ୍କକୁ ନେଇ ଆମେରିକା-ଚୀନ ମୁହାଁମୁହିଁ





**ନୂଆଦିଲ୍ଲୀ, ୬।୪:** ଚୀନ ସାମଗ୍ରୀ ଉପରେ ଉଚ୍ଚମାତ୍ରାରେ ପାଲଟା ଶୁଳ୍କ ଲାଗୁକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ଠିକ୍ ବୋଲି କହିଛନ୍ତି। ବିଶ୍ୱ ବାଣିଜ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଏକ ଅସହାୟ ଏବଂ ମୂକ ସ୍ଥାନ (ଡମ୍ପ ଏବଂ ହ୍ୱିପିଂ ପୋଷ୍ଟ) ଭାବେ ବ୍ୟବହାର କରାଯାଉଥିଲା। ଆମେରିକା ଶୁଳ୍କକୁ ଅର୍ଥନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ଚୀନ ସତର୍କ କରାଇ ଦେବା ପରେ ଟ୍ରମ୍ପ ଏଭଳି ମତ ରଖିଛନ୍ତି। ଏହାଦ୍ୱାରା ବିଶ୍ୱର ଦୁଇ ବଡ଼ ଅର୍ଥନୀତି ମଧ୍ୟରେ ଉତ୍ତେଜନା ବଢ଼ିଯାଇଛି। ଚୀନକୁ ଜୋରଦାର ଆଘାତ ଦିଆଯାଇଛି। ସେମାନେ ଆମ ପ୍ରତି ଖରାପ ବ୍ୟବହାର କରୁଥିଲେ। ଆମକୁ ଏକ ମୂକ ଏବଂ ଅସହାୟ ସ୍ଥାନ ଭାବେ ବିବେଚନା କରୁଥିଲେ। କିନ୍ତୁ ତାହା ଆଉ ହୋଇପାରିବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଦେଇଛନ୍ତି। ବହୁବର୍ଷ ଧରି ଅର୍ଥନୀତିରେ ଦେଖାଦେଇଥିବା ହ୍ରାସରେ ସେ ପରିବର୍ତ୍ତନ ଆଣିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଚାକିରି ଏବଂ ବ୍ୟବସାୟ ଏତେ ମାତ୍ରାରେ ଆଣୁଛୁ ଯେ ତାହା ପୂର୍ବରୁ କେବେ ଆସି ନଥିଲା। ୫ ଟ୍ରିଲିଅନ ଡଲାରର ନିବେଶ ଆସିସାରିଛି ଏବଂ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ଏକ ଅର୍ଥନୈତିକ ବିପ୍ଳବ ଏବଂ ଏଥିରେ ଆମର ବିଜୟ ହେବ। ଯଦିଓ ଏହା ସହଜ ନୁହେଁ ତଥାପି ଫଳାଫଳ ଐତିହାସିକ। ଆମେ ଆମେରିକାକୁ ପୁଣିଥରେ ମହାନ କରିବୁ ବୋଲି ସେ କହିଛନ୍ତି। ଶନିବାର ଚୀନର ବିଦେଶ ବ୍ୟାପାର ମନ୍ତ୍ରାଳୟ କହିଥିଲା ଯେ ଦେଶର ସାର୍ବଭୌମତ୍ୱ, ସୁରକ୍ଷା ଏବଂ ବିକାଶ ଦୃଷ୍ଟିରୁ ନିର୍ଣ୍ଣାୟକ ପଦକ୍ଷେପ ନିଆଯିବ। ଏଥିସହିତ ଚୀନର ଅର୍ଥନୀତି ଓ ବାଣିଜ୍ୟକୁ ଚାପିଦେବା ପାଇଁ ଶୁଳ୍କକୁ ଏକ ଅସ୍ତ୍ର ଭାବେ ବ୍ୟବହାର ନକରିବା ସହିତ ଚୀନବାସୀଙ୍କ ବୈଧ ବିକାଶ ଅଧିକାର ନ୍ୟୁନ କରିବାକୁ ବନ୍ଦ କରିବା ଲାଗି ମନ୍ତ୍ରାଳୟ କହିଥିଲା।

ଉଲ୍ଲେଖଯୋଗ୍ୟ ଚଳିତ ସପ୍ତାହରେ ଟ୍ରମ୍ପ ଚୀନ ସାମଗ୍ରୀ ଆମଦାନୀ ଉପରେ ଅତିରିକ୍ତ ୩୪ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ଏହାଦ୍ୱାରା ଆମେରିକାକୁ ଆମଦାନୀ ହେଉଥିବା ଚୀନ ସାମଗ୍ରୀ ଉପରେ ମୋଟ ଶୁଳ୍କ ୫୪ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଟ୍ରମ୍ପଙ୍କ ଏହି ଘୋଷଣା ପରେ ଚୀନ ଜବାବୀ ପଦକ୍ଷେପ ଘୋଷଣା କରିଥିଲା। ସମସ୍ତ ଆମେରିକୀୟ ଆମଦାନୀ ଉପରେ ଅତିରିକ୍ତ ୩୪ ପ୍ରତିଶତ ଶୁଳ୍କ ଲାଗୁ ହେବ ବୋଲି ବେଜିଂ ଶନିବାର ଘୋଷଣା କରିଥିଲା। ଚୀନ ପକ୍ଷରୁ ଘୋଷଣା କରାଯାଇଥିବା ଶୁଳ୍କ ଚଳିତମାସ ୧୦ ତାରିଖରୁ କାର୍ଯ୍ୟକାରୀ ହେବ।

## ସତର୍କ କଲା ଜେପି ମୋର୍ଗାନ: ଆଣିବ ମାନ୍ଦାବସ୍ଥା

**ନୂଆଦିଲ୍ଲୀ, ୬।୪:** ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇବା ଆମେରିକା ଅର୍ଥନୀତି ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଚଳିତବର୍ଷ ଶେଷ ବେଳକୁ ଆମେରିକା ଅର୍ଥନୀତି ଏଥିପାଇଁ ମାନ୍ଦାବସ୍ଥା ଭିତରକୁ ଚାଲିଯିବ। ଆମେରିକା ଏବଂ ବିଶ୍ୱ ଅର୍ଥନୀତି ଚଳିତବର୍ଷ ଶେଷବେଳକୁ ମାନ୍ଦାବସ୍ଥା କବଳରେ ପଡ଼ିବାର ଆଶଙ୍କା ୪୦ ପ୍ରତିଶତ ଥିବା ନେଇ ପୂର୍ବରୁ ବିଶ୍ୱସ୍ତରୀୟ ନିବେଶ ଫାର୍ମ ଜେପି ମୋର୍ଗାନ ଆକଳନ କରିଥିବାବେଳେ ଏବେ ଏହି ଆଶଙ୍କାକୁ ୬୦ ପ୍ରତିଶତକୁ ବଢ଼ାଇ ଦେଇଛି। ଆମେରିକାରେ ଜେପି ମୋର୍ଗାନର ମୁଖ୍ୟ ଅର୍ଥନୀତିଜ୍ଞ ମାଇକେଲ ଫେରୋଲି କହିଛନ୍ତି ଯେ ଶୁଳ୍କ ପାଇଁ ଆମେରିକାର ମୋଟ ଘରୋଇ ଉତ୍ପାଦ (ଜିଡିପି) କମିବା ଆଶଙ୍କା ରହିଛି। ଅର୍ଥନୀତି ସଂକୁଚିତ ହେଲେ ଆମେରିକାରେ ବେକାରି ହାର ୫.୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଇପାରେ ବୋଲି ସେ ସର୍ତକ କରାଇ ଦେଇଛନ୍ତି।

ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟ ଜିରୋମି ପାୱେଲ ମଧ୍ୟ ସମାନ ଧରଣର ଆଶଙ୍କା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବ ଆକଳନ ତୁଳନାରେ ଶୁଳ୍କ ଆମେରିକା ଅର୍ଥନୀତିକୁ ଅଧିକ ପ୍ରଭାବିତ କରିବ। ଶୁଳ୍କ ପ୍ରଭାବରେ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିବ ବୋଲି କୁହାଯାଇଛି।

କେବଳ ଜେପି ମୋର୍ଗାନ ନୁହେଁ, ବିଶ୍ୱର ଅନ୍ୟ ଗବେଷଣା ଫାର୍ମ ଓ ସଂସ୍ଥା ଯଥା ବାରକ୍ଲେଜ୍, ବୋଫା ଗ୍ଲୋବାଲ ରିସର୍ଚ୍ଚ, ଡଏଚ୍ ବ୍ୟାଙ୍କ, ଆର୍‌ବିସି କ୍ୟାପିଟାଲ ମାର୍କେଟ୍‌ସ, ୟୁବିଏସ୍ ଗ୍ଲୋବାଲ ୱେଲ୍‌ଥ ମ୍ୟାନେଜମେଣ୍ଟ ମଧ୍ୟ ଆମେରିକା ଅର୍ଥନୀତି ଚଳିତ ବର୍ଷ ମାନ୍ଦାବସ୍ଥାରେ ପଡ଼ିବାର ବହୁ ବିପଦ ରହିଛି ବୋଲି ମତ ଦେଇଛନ୍ତି। ଯଦି ଟ୍ରମ୍ପ ଲାଗୁ କରିଥିବା ନୂଆ ଶୁଳ୍କ ଜାରି ରହେ ତା'ହେଲେ ଆମେରିକା ଅର୍ଥନୀତିକୁ ଏଭଳି ସ୍ଥିତି ଭୋଗିବାକୁ ପଡ଼ିପାରେ ବୋଲି କୁହାଯାଇଛି।



## ଆଜିର ସୁନା ଦର

ବର୍ଦ୍ଧିତ ସୁନା ଓ ରୂପା ଦରରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଶସ୍ତା ହୋଇଛି ସୁନା ଅଳଙ୍କାର। ଯଦି ସୁନା କିଣିବାକୁ ଯାଉଛନ୍ତି ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୬୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୩ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୬୬୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୩, ୧୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୩,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୦, ୮୧୦ ଟଙ୍କା ଓ ୨୨ କ୍ୟାରେଟ୍ ୮୩, ୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୦, ୬୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୩,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୦,୬୬୦ ଓ ୮୩, ୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।

## ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ'କୁ ଜୋରଦାର୍ ଝଟ୍‌କା!



ନୂଆଦିଲ୍ଲୀ,୬।୪:ଏପ୍ରିଲ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଶ୍ୱର ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଘୋଷଣା କରିଛନ୍ତି। ଯାହା ପରେ ସାରା ବିଶ୍ୱରେ ଷ୍ଟକ ମାର୍କେଟ ଏବଂ କମୋଡିଟି ବଜାରରେ ହଇଚଇ ସୃଷ୍ଟି ହୋଇଛି। ଏହାର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ମଧ୍ୟ ଦୃଶ୍ୟମାନ ହେଉଛି। କିନ୍ତୁ ଏହା ଭାରତର ମେକ ଇନ ଇଣ୍ଡିଆ ଯୋଜନାକୁ ପ୍ରଭାବିତ କରିବ କି? ଏହି ଯୋଜନାରେ ଆରମ୍ଭ ହୋଇଥିବା ଯୋଜନାକୁ ପୁଣି ଥରେ ଆରମ୍ଭ କରିବାକୁ ପଡିବ କି? ଆସନ୍ତୁ ଜାଣିବା । ମେକ ଇନ ଇଣ୍ଡିଆ ଅଧୀନରେ ଦେଶରେ ଅନେକ ଯୋଜନା ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରୁ ଗୋଟିଏ ପ୍ରମୁଖ ଯୋଜନା ହେଉଛି ପିଏଲଆଇ ଯୋଜନା। ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରଠାରୁ ଏହି ଯୋଜନା ଉପରେ ଚାପ ପଡ଼ିବାର ସମ୍ଭାବନା ରହିଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଏକ ରିପୋର୍ଟ ଉପସ୍ଥାପନ କରିଛି, ଯେଉଁଥିରେ ବିଶ୍ୱ ଉତ୍ତେଜନା ମଧ୍ୟରେ ପିଏଲଆଇ ଯୋଜନାରେ ଅଧିକ ଦୃଢ଼ ଭାବରେ କାମ କରିବାକୁ ସତର୍କ କରାଯାଇଛି। ଡୋନାଲ୍ଡ ଟ୍ରମ୍ପ ଭାରତକୁ ନିଜର ବନ୍ଧୁ ବୋଲି କହି ୨୬ ପ୍ରତିଶତ ଶୁଳ୍କ ଲଗାଇଛନ୍ତି ଏବଂ ଚାଇନା ଉପରେ ୩୪ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି, ଏହା ପରେ ଶୁକ୍ରବାର ଚାଇନା ମଧ୍ୟ ଆମେରିକାରୁ ଆସୁଥିବା ଉତ୍ପାଦଗୁଡ଼ିକ ଉପରେ ୩୪ ପ୍ରତିଶତ ଶୁଳ୍କ ଲଗାଇଛି। ବିଶ୍ୱରେ ଶୁଳ୍କ ଯୁଦ୍ଧ ମଧ୍ୟରେ, ଭାରତ ଏହାର ବିପୁଳ କର୍ମଚାରୀ ଏବଂ କମ ମୂଲ୍ୟ ଯୋଗୁଁ ଏକ ଦୃଢ଼ ସ୍ଥିତିରେ ଅଛି। ତଥାପି, ବିଶ୍ୱ ଉତ୍ତେଜନା ମଧ୍ୟରେ ଦେଶକୁ ଅଧିକ କ୍ଷତି ନହେବା ପାଇଁ, ଏସବିଆଇ ତାର ରିପୋର୍ଟରେ ପିଏଲଆଇ ଯୋଜନାକୁ ଆହୁରି ସୁଦୃଢ଼ କରିବାକୁ କହିଛି। ଏସବିଆଇ ରିପୋର୍ଟରେ କହିଛି ଯେ ଭାରତ ସରକାରଙ୍କୁ ବିଦ୍ୟମାନ ପିଏଲଆଇ ଯୋଜନାଗୁଡ଼ିକୁ ବିସ୍ତାର କରିବା ଉଚିତ ଏବଂ ଏହାର ଅବଧି 3 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା ଉଚିତ, ଯାହା ଘରୋଇ ଶିଳ୍ପଗୁଡ଼ିକର ନିବେଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବୃଦ୍ଧି କରିବ।

## ଟ୍ରମ୍ପଙ୍କ ଟାରିଫ ପରେ ଜଗତୀକରଣର ଯୁଗ ଶେଷ

# ଆଜି ଘୋଷଣା କରିବେ ୟୁକେ ପିଏମ୍

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ବୃଦ୍ଧି ଏବଂ ଆମେରିକା ଫାଷ୍ଟ ଭଳି ଆତ୍ମସୁରକ୍ଷା ନୀତି ଆପଣାଇବା ପରେ ସାରା ବିଶ୍ୱରେ ମାନ୍ଦାବସ୍ଥା ଆସନ୍ନ। ଯାହାକୁ ନେଇ ସୋମବାର ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିଏର ଷ୍ଟାର୍‌ମର ସୋମବାର ଦେଶବାସୀଙ୍କୁ ସମ୍ବୋଧନ କରିବାକୁ ଯାଉଛନ୍ତି। ଯେଉଁଥିରେ ସେ ବିଶ୍ୱରେ ଜଗତୀକରଣର ଯୁଗ ଶେଷ ହୋଇଗଲା ବୋଲି ଘୋଷଣା କରିବେ। ଏନେଇ ଦ ଟାଇମ୍ସରେ ଖବର ପ୍ରକାଶ ପାଇଛି।

ଟାଇମ୍ସ ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କ ଅଭାବନୀୟ ୧୦ ପ୍ରତିଶତ "ମୌଳିକ" ଶୁଳ୍କ ବିଶ୍ୱ ବଜାରକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି। ତେଣୁ ୧୯୯୧ରେ ସୋଭିଏତ୍ ୟୁନିଅନର ପତନ ସହିତ ଆରମ୍ଭ ହୋଇଥିବା ଜଗତୀକରଣର ଲକ୍ଷ ଲକ୍ଷ ଭୋଟରଙ୍କୁ ଏହା ନିରାଶ କରିଛି। ଆମେରିକା ରାଷ୍ଟ୍ରପତି ଅର୍ଥନୈତିକ ଜାତୀୟତାବାଦ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଆସନ୍ତାକାଲିର ଭାଷଣରେ ଷ୍ଟାର୍‌ମର ଘୋଷଣା କରିବେ ବୋଲି ଟାଇମ୍ସରେ ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତାକାଲିର ଭାଷଣରେ



ଷ୍ଟାରମର ପ୍ରଶାସନ ଟ୍ରମ୍ପଙ୍କ ଚରମ ପଦକ୍ଷେପ ସହିତ ସହମତ ହୋଇ ନପାରନ୍ତି। ତେବେ ଏକ ନୂଆ ଯୁଗ ଆରମ୍ଭ ହୋଇଛି, ଯେଉଁଥିରେ ଅନେକ ଲୋକ ଆମେରିକା ରାଷ୍ଟ୍ରପତିଙ୍କ ଆଭିମୁଖ୍ୟକୁ ସମର୍ଥନ କରୁଛନ୍ତି ବୋଲି ଷ୍ଟାରମର ସ୍ୱୀକାର କରିପାରନ୍ତି। ବ୍ରିଟେନ୍ ସରକାରର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରରୁ ରିପୋର୍ଟ କରିଛି ଟାଇମ୍ସ। ଜଗତୀରଣ ଅନେକ କର୍ମଜୀବୀ ଲୋକଙ୍କ ପାଇଁ କାମ କରୁ ନାହିଁ। ତେବେ ବାଣିଜ୍ୟ ଯୁଦ୍ଧ ଏହାର ଏକମାତ୍ର ଉତ୍ତର ବୋଲି ଆମେ ବିଶ୍ୱାସ କରୁ ନାହୁଁ। ତେଣୁ ଏ ଦିଗରେ ଯେ ଏକ ଭିନ୍ନ ରାସ୍ତା ଅଛି ତାହା ଦେଖାଇବାର ଏହା ଏକ ସୁଯୋଗ ବୋଲି ଷ୍ଟାରମର କହିଛନ୍ତି। ଟାଇମ୍ସ ରିପୋର୍ଟ ଅନୁସାରେ, ଟ୍ରମ୍ପ ବାଣିଜ୍ୟ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ପଦକ୍ଷେପ ନେଉଥିବା ବେଳେ ବର୍ତ୍ତମାନ ବିଶ୍ୱରେ ପ୍ରତିଯୋଗିତା ବୃଦ୍ଧି ପାଇଛି। ଷ୍ଟାର୍‌ମରଙ୍କ ବିଶ୍ୱାସ ଯେ ଏଥିପାଇଁ ଦେଶଗୁଡ଼ିକ ନିଜ ଉପରେ ଅଧିକ ଗୁରୁତ୍ୱ ଦେବେ। ରପ୍ତାନୀ ଶୃଙ୍ଖଳ ମାଧ୍ୟମରେ ଉତ୍ପାଦକତା ବଢାଇବା ସହିତ ଉତ୍ପାଦନ ବୃଦ୍ଧି କରିବାକୁ ଦୃଷ୍ଟି ଦେବେ। ଷ୍ଟାରମରଙ୍କ ଦୃଷ୍ଟିକୋଣ ସହିତ ସହିତ ସମଭାବ ରଖି HSBC ମୁଖ୍ୟ ସାର୍ ମାର୍କ ଟକର ମଧ୍ୟ ସମାନ କଥା କହିଛନ୍ତି। ଜଗତୀକରଣ ହୁଏତ ଏହାର ବ୍ୟକ୍ତିଗତ ଯାତ୍ରା ଆରମ୍ଭ କରି ସାରିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ପକାଇବାକୁ ଚାହୁଁଛନ୍ତି କି? ତେବେ ତା ପୂର୍ବରୁ ଜାଣନ୍ତୁ ଆଜିର ଦର କେତେ? କାରଣ ପେଟ୍ରୋଲ ଦଳରେ ସକାଳୁ ସକାଳୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଓଲା ଆଣିବ ୧୨ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ



ନୂଆଦିଲ୍ଲୀ,୬।୪: ଇଲେକ୍ଟ୍ରିକ ସ୍କୁଟର ଏବଂ ବାଇକ୍ ତିଆରି କରୁଥିବା କମ୍ପାନୀ ଓଲା ଇଲେକ୍ଟ୍ରିକ ଏକ ଜବରଦସ୍ତ ପ୍ଲାନ ପ୍ରସ୍ତୁତ କରିଛି। ନିକଟରେ ଏହାର ନୂତନ ଇଲେକ୍ଟ୍ରିକ ବାଇକ ରୋଡଷ୍ଟର ଲଞ୍ଚ କରିଥିବା ଓଲା ଇଲେକ୍ଟ୍ରିକ ଏବେ ଗୋଟିଏ ପରେ ଗୋଟିଏ ୧୨ଟି ନୂତନ ଇଲେକ୍ଟ୍ରିକ ୨-ଚକିଆ ଗାଡ଼ି ଆଣିବାକୁ ଯାଉଛି। କମ୍ପାନୀ କିଛି ମାସ ମଧ୍ୟରେ ଏହା ଆରମ୍ଭ କରିପାରେ। ଓଲା ଇଲେକ୍ଟ୍ରିକ ନିରନ୍ତର ଭାବରେ ଏହାର ଯାନବାହନ ପୋର୍ଟଫୋଲିଓକୁ ବିସ୍ତାର କରୁଛି। ତେଣୁ, ଓଲା ଏସ-୧ ସିରିଜ ସ୍କୁଟର ବ୍ୟତୀତ, କମ୍ପାନୀ ସ୍ୱାପେବଲ ବ୍ୟାଟେରୀ ସହିତ ଇଲେକ୍ଟ୍ରିକ ବାଇକ ଏବଂ ସ୍କୁଟର ମଧ୍ୟ ବଜାରକୁ ଆଣିଛି। ଏହି କ୍ରମରେ ଏହା ଜୁଲାଇ ୨୦୨୫ ରୁ ଗୋଟିଏ ପରେ ଗୋଟିଏ ୧୨ଟି ଇଲେକ୍ଟ୍ରିକ ୨-ଚକିଆ ଯାନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଓଲା ଏବେ ଓଲା ଏସ-୧ ସିରିଜ ଅନ୍ତର୍ଗତ ଏହାର ସବୁଠାରୁ ଲୋକପ୍ରିୟ ଇଲେକ୍ଟ୍ରିକ ସ୍କୁଟରର ଏକ ସ୍ପୋର୍ଟି ସଂସ୍କରଣ ଆଣିପାରେ। ଏଥିରେ କମ୍ପାନୀ ଏପର୍ଯ୍ୟନ୍ତ ଏସ-୧ ସିରିଜର ସର୍ବୋଚ୍ଚ ରେଞ୍ଜ ପ୍ରଦାନ କରିପାରିବ। ଗାଡିୱାଡି ଅନୁଯାୟୀ, ଏସ-୧ ସିରିଜ ପରେ କମ୍ପାନୀ ଏସ-୨ ସିରିଜର ଦ୍ୱିତୀୟ ଜେନେରେଶନର ସ୍କୁଟର ଲଞ୍ଚ କରିବ। ଏହି ସ୍କୁଟରଟି ଦୁଇଟି ପ୍ରକାରରେ ମଧ୍ୟ ଆସିପାରିବ – ସିଟି ଏବଂ ସ୍ପୋର୍ଟ। ପରିବାର କ୍ରେତାଙ୍କୁ ଦୃଷ୍ଟିରେ ରଖି ଏସ-୨ ସିରିଜ ଡିଜାଇନ କରାଯାଉଥିବା ଆଶା କରାଯାଉଛି। ଏହା ବଜାରରେ ଆଥର ରିଜ୍‌ତା ସହିତ ସିଧାସଳଖ ପ୍ରତିଯୋଗିତା କରିବ ଏବଂ ବଜାଜ ଚେତକ. ଟିଭିଏସ ଆଇକ୍ୟୁବ ଏବଂ ହୋଣ୍ଡା ଆକ୍ଟିଭା ଇ ସହିତ ମଧ୍ୟ ପ୍ରତିଯୋଗିତା କରିବ। ଓଲା ଏସ-୩ ରେଞ୍ଜର ନୂତନ ସ୍କୁଟର ମଧ୍ୟ ଲଞ୍ଚ କରିପାରେ। ଏହା ଦୁଇଟି ପ୍ରକାରରେ ଆସିପାରେ, ଗ୍ରାଣ୍ଡ ଆଡଭେଞ୍ଚର ଏବଂ ଗ୍ରାଣ୍ଡ ଟୁରର। ଏଗୁଡ଼ିକ ମ୍ୟାକ୍ସି ସ୍କୁଟର ସେଗମେଣ୍ଟର ସ୍କୁଟର ହୋଇପାରେ। ସ୍କୁଟର ବ୍ୟତୀତ, ଓଲା ଏହାର ଇଲେକ୍ଟ୍ରିକ ମୋଟରସାଇକେଲ ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରିବାକୁ ଯାଉଛି। ପ୍ରଥମତଃ, କମ୍ପାନୀ ଖୁବ ଶୀଘ୍ର ଏହାର ଇଲେକ୍ଟ୍ରିକ ବାଇକ ରୋଡଷ୍ଟର ଏକ୍ସ ଏବଂ ରୋଡଷ୍ଟର ଏକ୍ସ+ ର ବିତରଣ ଆରମ୍ଭ କରିପାରେ। ଏହା ପରେ ଏକ ନୂତନ ଧାରାବାହିକ ସ୍ପୋର୍ଟଷ୍ଟର ମଧ୍ୟ ପ୍ରଚଳନ କରାଯାଇପାରେ। ଏହାର ଲୁକ ସ୍ପୋର୍ଟି ହେବ ଏବଂ ଏହା ଏକ ପରଫରମାନ୍ସ ବାଇକ ହେବ। ଓଲାର ଯୋଜନାରେ ଆଡଭେଞ୍ଚର, ଆରୋହେଡ, କ୍ରୁଜିୟର ଏବଂ ଡାଇମଣ୍ଡହେଡ ଭଳି ନୂତନ ସିରିଜର ବାଇକର ଅନେକ ପ୍ରକାର ଆଣିବା ମଧ୍ୟ ଅନ୍ତର୍ଭୁକ୍ତ।

## ଗତ ସପ୍ତାହ ନିବେଶକଙ୍କ ପାଇଁ ଥିଲା ଖୁବ୍ ଚିନ୍ତାଜନକ

# ଶୀର୍ଷ ୧୦ଟି ମଧ୍ୟରୁ ୯ଟି କମ୍ପାନୀର ଡୁବିଛି ୨.୯୪ ଲକ୍ଷ କୋଟି ଟଙ୍କା

ନୂଆଦିଲ୍ଲୀ,୬।୪: କମ୍ ଟ୍ରେଡିଂ ସେସନରେ ଥିବା କମ୍ପାନୀ ଗତ ସପ୍ତାହ ମଧ୍ୟରେ, ସେନସେକ୍ସର ଶୀର୍ଷ ୧୦ଟି ମଧ୍ୟରୁ ୯ଟି କମ୍ପାନୀର ବଜାର ପୁଞ୍ଜିକରଣ (ମାର୍କେଟ୍ କ୍ୟାପ୍)ରେ ସାମୂହିକ ଭାବେ ୨,୯୪,୧୭୦.୧୬ କୋଟି ଟଙ୍କାର ହ୍ରାସ ଘଟିଛି। ସବୁଠୁ ଅଧିକ କ୍ଷତିରେ ରହିଛି ଟାଟା କନ୍ସଲଟେନ୍ସି ସର୍ଭିସେଜ୍ (ଟିସିଏସ୍)। ଗତ ସପ୍ତାହ ବିଏସଇର ୩୦ ସେୟାରର ସେନ୍ସେକ୍ସ ୨,୦୫୦.୨୩ ପଏଣ୍ଟ ବା ୨.୬୪ ପ୍ରତିଶତ ଖସିଛି, ଯାହାକି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୬୧୪.୮ ପଏଣ୍ଟ ବା ୨.୬୧ ପ୍ରତିଶତର କ୍ଷତି ରହିଛି। ସେନସେକ୍ସର ଶୀର୍ଷ ୧୦ କମ୍ପାନୀ ଗୁଡ଼ିକ ମଧ୍ୟରେ ଟାଟା କନ୍ସଲଟେନ୍ସି ସର୍ଭିସେଜ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଇନଫୋସିସ୍, ବଜାଜ ଫାଇନେନ୍ସ, ଆଇସିଆଇସିଆଇ ବ୍ୟାଙ୍କ , ଏଚଡିଏଫସି ବ୍ୟାଙ୍କ, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ , ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସବିଆଇ) ଓ ଆଇଟିସିର ବଜାର ମୂଲ୍ୟାଙ୍କନରେ ହ୍ରାସ ଘଟିଛି। ଭାରତୀ ଏୟାରଟେଲ୍ ଏକମାତ୍ର କମ୍ପାନୀ ରହିଛି, ଯାହାର ମାର୍କେଟ୍ ଭାଲ୍ୟୁ ବଢିଛି। ଗତ ସପ୍ତାହରେ ଟିସିଏସ୍‌ର ମାର୍କେଟ୍ କ୍ୟାପ୍ ୧,୧୦, ୩୫୧.୬୭ କୋଟି ଟଙ୍କା ହ୍ରାସ ପାଇ ୧୧ ,୯୩,୭୬୯.୮୯ କୋଟି ଟଙ୍କାରେ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମାର୍କେଟ୍ କ୍ୟାପ୍ ୯୫,୧୩୨.୫୮ କୋଟି ଟଙ୍କା ହ୍ରାସ ପାଇ ୧୬,୩୦,୨୪୪.୯୬ କୋଟି ଟଙ୍କାରେ ଓ ଇନଫୋସିସର ୪୯,୦୫୦.୦୪ କୋଟି ଟଙ୍କାର କ୍ଷତିର ସହ ୬,୦୩,୧୭୮.୪୫ କୋଟି ଟଙ୍କାକୁ ଆସିଛି। ବଜାଜ ଫାଇନାନ୍ସର ମାର୍କେଟ୍ ଭାଲ୍ୟୁ ୧୪,୧୨୭.୦୭ କୋଟି ଟଙ୍କା ହ୍ରାସ ପାଇ ୫,୪୦,୫୮୮.୦୫ କୋଟି ଟଙ୍କାରେ ରହିଛି। ଆଇସିଆଇସିଆଇ ବ୍ୟାଙ୍କର ମୂଲ୍ୟାଙ୍କନ ୯,୫୦୩.୬୬ କୋଟି ଟଙ୍କା ହ୍ରାସ ପାଇ ୯,୪୩,୨୬୪ .୯୫ କୋଟି ଟଙ୍କାକୁ ଆସିଛି। ପ୍ରାଇଭେଟ୍ ସେକ୍ଟରର ଏଚଡିଏଫସି ବ୍ୟାଙ୍କର ମୂଲ୍ୟାଙ୍କନ ୮,୮୦୦.୦୫ କୋଟି ଟଙ୍କା ହ୍ରାସ ପାଇଁ ୧୩,୯୦,୪୦୮.୬୮ କୋଟି ଟଙ୍କାରେ ପହଞ୍ଚିଛି ଏବଂ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍‌ର ମୂଲ୍ୟାଙ୍କନ ୩,୫୦୦.୮୯ କୋଟି ଟଙ୍କା ହ୍ରାସ ପାଇ ୫,୨୭,୩୫୨.୦୧ କୋଟି ଟଙ୍କାରେ ରହିଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମାର୍କେଟ୍ କ୍ୟାପ୍ ୩,୩୯୧.୩୫ କୋଟି ଟଙ୍କା ହ୍ରାସ ପାଇ ୬,୮୫,୨୩୨.୩୩ କୋଟି ଟଙ୍କା ରହିଛି। ଆଇଟିସିର ମାର୍କେଟ୍ ଭାଲ୍ୟୁ ୩୧୨.୮୫ କୋଟି ଟଙ୍କା ହ୍ରାସ ପାଇ ୫,୧୨,୫୧୫.୭୮ କୋଟି ଟଙ୍କାକୁ ଆସିଛି। ଏହାର ବିପରୀତ ଭାରତୀ ଏୟାରଟେଲ୍‌ର ମାର୍କେଟ୍ କ୍ୟାପ୍ ୭,୦୧୩.୫୯ କୋଟି ଟଙ୍କା ବଢି ୯,୯୪,୦୧୯.୫୧କୋଟି ଟଙ୍କାରେ ପହଞ୍ଚିଛି। ଶୀର୍ଷ ୧୦କମ୍ପାନୀର ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପ୍ରଥମ ସ୍ଥାନରେ ସ୍ଥିର ରହିଛି। ଏହାପରେ କ୍ରମଶଃ ଏଚଡିଏଫସି ବ୍ୟାଙ୍କ, ଟିସିଏସ, ଭାରତୀ ଏୟାରଟେଲ୍ , ଆଇସିଆଇସିଆଇ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଇନ୍ଫୋସିସ୍, ବଜାଜ ଫାଇନାନ୍ସ, ହିନ୍ଦୁସ୍ତାନ ୟୁନିଲିଭର ଓ ଆଇଟିସିର ସ୍ଥାନ ରହିଛି।



# ବିକ୍ରି ଅଭାବରୁ ଚିଙ୍ଗୁଡ଼ି ଦର ୮୦% ହ୍ରାସ



ନୂଆଦିଲ୍ଲୀ: ଆମେରିକୀୟ ଟିକସର ପ୍ରଭାବ ଦୃଶ୍ୟମାନ ହେବାରେ ଲାଗିଛି। ଆମେରିକାର ଶୁଳ୍କ ଭାରତର ଚିଙ୍ଗୁଡ଼ି ଶିଳ୍ପରେ ଏକ ବଡ଼ ପରିବର୍ତ୍ତନ ଆଣିଛି। କିଛି ଦିନ ମଧ୍ୟରେ ଚିଙ୍ଗୁଡ଼ି ଦର ୮୦ ପ୍ରତିଶତ ହ୍ରାସ ପାଇଛି। ଏହା ଚାଷୀଙ୍କ ଲାଭ ଉପରେ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି। ଏବେ ଚାଷୀଙ୍କ ପାଇଁ ଚାଷ ଖର୍ଚ୍ଚ ଆଦାୟ କରିବା କଷ୍ଟକର ହୋଇପଡୁଛି।

ବିଜନେସ୍ ଷ୍ଟାଣ୍ଡାର୍ଡରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଶୁଳ୍କ ଯୋଗୁ ଚିଙ୍ଗୁଡ଼ିର ଦର କିଲୋଗ୍ରାମ ପିଛା ୩୫୦ଟଙ୍କାରୁ ହ୍ରାସ ପାଇ ୭୦ ଟଙ୍କା ହୋଇଛି। ଆମେରିକାକୁ ବହୁ ପରିମାଣରେ ଚିଙ୍ଗୁଡ଼ି ରପ୍ତାନି କରାଯାଏ। ସର୍ବାଧିକ ଚାହିଦା ହେଉଛି ୫୦ କାଉଣ୍ଟ ଭାନାମେଇ କିସମର। ଗୋଟିଏ କିଲୋରେ ପ୍ରାୟ ୫୦ଟି ଥାଏ। ଏହି ଚିଙ୍ଗୁଡ଼ିର ଚାହିଦା ହଠାତ୍ ହ୍ରାସ ପାଇଛି। ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ, ଆମେରିକୀୟ ଗ୍ରାହକମାନେ ଏବେ ଦୀର୍ଘକାଳୀନ ଚୁକ୍ତିରୁ ଓହରି ଯାଇପାରନ୍ତି, ଯାହା ଫଳରେ ଭାରତ ପ୍ରାୟ ୧ ବିଲିୟନ ଡଲାର ହରାଇବ। ଏହି ଶିଳ୍ପ ସହିତ ଜଡିତ ଲୋକମାନେ କହିଛନ୍ତି ଯେ, ପ୍ରକ୍ରିୟାକରଣ କମ୍ପାନିଗୁଡ଼ିକ ଚିଙ୍ଗୁଡ଼ି କିଣିବା ବନ୍ଦ କରିଦେଇଛନ୍ତି। ଏହା ଚାଷୀଙ୍କ ସମସ୍ୟା ବୃଦ୍ଧି କରିଛି। ୭୦ ପ୍ରତିଶତ ଚିଙ୍ଗୁଡ଼ି ଅମଳ ଗ୍ରୀଷ୍ମ ଋତୁରେ ହୁଏ ଏବଂ ଉତ୍ପାଦନ ଆରମ୍ଭ ହୋଇସାରିଛି। କମ୍ପାଉଣ୍ଡ ଲାଇଭଷ୍ଟକ୍ ଫିଡ୍ ମାନୁଫାକଚର୍ସ ଆସୋସିଏସନ୍ (ସିଏଲଏଫଏମଏ)ର ସଭାପତି ଦିବ୍ୟ କୁମାର ଗୁଲାଟିଙ୍କ ଅନୁଯାୟୀ, ଚାଷୀଙ୍କ ମଧ୍ୟରେ ପୂର୍ବରୁ ଆତଙ୍କର ବାତାବରଣ ରହିଛି। ଯଦି ଆମେରିକାର ଶୁଳ୍କର ସମ୍ପୂର୍ଣ୍ଣ ବୋଝ, ଅର୍ଥାତ୍ ୨୬ପ୍ରତିଶତ, ଚାଷୀଙ୍କ ଉପରେ ପଡ଼ିବ, ତେବେ ସେମାନେ ଚିଙ୍ଗୁଡ଼ି ଉପରେ ପ୍ରତି କିଲୋଗ୍ରାମରେ ୬୦ରୁ ୭୦ଟଙ୍କା କ୍ଷତି ସହିବେ। ଅଧିକ ପଢ଼ନ୍ତୁ ଉପରେ ଟ୍ରେନ୍, ତଳେ ଜାହାଜ: ତାମିଲନାଡୁରେ ପମ୍ବନ ସେତୁର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ଗୁଲାଟି କହିଛନ୍ତି ଯେ, ଯଦି ପ୍ରକ୍ରିୟାକରଣ କମ୍ପାନିଗୁଡ଼ିକ ୧୦ ପ୍ରତିଶତ ଶୁଳ୍କ ବହନ କରନ୍ତି। ତଥାପି ଚାଷୀମାନଙ୍କୁ ପ୍ରତି କିଲୋଗ୍ରାମ ପାଇଁ ଅତି କମରେ ୩୦-୪୦ ଟଙ୍କା କ୍ଷତି ସହିବାକୁ ପଡିବ। ଚିଙ୍ଗୁଡ଼ି ଚାଷ ପାଇଁ ପ୍ରତି ହେକ୍ଟର ପ୍ରାୟ ୧ ଲକ୍ଷ ଟଙ୍କା ନିବେଶ ଆବଶ୍ୟକ, ଏବଂ ଯେତେବେଳେ କ୍ରୟ ବନ୍ଦ ହୋଇଯାଏ, ଏହି ନିବେଶ ବିପଦରେ ପଡ଼ିଯାଏ।

ଭାରତରେ ଚିଙ୍ଗୁଡ଼ି ଉତ୍ପାଦନର ମୁଖ୍ୟ କେନ୍ଦ୍ର ହେଉଛି ଆନ୍ଧ୍ରପ୍ରଦେଶ, ଯେଉଁଠାରେ ହଜାର ହଜାର ଚାଷୀ ଏବେ ହଠାତ୍ ଦର ହ୍ରାସ ପାଇବାକୁ ନେଇ ଚିନ୍ତିତ। ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ, ସରକାର ଏହି ସଙ୍କଟରେ ହସ୍ତକ୍ଷେପ କରି ରପ୍ତାନିକାରୀ ଏବଂ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ଉଚିତ୍। ଯଦି ଶୁଳ୍କ ସଙ୍କଟ ଶୀଘ୍ର ହ୍ରାସ ନହୁଏ, ତେବେ ଏହା ଭାରତର ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ର ଉପରେ ଗୁରୁତର ପ୍ରଭାବ ପକାଇପାରେ।

SANCHAR
ସଂଚାର ସୋମବାର ୭ ଏପ୍ରିଲ୍ ୨୦୨୫

# ପର୍ଯ୍ୟଟନ





## ପର୍ଯ୍ୟଟନର ନୂଆ ସମ୍ଭାବନା

# ଦରଗୁଡ଼ିଶିଳା



ପ୍ରକୃତି ଓ ପରିବେଶକୁ ଭଲପାଉଥିବା ପର୍ଯ୍ୟଟକଙ୍କ ପାଇଁ କେନ୍ଦୁଝର ଜିଲ୍ଲାର ଦରଗୁଡିଶୀଳା ଏକ ଆକର୍ଷଣୀୟ ସ୍ଥାନ। ଯଦି ଆପଣ ସହରର ପ୍ରଦୂଷିତ ପରିବେଶଠାରୁ ଦୂରକୁ ଯାଇ କିଛି ସମୟ ପ୍ରକୃତି କୋଳରେ କଟାଇବାକୁ ଚାହୁଁଥାଆନ୍ତି ତେବେ ଦରଗୁଡିଶୀଳାରେ ପହଞ୍ଚିଲେ ନିଶ୍ଚୟ ଆନନ୍ଦ ଅନୁଭବ କରିବେ। ସେଠାକାର ମନୋରମ ପ୍ରାକୃତିକ ଶୋଭା କୌଣସି ଏକ ବଲିଉଡ୍ ସିନେମାରେ ପ୍ରଦର୍ଶିତ ଦୃଶ୍ୟ ପରି ମନେ ହେବ।

### କ'ଣ ଦେଖିବେ ?

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର କାଦବାହାଳୀ ଗାଁର ଗୋଟିଏ ଛୋଟିଆ ଶାଖା ଗାଁ ବା ପଡାଗ୍ରାମ ହେଉଛି ଦରଗୁଡିଶିଳା। ଏହି ଗାଁଟି ଘଞ୍ଚ ଜଙ୍ଗଲ ଭିତରେ ରହିଛି। ପୁଣି ଏହି ଜଙ୍ଗଲ ଭିତର ଦେଇ ବହି ଯାଇଛି ବୈତରଣୀ ନଦୀ। ଆଉ ବୈତରଣୀ ନଦୀର ଜଙ୍ଗଲ ଦେଇ ଦରଗୁଡିଶିଳା ଅତିକ୍ରମ କଲା ବେଳେ ଏକାଧିକ ବୃକ୍ଷରାଜିକୁ ଛୁଇଁ ଅତିକ୍ରମ କରିଛି। ସବୁଜିମା ଓ ନୀଳ ଜଳରାଶିର ସମନ୍ୱୟ ସୃଷ୍ଟି କରିଛି ଅତ୍ୟନ୍ତ ମନୋରମ ଦୃଶ୍ୟ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦରଗୁଡ଼ିଶିଳାରେ ବୈତରଣୀ ସ୍ରୋତସ୍ୱିନୀ କିନ୍ତୁ ଜଳର ଗଭୀରତା କମ୍। ତେଣୁ ଚଟାଣ ପଥରରେ ବୈତରଣୀର ପାଣି ଧକ୍କା ଖାଇ ଯେଉଁ କୁଳୁକୁଳୁ ଶବ୍ଦ ସୃଷ୍ଟି କରେ, ତାହା ମଧ ପର୍ଯ୍ୟଟକଙ୍କୁ ବିମୁଗ୍ଧ କରିବ।

### କେଉଁମାନେ ଓ କାହିଁକି ପସନ୍ଦ କରନ୍ତି ?

ବିଶେଷ କରି ଯେଉଁମାନେ ସହରର କୋଳାହଳ ଭିତରେ ରହି ନିରୋଳାରେ ମୁକ୍ତ ପରିବେଶ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦରଗୁଡିଶିଳା ପ୍ରକୃଷ୍ଟ ସ୍ଥାନ। ଏଠାରେ ସେମାନ ବଣଭୋଜି ସହିତ ପ୍ରାକୃତିକ ସୌନ୍ଦୀର୍ଯ୍ୟକୁ ପାଖରୁ ଅନୁଭବ କରି ପାରିବେ। ଏଥିସହ ସେଠାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ ମଧ ହୋଇଥାଏ। ତେଣୁ ପକ୍ଷୀପ୍ରେମୀଙ୍କ ଲାଗି ଦରଗୁଡ଼ିଶିଳା ଦର୍ଶନୀୟ। ସେହିପରି ପ୍ରାକୃତିକ ଦୃଶ୍ୟକୁ କ୍ୟାମେରା ଲେନ୍ସରେ କଏଦ୍ କରୁଥିବା ଫଟୋଗ୍ରାଫରଙ୍କୁ ସେଠାରେ ଖୋରାକ ମିଳିବ।

### କେମିତି ଯିବେ ?

ରାଜଧାନୀ ଭୁବନେଶ୍ୱରରୁ ଏହି ପର୍ଯ୍ୟଟନସ୍ଥଳୀ ପାଖାପାଖି ୧୯୦ କିମି ଦୂରରେ ରହିଛି। ଭୁବନେଶ୍ୱରରୁ କାରଯୋଗେ ଆସୁଥିବା ପର୍ଯ୍ୟଟକମାନେ କୋଳିମାଟି ନିକଟସ୍ଥ କୁମ୍ଭଡ ଛକଠାରୁ ଡାହାଣକୁ ପ୍ରାୟ ୧୮ କିଲୋମିଟର ଗଲେ ଦରଗୁଡିଶିଳା ପଡେ। ଏଠାକୁ ଯିବା ପାଇଁ ଯଦିଓ ସବୁଦିନିଆ ରାସ୍ତା ନାହିଁ, ମାତ୍ର ପର୍ଯ୍ୟଟନ ଋତୁରେ ଏଠାକୁ ଯାଇ ହେବ ଏବଂ ସେଠାରେ ବଣଭୋଜି କରିହେବ। ଏଠାରେ ଯେଉଁମାନେ ବଣେଁଭୋଜି କରିଥାନ୍ତି, ସାଧାରଣତଃ ନିଜ ସହିତ ସମସ୍ତ ଭୋଜି ସାମଗ୍ରୀ ସାଥିରେ ନେଇଥାନ୍ତି ଏବଂ ସେଠାରୁ କାଠ ସଂଗ୍ରହ କରି ଭୋଜି କରିଥାନ୍ତି। ଦରଗୁଡ଼ିଶିଳାକୁ ଏପର୍ଯ୍ୟନ୍ତ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଲାଗି କୌଣସି ଉଦ୍ୟମ ହୋଇନାହିଁ। ପର୍ଯ୍ୟଟକଙ୍କ ବିଶ୍ରାମ ଓ ଶୌଚାଦି ଲାଗି ବ୍ୟବସ୍ଥା ମଧ ନାହିଁ। ଏକ ଅଳ୍ପଆଲୋଚିତ ସ୍ଥଳୀ ହୋଇଥିବାରୁ ପ୍ରଶାସନ ତତ୍ପରତା ପ୍ରକାଶ କରିନାହିଁ।

# ସାତପଡ଼ାରେ ମିଳେ ନୈସର୍ଗିକ ଆନନ୍ଦ

ପୁରୀ ଜିଲ୍ଲାର ସାତପଡ଼ା।
ପୁରୀଠାରୁ ୫୦ କିଲୋମିଟର
ଭୁବନେଶ୍ୱର ବିମାନ ବନ୍ଦରଠରୁ ୧୨୦ କିଲୋମିଟର
ସାତପଡ଼ା ଯିବାକୁ ହେଲେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ୪୯ କିଲୋମିଟର ଯିବାକୁ ପଡ଼ିବ

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହା ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟନ ମାନଚିତ୍ରରେ। ଇରାୱାଡି ଡଲ୍‌ଫିନ୍ ସାତପଡ଼ାର ମୁଖ୍ୟ ଆକର୍ଷଣ। ସାତପଡ଼ା ଅର୍ଥ: ସାତ (୭) ପଡ଼ା (ଗ୍ରାମ)। ସ୍ଥାନୀୟ ଅଧିବାସୀ ସାଇକେଲ ଓ ଅଟୋରିକ୍ସା ଯୋଗେ ସାତପଡ଼ା ଭ୍ରମଣ କରିବାକୁ ଯାଇଥାନ୍ତି। ଦେଶବିଦେଶରୁ ଆସୁଥିବା ପର୍ଯଟକମାନେ ସାତପଡ଼ାର ଜଳରାଶିରେ ଡଲଫିନ୍‌ର ମଜା ନେବା ସହ ପର୍ଯ୍ୟଟନ ବିଭାଗର ରିସୋର୍ଟସ୍‌ର ଅନୁଭବ ଅନୁପମ। ଅତିଥି ଦେବୋ ଭବଃର ଆତିଥ୍ୟତା ଏଠାରେ ଆଣିଦେଇଥାଏ ଅସରନ୍ତି ଆନନ୍ଦ। ପ୍ରାକୃତିକ ଶୋଭାରାଜିରେ ପର୍ଯ୍ୟଟକ ବିମୋହିତ ହେବା ସହ ପ୍ରକୃତିର ଦିବ୍ୟ ଭାବନା ନେଇ ମନକୁ ତୃପ୍ତି ଲଭିଥାନ୍ତି। ବିଶେଷକରି ସାତପଡ଼ା ଜାତୀୟସ୍ତରରେ ସୁଖ୍ୟାତି ଆଣିଥିବାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ଆଶାତିତ ଭାବେ ବଢୁଛି।





## ମନୋଲୋଭା ଉପତ୍ୟକା

# ସାପନାଳ

କନ୍ଧମାଳ ଜିଲ୍ଲାରେ ଏମିତି ଏକ ମନୋଲୋଭା ପର୍ଯ୍ୟଟନସ୍ଥଳ ରହିଛି ଯାହା ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ। ଏହି ସ୍ୱଳ୍ପଜ୍ଞାତ ମନୋରମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳଟିର ନାମ ହେଉଛି 'ସାପନାଳ'। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଞ୍ଚାୟତର ଟାକାସିଂ ଗ୍ରାମ ଉପକଣ୍ଠରେ 'ସାପନାଳ' ପର୍ଯ୍ୟଟନସ୍ଥଳ ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ 'ନିରବ ଉପତ୍ୟକା' ବୋଲି କହନ୍ତି। ସାପନାଳ ଏକ ପାହାଡ଼ୀ ନଈ। ଟାକାସିଂ ଗ୍ରାମ ସଂଲଗ୍ନ ପାହାଡ଼ ପାଦଦେଶର ପଥୁରିଆ ଶଯ୍ୟା ଦେଇ ନଦୀଟି ବହୁଥିବାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିଥାଏ। ଠିକ୍ ଟାକାସିଂ ଗ୍ରାମ ଉପକଣ୍ଠରେ ନଦୀଟି ପାହାଡ଼ ଉପରୁ ତୀବ୍ର ବେଗରେ ତଳକୁ ଭୀମ ଗର୍ଜନ କରି ଲମ୍ଫ ପ୍ରଦାନ କରି ଏକ ଜଳପ୍ରପାତ ସୃଷ୍ଟି କରିଛି। ବଡ଼ ବଡ଼ ପଥର ଖଣ୍ଡ ଦେଇ ସାପନାଳ ନଈଟି ବୁଲେଇ ବଙ୍କେଇ ବହୁଥିବା ବେଳେ ପ୍ରକୃତରେ ସାପଟିଏର ଭ୍ରମ ସୃଷ୍ଟି କରିଥାଏ। ଏହି ଜଳପ୍ରପାତର ଉଭୟ ପାର୍ଶ୍ୱରେ ଥିବା ପାହାଡ଼ ଓ ରାଶିରାଶି ଶାଳ ଜଙ୍ଗଲ ମନରେ ଉନ୍ମାଦନା ସୃଷ୍ଟି କରିଥାଏ। ସାପନାଳ ଜଳପ୍ରପାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଲୋକକଥା ଶୁଣିବାକୁ ମିଳିଥାଏ। ଏଠାରେ ମୁଖ୍ୟତଃ କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରୁଥିଲେ। ଏକଦା ଜଣେ କନ୍ଧ ରମଣୀ ନିଜର ଶିଶୁପୁତ୍ରକୁ ତା' ପୋଷା କୁକୁର ମାର୍ଫତରେ ନଦୀ କୂଳରେ ଶୁଆଇଦେଇ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥିଲା। କନ୍ଧ ରମଣୀ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥାଏ ଏବଂ କୁକୁରଟି ଶିଶୁପୁତ୍ରକୁ ଜଗିଥାଏ। କିନ୍ତୁ ଏତିକି ବେଳେ ଅଜଗର ସାପଟିଏ କେଉଁଠୁ ଆସି ଉଭୟ ଶିଶୁପୁତ୍ର ଓ କୁକୁରକୁ ଗିଳି ପକାଇଲା। ଏହାପରେ ଅଜଗର ସାପଟି ନଦୀ ସୁଡ଼ଙ୍ଗ ଦେଇ କିଛିବାଟ ଆଗରେ ବାହାରିଲା। ସାପଟି ସୁଡ଼ଙ୍ଗ ଦେଇ ଯେଉଁଠାରେ ବାହାରିଲା ସେହି ସ୍ଥାନର ନାମ ହେଉଛି 'ସାପନାଳ'। ଏବେ ବି ନଦୀ ଶଯ୍ୟାରେ ଏକ ପଥର ସୁଡ଼ଙ୍ଗ ରହିଛି ଏବଂ ସାପ ଆକାରର ଏକ ଚିହ୍ନ ରହିଛି। ଅନ୍ୟ ମତରେ, ନଦୀଟି ସାପ ଭଳି ଭୀଷଣ ଅଙ୍କାବଙ୍କା ପଥରେ ଗତି କରୁଥିବାରୁ ଏହାର ନାମ ସାପନାଳ ହୋଇଛି। ସାପନାଳ ନଦୀଟି ପାଣ୍ଡୁଗଡ଼ା, ଗମେରବଡ଼ି, ତର୍କଡ଼ି, ଜକୁ ଆଦି ପାହାଡ଼ର ଛାତି ଚିରି ଅତି ତୀବ୍ର ବେଗରେ ସର୍ପିଳ ଗତିପଥରେ ଆଗକୁ ଆଗକୁ ମାଡ଼ି ଚାଲିଛି। ନଈର କୁଳୁକୁଳୁ ଶବ୍ଦ, ପାହାଡ଼ ଉପରୁ ଖସି ପଡୁଥିବା ଜଳପ୍ରପାତର ଭୀମଗର୍ଜନ ଶବ୍ଦ ଏବଂ ପ୍ରକୃତିର ଶାନ୍ତ ବାତାବରଣ ଏଠାକାର ପରିବେଶକୁ ଭିନ୍ନ ରୂପ ଦେଇଥାଏ।

### କେମିତି ପହଞ୍ଚିବେ ?

ରାଜଧାନୀ ଭୁବନେଶ୍ୱରରୁ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀର ଦୂରତା ୨୨୦ କିଲୋମିଟର। ଭୁବନେଶ୍ୱରରୁ ଫୁଲବାଣୀକୁ ରେଳସେବା ନ ଥିବା ବେଳେ ଭଲ ବସ୍ ସେବା କିନ୍ତୁ ରହିଛି। ଫୁଲବାଣୀରୁ ବାଲିଗୁଡ଼ା ୮୫ କିଲୋମିଟର। ବାଲିଗୁଡ଼ାରେ ପହଞ୍ଚିବା ପରେ ଷ୍ଟେଟ୍ ବ୍ୟାଙ୍କ୍ ଛକରୁ ବାରଖମା ରାସ୍ତାରେ ୧୦ କିଲୋମିଟର ଗଲାପରେ ଆପଣ ବାରଖମା ବଜାରରେ ପହଞ୍ଚିବେ। ବାରଖମାରୁ ୫ କିଲୋମିଟର ଗଲାପରେ ସଲାଗୁଡ଼ା ପଞ୍ଚାୟତ ସଦର ମହକୁମାରରେ ପହଞ୍ଚିବେ। ସଲାଗୁଡ଼ାରୁ ୩ କିଲୋମିଟର ଜଙ୍ଗଲିଆ ଓ ପଥୁରିଆ ରାସ୍ତା ଦେଇ ଗଲେ ଆପଣ ସାପନାଳ ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ପହଞ୍ଚିଯାଇ ପାରିବେ।





## ତୁଳସୀ କ୍ଷେତ୍ରରେ ରାମ ନବମୀ ଉତ୍ସବ

**କେନ୍ଦ୍ରାପଡ଼ା, ୬।୪(ସଂଚାର ବ୍ୟୁରୋ):** ରବିବାର ଠାରୁ ନବଦିନ ବ୍ୟାପି ଚଳନ୍ତି ପ୍ରତିମା ରାମ ଟୁଙ୍ଗିକି ବିଜେ କରିବେ ତୁଳସୀ କ୍ଷେତ୍ର ରେ ରାମ ଜନ୍ମ ଜୟନ୍ତୀ ଉତ୍ସବ ଧୁମ୍ ଧାମରେ ପାଳନ କରାଯାଇଛି । ମହାପ୍ରଭୁଙ୍କ ବାମ ପାର୍ଶ୍ୱରେ ବିରାଜ ମାନ ଦେବତା ପ୍ରଭୁ ଶ୍ରୀରାମ ଙ୍କ ରାମ ଜନ୍ମ ଜୟନ୍ତୀ ଉତ୍ସବ ପାଳନ କରା ଯାଇଛି ସୂର୍ଯ୍ୟୋଦୟରୁ ପ୍ରଭୁଙ୍କ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ ପୂର୍ବକ୍ ହୋମ ପରାୟଣ, ମଙ୍ଗଳାର୍ପଣ କରାଯାଇ ଭୋଗ ଲାଗି କରା ଯାଇଥିଲା । ରାତ୍ରଧୂପ ସମ୍ପନ୍ନପରେ ବଳଦେବଜୀଉଙ୍କ ଚଳନ୍ତି ପ୍ରତିମା ଗୋବିନ୍ଦ ଜୀଉ ନବଦିନ ବ୍ୟାପି ରାମଟୁଙ୍ଗି ବିଜେ କରିଥାନ୍ତି । ପ୍ରଭୁ ଶ୍ରୀରାମ ଙ୍କ ବଚନିକା ପାଠ ପ୍ରଭୁଙ୍କ କଥା ବିଷୟ ବସ୍ତୁ କୁ ନେଇ ଅଯୋଧା ବନବାସ ବିଲଙ୍କା ଉତରା କାଣ୍ଡ ଯାତ୍ରା ହୋଇଥାଏ । ପରେ ନିସଙ୍କୁଡ଼ି ଭୋଗ ସମ୍ପନ୍ନ ପରେ ପ୍ରଭୁ ବିମାନରେ ମନ୍ଦିର କୁ ଯାତ୍ରା କରିଥାନ୍ତି ।

## ତିନିମୁହାଣି ଶ୍ରୀରାମ ମନ୍ଦିରରେ କଳସ ଯାତ୍ରା ଓ ଶ୍ରୀରାମ ନବମୀ ପାଳନ

**କେନ୍ଦ୍ରାପଡ଼ା,୬।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତିନିମୁହାଣୀ ସ୍ଥିତ ରାମ ମନ୍ଦିର ପରିସରରେ ବହୁ ଆଡମ୍ବର ସହକାରେ ପବିତ୍ର ଶ୍ରୀରାମ ନବମୀ ପାଳନ ହୋଇଛି । ଏହି ଉପଲକ୍ଷେ ମନ୍ଦିର ପରିଚାଳନା କମିଟିର ସଭାପତି ବିବେକାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ତୁଷାର ଘୋଷ ଓ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ସାମଲଙ୍କ ନେତୃତ୍ୱରେ ଏକ ବିରାଟ କଳସ ସୋଭାଯାତ୍ରା ପାଖା ପାଖି ୧୨୦ ଜଣ ଭକ୍ତ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଘଣ୍ଟ ଘଣ୍ଟା, ହରିବୋଲ ହୁଳ, ହୁଳୀ ଶବ୍ଦ ମଧ୍ୟରେ ଏହି ଶୋଭାଯାତ୍ରାଟି ବାହାରି ତିନିମୁହାଣୀ ଛକ ଓ ଗୁଲନଗର ଗ୍ରାମଦେଇ ସୁଜାନଗର ଗ୍ରାମର ଗୋବରୀ ନଦୀ ପଠାରେ ଥିବା ହନୁମାନ ମନ୍ଦିର ତୁଠ ପର୍ଯ୍ୟନ୍ତ ଯାଇ ସେଠାରେ ପୂଜା ଅର୍ଚ୍ଚନା କରାଯିବା ପରେ ସେହିଠାରୁ କଳସରେ ପାଣି ଆଣାଯାଇ ଭକ୍ତମାନେ ପ୍ରଭୁ ଶ୍ରୀରାଙ୍କ ଉପରେ ଜଳାଭିଷେକ କିରିଥିଲେ । ହଜାର ହଜାର ଭକ୍ତଙ୍କ ସମାଗମ ମଧ୍ୟରେ ପୋଲିସ ପ୍ରଶାସନର ସମସ୍ତ ସାହାଯ୍ୟ ସହଯୋଗ କ୍ରମେ ଶାନ୍ତି ଶୃଙ୍ଖଳାର ସହିତ ପ୍ରଭୁ ଶ୍ରୀରାମଙ୍କ ପୂଜା ଅର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଦେବୀ ପ୍ରସାଦ ତ୍ରିପାଠୀ, ଯୁଗଳ କୀଶର ଦାସ, ଅଭିନାଶ ଦାସ, ଖଗେଶ୍ୱର ସାହୁ, ଶାନ୍ତି ସ୍ୱରୂପ ଭୂୟାଁ, ସାମ୍ବାଦିକ ପ୍ରଫୁଲ୍ଲ ଦାସ, ନୀହାର ରଂଜନ ପରିଡା, ରାଜଲକ୍ଷ୍ମୀ ରାଉତରାୟ ଓ ଜିତେନ୍ଦ୍ର ଦାସ ପ୍ରମୁଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରହି ସମସ୍ତ ସାହାଯ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

## ବୈଶିଙ୍ଗା ସରସ୍ୱତୀ ଶିଶୁ ମନ୍ଦିରରେ ରାମନବମୀ



**ବୈଶିଙ୍ଗା,୬।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରାମନବମୀ ଉତ୍ସବ ପାଳିତ ହୋଇଯାଇଛି | ପ୍ରଧାନ ଆଚାର୍ଯ୍ୟା କଳ୍ପଲତା ହାଜରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପବିତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ପ୍ରଭୁ ରାମଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ସରିବା ପରେ ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ରାଲି ଯୋଗେ ବଜାର ପରିକ୍ରମା କରି ବଜାରସ୍ଥିତ ହନୁମାନ ବାଟିକା ଠାରେ ସାମୁହିକ ହନୁମାନ ଚାଳିଶା ପଠନରେ ଅଂଶଗ୍ରହଣ କରିଥିଲେ । ଏହା ସହ ବୈଶିଙ୍ଗା ଲ୍ୟାମ୍ପସ୍ ଠାରେ ଏକ ସରବତ ବଣ୍ଟନର ଏକ ଷ୍ଟଲ କରାଯାଇ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସରବତ ବଣ୍ଟନ କରାଯାଇଥିଲା। ଏଥିରେ ସଭାପତି ଦେବେନ୍ଦ୍ର କୁମାର ପଣ୍ଡା , ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ, କୋଷାଧ୍ୟକ୍ଷ ସରୋଜ କୁମାର ପତି , ସହ ସମ୍ପାଦକ ଅଜିତ କୁମାର ସେନାପତି, ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା, ପୂର୍ବତନ ସଭାପତି ପୁରୁଷୋତ୍ତମ ପଣ୍ଡା, ବରିଷ୍ଠ ସମାଜସେବୀ ତଥା ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡାଙ୍କ ସହ ଗୁରୁଜୀ ଗୁରୁମା ପ୍ରମୁଖ ଭାବେ ସହଯୋଗ କରିଥିଲେ ।

## ଶ୍ରୀରାମନବମୀ ଅବସରରେ ବୋରିଗୁମ୍ମା ସହର ଉତ୍ସବମୁଖର



**ବୋରିଗୁମ୍ମା,୬।୪(ସଂଚାର ବ୍ୟୁରୋ):** ଶ୍ରୀରାମନବମୀ ଅବସରରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମା ଠାରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ସହରରେ ଦୀପାବଳି ଓ ହୋଲି ଉତ୍ସବ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ରାମମନ୍ଦିର, ହନୁମାନ ମନ୍ଦିରରେ ୭ରୁ ୧୦ ହଜାର ଲୋକଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ରାମ ଭକ୍ତମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ଅନେକ ନିଜକୁ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶରେ ସଜାଇ ହୋଇଥିଲେ। ଭଜନ କୀର୍ତ୍ତନ ଓ ଡିଜେର ତାଳେ ତାଳେ ସହର ବାସୀ ଶ୍ରୀରାମଙ୍କ ଗୁଣଗାନ କରିଥିଲେ। ଏଥିରେ ବୋରିଗୁମ୍ମା ବିଶ୍ୱହିନ୍ଦୁ ପରିଷଦ ଓ ଭୈରବ ସେନା ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକଙ୍କ ଘରେ ଅଖଣ୍ଡ ଦୀପ ଜାଳି ଘର ସମ୍ମୁଖରେ କଳସ ସ୍ଥାପନ କରିବା ସହ ବାଣ ଫୁଟାଇ ଦୀପାବଳି ପାଳନ କରିଥିଲେ।

## ରାମନବମୀରେ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ନୀଳଗିରି ସହର



**ନୀଳଗିରି,୬।୪(ସଂଚାର ବ୍ୟୁରୋ):** ପବିତ୍ର ରାମନବମୀ ଉପଲକ୍ଷେ ନୀଳଗିରିର ଗ୍ରାମଠୁ ସହର ପର୍ଯ୍ୟନ୍ତ ସବୁଠି ଆନନ୍ଦର ଉତ୍ସବ। ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ସମଗ୍ର ପରିବେଶ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଉତ୍ସବକୁ ମହା ଆଡମ୍ବରରେ ପାଳନ କରାଯାଇଥିବା ବେଳେ ନୀଳଗିରି ସହରର ପ୍ରମୁଖ ରାମମନ୍ଦିର ଏବଂ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀରାମ ସେନା ପକ୍ଷରୁ ଏକବିଶାଳ ଶୋଭାଯାତ୍ରା ନୀଳଗିରି ଜଗନ୍ନାଥ ମନ୍ଦିରନିକଟରୁ ବାହାରି ସହରପରିକ୍ରମା କରିବାପରେ ହସ୍ପିଟାଲ ରୋଡ ହନୁମାନମନ୍ଦିର ନିକଟରେ ପହଞ୍ଚିଥିଲା। ହଜାର ହଜାର ପୁରୁଷ ଓ ମହିଳା ରାମଭକ୍ତ ହାତରେ ଶ୍ରୀରାମ ଝଣ୍ଡାଧରି ଜୟଶ୍ରୀରାମ ଧ୍ୱନିଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଶୋଭାଯାତ୍ରାର ପ୍ରମୁଖ ଆକର୍ଷଣ ଥିଲା ସଂକୀର୍ତ୍ତନ ମଣ୍ଡଳୀ, ଡିଜେ, ବାଣ, ରୋଷଣୀ ଏବଂ ଭିନ୍ନଭିନ୍ନ ରୂପରେ ସଜ୍ଜିତ ହନୁମାନ ଏବଂ ରାମଙ୍କ ପ୍ରତିକୃତି। ଶୋଭାଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ବିଜେପି ଜିଲ୍ଲାସଭାପତି ଈଶ୍ୱରଚନ୍ଦ୍ର ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତାମାନେନ ଉପସ୍ଥିତରହି ଶୋଭାଯାତ୍ରାରେ ନେତୃତ୍ୱ ନେଇଥିଲେ।

# ଚାଲୁ ସୁନାର ପେଣ୍ଠସ୍ଥଳୀ ପାଲଟିଛି ବାଲିପାଟଣା

**● କୋଟି କୋଟି ଟଙ୍କାର ଟିକସ ଫାଙ୍କୁଛନ୍ତି ଅସାଧୁ ବ୍ୟବସାୟୀ ● ପ୍ରଶାସନର ନିଘାନାହିଁ**

**ବାଲିପାଟଣା, ୬।୪(ସଂଚାର ବ୍ୟୁରୋ):** ପ୍ରାୟତଃ ପ୍ରତ୍ୟେକ ଦିନ ଖବର କାଗଜ, ଟିଭି, ରେଡ଼ିଓ ଇତ୍ୟାଦିରେ ବିଜ୍ଞାପନ ବାହାରୁଛି ବିଭିନ୍ନ ଘରୋଇ ସୁନା ଶୋରୁମ୍ ମାନଙ୍କର ସେଥିରେ ଗ୍ରାହକ ମାନଙ୍କ ପାଇଁ ଅଫର୍ ମଧ ରହୁଛି। ଯାହାକି ଗ୍ରାହକ ମାନଙ୍କୁ ଆକୃଷ୍ଟ କରୁଛି ଅଧିକ ରୁ ଅଧିକ ସୁନା କ୍ରୟ କରିବା ପାଇଁ। ହେଲେ ଆପଣ କେବେ ଭାବିଛନ୍ତି କି ? ଆପଣ ଯୋଉ ସୁନା କିଣୁଛନ୍ତି ସିଏ ହଲମାର୍କ ସୁନା ନାଁ ଆଉ କିଛି? ଆପଣ ଅସଲି ପଇସା ଦେଇ ନକଲି ସୁନା କିଣୁନାହାଁନ୍ତି ତ? ଆପଣ ଠକାମୀର ଶିକାର ହେଉ ନାହାଁନ୍ତି ତ? ଏମିତି ତମାମ ପ୍ରଶ୍ନ ମନରେ ଆସୁଥିବ ଆସିବା ବି ସ୍ୱାଭାବିକ କାରଣ ଆଜିକାଲି ଅସମ୍ଭବ ନୁହେଁ। ଆମେ ଏପରି କହିବାର ଉଦେଶ୍ୟ ଏପରି ଅନେକ ଅଭିଯୋଗ ମଧ ଆସୁଚି ଏପରି ଅଭିଯୋଗ ମଧ ଆସିଛି ବାଲିପାଟଣା ଅଞ୍ଚଳରୁ।

ସୂଚନା ମୁତାବକ ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ବ୍ଲକ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ବାଲିପାଟଣାରେ ଗ୍ରହଣା ବ୍ୟବସାୟ



ଗୋଟେ ପ୍ରହସନ ପାଲଟିଛି। ବାଲିପାଟଣା ବ୍ଲକ୍‌ରେ ବନମାଳୀପୁର ହେଉଛି ବ୍ୟବସାୟର ପେଣ୍ଠସ୍ଥଳ ସେଠାରେ ପାଖାପାଖି ୩୦ରୁ ଉର୍ଦ୍ଧ ସୁନାଦୋକାନ ରହିଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥାଯେ, ହାତଗଣତି ୫ରୁ ୭ଟି ଦୋକାନକୁ ଛାଡ଼ିଦେଲେ ବାକି ସମସ୍ତ ଦୋକାନୀ ସରକାରଙ୍କୁ ବର୍ଷକୁ କୋଟି କୋଟି ଟଙ୍କାର ଟିକସ ଫାଙ୍କି ବ୍ୟବସାୟ କରୁଥିଲେ ସୁଦ୍ଧା ଏ ସମ୍ବନ୍ଧରେ ପ୍ରଶାସନ ପାଖରେ ଖବର ନାହିଁ ନାଁ ସବୁ ଜାଣିକରି ପ୍ରଶାସନ ଶୋଇ ପଡ଼ିଛି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଲିପାଟଣାର ତିରିଶଟି ବନମାଳୀପୁର ଗ୍ରହଣା ଦୋକାନୀଙ୍କୁ ଛାଡ଼ି ବାଲିପାଟଣା, ନରୋଦା, ବସନ୍ତମାଳ, ଅଠାନ୍ତର, ମଧୁବନ, ବୁଦ୍ଧିପଡ଼ା, ଧାନହରା ଆଦି ଅନ୍ୟାନ୍ୟ ଅଞ୍ଚଳରେ ଥିବା ୬୦ରୁ ଉର୍ଦ୍ଧ ଦୋକାନୀଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କୁ ବାଦଦେଲେ ୯୦%ରୁ ଉର୍ଦ୍ଧ ବ୍ୟବସାୟୀଙ୍କ ପାଖରେ ୧୮ କ୍ୟାରେଟରୁ ୨୨କ୍ୟାରେଟ୍ ସୁନା ଉପଲବ୍ଧ ରହୁଛି ହେଲେ ଏ ବାବଦରେ ପ୍ରଶାସନ ପାଖରେ ଖବର ନାହିଁ। ମୁଖ୍ୟ କଥା ହେଉଛି ସୁନା, ଗ୍ରହଣା ଉପରେ ସରକାର ଏକ ପ୍ରକାର ଟିକସ ଲଗାଉଥିବା ବେଳେ ବାଲିପାଟଣା ଅଞ୍ଚଳର ବ୍ୟବସାୟୀମାନେ କଟକର କଳା ବଜାରରୁ ଏଇ ଗ୍ରହଣା ବହୁତ୍ କମ୍ ଦାମରେ ଓ ନକଲି ସହିତ ବିନା ହଲମାର୍କର ଆଣିକରି ସରକାରଙ୍କୁ କୋଟି କୋଟି ଟଙ୍କାର ଟିକସ ଫାଙ୍କି ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନଜର ନଜର କିପରି ପଡିନି ନାଁ ବିଭାଗୀୟ ଅଧିକାରୀଙ୍କୁ ଅସାଧୁ ବ୍ୟବସାୟୀମାନେ ହାତଗୁଞ୍ଜା ଦଉଛନ୍ତି ତାହା ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏହା ଉପରେ ତୁରନ୍ତ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜିବୀ ଓ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ଜାତୀୟ ବାସ୍କେଟବଲ ପ୍ରତିଯୋଗିତା ପାଇଁ ଗଞ୍ଜାମର ୪ ଖେଳାଳି ସାମିଲ

**ବ୍ରହ୍ମପୁର,୬।୪(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ପୁଡୁଚେରୀର ଉପାଲମ ସ୍ଥିତ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ହେବ ୪୦ତମ ୟୁଥ୍ ନ୍ୟାସନାଲ ବାସ୍କେଟବଲ ଚାମ୍ପିଆନସିପ। ଭାରତୀୟ ବାସ୍କେଟବଲ ଫେଡେରେସନ, ପୁଡୁଚେରୀ ବାସ୍କେଟବଲ ସଂଘ ଏବଂ ପୁଡୁଚେରୀ କ୍ରୀଡା ଉନ୍ନୟନ କର୍ତ୍ତୃପକ୍ଷର ମିଳିତ ଆନୁକୂଲ୍ୟରେ ଏହି ଜାତୀୟ ସ୍ତରର ଖେଳର ଆୟୋଜନ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୯ ତାରିଖରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି।

୪୦ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିଆନସିପ ପାଇଁ ଓଡିଶା ଦଳର ଉଭୟ ବାଳକ ଓ ବାଳିକା ଦଳର ଚୟନ ଶିବିର କଟକ ସ୍ଥିତ ବାରବାଟି ଷ୍ଟାଡିୟମରେ ୨୮ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଚୟନ ଶିବିରରେ ଚୟନକର୍ତ୍ତାଙ୍କ ଦ୍ୱାରା ଉଭୟ ବାଳକ ଓ ବାଳିକା ବର୍ଗରେ ୧୨ ଜଣ ଲେଖାଏଁ ଖେଳାଳୀଙ୍କୁ ଓଡିଶା ଦଳ ପାଇଁ ଚୟନ କରାଯାଇଥିଲା। ଘୋଷିତ ଓଡିଶା ଦଳର



ବାଳକ ବିଭାଗରେ ଗଞ୍ଜାମରୁ ଆଲୋକ ରଂଜନ ଲାକ୍ରା ଓ ୟେଶରାଜ ରଂଜନ ରାଉତ ଏବଂ ବାଳିକା ବିଭାଗରେ ଆସମସା ରାଜଗୁରୁ ଓ ଶ୍ରେୟା ମହାପାତ୍ର ସାମିଲ ହୋଇଥିବା ଓଡିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ ସାହୁ ସୂଚନା ଦେଇଛନ୍ତି। ଓଡିଶା ଦଳରେ ସାମିଲ ହୋଇଥିବା ଖେଳାଳୀ ଆଲୋକ ରଂଜନ ଲାକ୍ରା ଓ ଆସମସା ରାଜଗୁରୁ ସ୍ଥାନୀୟ ଡିପଲ ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରଛାତ୍ରୀ ହୋଇଥିବା ବେଳେ ୟେଶରାଜ ରଂଜନ ରାଉତ ଆମ୍ବପୁଆ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଶ୍ରେୟା ମହାପାତ୍ର ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବୋଲି ଜଣାପଡିଛି। ଆଜି ଘୋଷିତ ଉଭୟ ବାଳକ ଓ ବାଳିକା ବର୍ଗର ଓଡିଶା ଦଳ ପୁଡୁଚେରୀ ଅଭିମୁଖେ ଟ୍ରେନ ଯୋଗେ ଯାତ୍ରା କରିବ।

ଦଳରେ ସାମିଲ ହୋଇଥିବା ଗଞ୍ଜାମର ସମସ୍ତ ୪ ଜଣ ଖେଳାଳୀ କୋଚ ଶରତ ଚନ୍ଦ୍ର ମହାପାତ୍ର, କାଜଲ ସାହୁ, ପ୍ରଶାନ୍ତ ରାଉତ, ନାଗେଶ୍ୱର ରାଓ, ରାଜ ନାରାୟଣ ପାତ୍ର, ଶ୍ରୀମନ ନାୟକ ଓ ଦୀପକ ରଥଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ। ଓଡିଶା ଦଳରେ ସ୍ଥାନ ପାଇବା ସହିତ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିବାରୁ ଗଞ୍ଜାମର ସମସ୍ତ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନେ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି ଗଞ୍ଜାମ କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ।



## କେନ୍ଦୁଆରେ ବାସନ୍ତୀକ ଦୁର୍ଗାପୂଜା

**ବୈଶିଙ୍ଗା,୬।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ କେନ୍ଦୁଆ ପଞ୍ଚାୟତର କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ବାସନ୍ତୀକ ଦୁର୍ଗାପୂଜା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ବରିଷ୍ଠ ବ୍ୟକ୍ତି ମାନଙ୍କ ପ୍ରଚେଷ୍ଟାରେ ଗତବର୍ଷ ପ୍ରଥମ କରି ଏହି ପୂଜା ଆୟୋଜନ କରାଯାଇଥିଲା । ପ୍ରଥମ ବର୍ଷର ସଫଳତା ପରେ ଦ୍ୱିତୀୟ ବର୍ଷ ଗୁରୁବାର ବିଲ୍ୱାଧିବାସ କରାଯାଇଥିଲା । ଶନିବାର ମହାଷ୍ଟମୀ ବା ଅଶୋକାଷ୍ଟମୀ ପୂଜାରେ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ମାଆଙ୍କ ଠାରେ ପୂଜାର୍ଚ୍ଚନା କରିଥିବାର ଦେଖାଯାଇଥିଲା ।ଆଜି ନବମୀରେ ମାଆଙ୍କର ନବମୀ ବିଧି ସହିତ ସୂର୍ଯ୍ୟପୂଜା , ଗୁରୁପୂଜା ଆଦି କରା ଯାଇଥିଲା । ପୂଜା କମିଟିର ସଦସ୍ୟ ମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ପଣ୍ଡା, ଜ୍ଞାନରଞ୍ଜନ ଦୁର୍ଗା, ସନାତନ ଲେଙ୍କା, ଅମୂଲ୍ୟ ପରିଡା, ପିତାମ୍ବର ପରିଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।ଏତଦ ବ୍ୟତୀତ ବହୁ ମହିଳା, ପୁରୁଷ ସହଯୋଗ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ନୀଳଗିରି,୬।୪(ସଂଚାର ବ୍ୟୁରୋ):** ଶେରଗଡ ନୀଳଗିରି ଝରଣଘାଟୀ ୧୯ ନଂ. ରାଜ୍ୟ ରାଜପଥର ବାଲିଗୋହିରୀ ଛକ ନିକଟରେ ଶନିବାର ରାତ୍ରୀ ପ୍ରାୟ ୯.୩୦ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଯେଉଁଥିରେ ଯାଇଛି ସାଇକେଲ ଆରୋହିଙ୍କ ଜୀବନ। ସୂଚନା ଅନୁଯାୟୀ ନୀଳଗିରି ଏନ୍‌ଏସି ୧୦ନଂୱାର୍ଡ କାହାଲିଆ ଗ୍ରାମ ଲେଙ୍କା ସାହିର ମଦନ ମହନ ଲେଙ୍କା(୬୫) ନୀଳଗିରି ବଜାରରୁ କାମସାରି ଘରକୁ ଫେରୁଥିବା ସମୟରେ ବାଲିଗୋହିରୀ ଛକ ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ହାଇୱା ଧକ୍କା ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ଆହତହୋଇ ରାସ୍ତାରେ ପଡ଼ିଥିବା ବେଳେ ଘଟଣାସ୍ଥଳରୁ ନୀଳଗିରି ପୋଲିସ ଏବଂ ସ୍ଥାନୀୟ ଲୋକେ ଉଦ୍ଧାରକରି ଆମ୍ବୁଲେନ୍ସ ଯୋଗେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଖବର ପ୍ରଚାରିତ ହେବାପରେ ଓଲଡଙ୍ଗ ଛକ ନିକଟରେ ଉତ୍ତେଜିତ ଲୋକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ଡ୍ରାଇଭର ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହିତ ମୃତପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବାକୁ ଦାବୀ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରବିବାର ଶବବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିବା ସୂଚନା ମିଳିଛି।

## ଫୁଲବାଣୀ ଗ୍ରାମୀଣ ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ସ୍ଥାପନା ଦିବସ

**କନ୍ଧମାଳ,୬।୪(ସଂଚାର ବ୍ୟୁରୋ):** ଆଜି ଫୁଲବାଣୀ ଗ୍ରାମୀଣ ମଣ୍ଡଳ ତରଫରୁ ଆମ୍ବପଡାରେ ଭାରତୀୟ ଜନତା ପାର୍ଟି (ବିଜେପି)ର ପ୍ରତିଷ୍ଠା ଦିବସ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ପାଳିତ ହୋଇଛି। ଏଥିରେ ଜିଲ୍ଲା ବିଜେପିର ଉପ ସଭାପତି ତଥା ଆଜିର କାର୍ଯ୍ୟକ୍ରମର ମୁଖ୍ୟବକ୍ତା ପରେଶ ମହାପାତ୍ର, ପୂର୍ବତନ ମଣ୍ଡଳ ସଭାପତି ଆଦିତ୍ୟ କହଁର, ମିଣିଆ ସରପଞ୍ଚ ଗୌତମ ମଲ୍ଲିକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ବିଶ୍ୱର ସର୍ବ ବୃହତ୍ତ ରାଜନୈତିକ ଦଳ ଭାରତୀୟ ଜନତା ପାର୍ଟିର ସ୍ଥାପନା ଦିବସରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣେଇବା ସହ ଆଗାମୀ ଦିନରେ ସଂଗଠନ କିଭଳି ସୁଦୃଢ଼ ରହିବ ସେ ଉପରେ ବିସ୍ତୃତ ଭାବେ ଅଭିଭାଷଣ ରଖିଥିଲେ।

## ରାମେଶ୍ୱର ଉତ୍ସବ ଆରମ୍ଭ ଭଜନରେ ଭିଜିଲେ ଶ୍ରୋତା




**ଭୁବନେଶ୍ୱର,୬।୪(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଉପଲକ୍ଷେ ରାମେଶ୍ୱରଠାରେ ରାମେଶ୍ୱର କ୍ଲବ ପକ୍ଷରୁ ରାମେଶ୍ୱର ଉତ୍ସବ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦେବ୍ ଫାଉଣ୍ଡେସନ୍ ମୁଖ୍ୟ ଦେବ୍ ନାୟକ, ଅକ୍ଷ ଦିକ୍ଷିତ୍, ରମେଶ ବାରିକ୍, ଦିପକ ମହାପାତ୍ର, ମହେଶ୍ୱର ପଣ୍ଡା, ବିରଂଚି ମହାପାତ୍ର, ଧିରଜ କୁମାର ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା, ଗଦାଧର ଦାସ, ଘନଶ୍ୟାମ ସାହୁ, ଆର୍ଯ୍ୟ ପ୍ରଧାନ, ସ୍ମୃତି ରଞ୍ଜନ ପ୍ରଧାନ, ସଞ୍ଜୟ ମହାପାତ୍ର ଉପସ୍ଥିତି ଥିବା ବେଳେ ମନୋରଞ୍ଜନ ମହାପାତ୍ର ଏହାକୁ ସଂଯୋଜନା କରିଥିଲେ। କ୍ଲବ ପକ୍ଷରୁ ଆସନ୍ତା ସୋମବାର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗୀତାରେ ଭୁବନେଶ୍ୱର କୁମାର ହେବାକୁ ଥିବା ବେଳେ ମଙ୍ଗଳବାର କଳିଙ୍ଗ କୁମାର ଅନୁଷ୍ଠିତ ହେବ।

## ବାଇକୁ ପିଟିଲା ପିକ ଅପ୍ ଭ୍ୟାନ୍, ଜଣେ ଗୁରୁତର

**ବୈଶିଙ୍ଗା,୬।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥ ଜରକା ଛକ ନିକଟରେ ସନ୍ଧ୍ୟା ୬ଟା ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାର ଜଣେ ଗୁରୁତର ହୋଇ ବାଲେଶ୍ୱର ଡ଼ାକ୍ତରଖାନାରେ ଜୀବନ ସହ ସଂଘର୍ଷ କରୁଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଖଇରବଣୀ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ ଙ୍କ ପୁଅ କୃପାସିନ୍ଧୁ (୪୦) ନିଜ ବାଇକ ଯୋଗେ ବୈଶିଙ୍ଗା ଆସୁଥିବା ବେଳେ ୧୮ନଂ ଜାତୀୟ ରାଜପଥର ଜରକା ବାଇପାସ୍ ନିକଟରେ ଏକ ପିକ୍ ଅପ୍ ଦ୍ରୁତ ଗତି ରେ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୈଶିଙ୍ଗା ଡାକ୍ତରଖାନା ନ ଆଣି ବାଲେଶ୍ୱର ନିଆ ଯାଇଥିବା ଜଣା ଯାଇଛି । ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା କୁହା ଯାଉଛି। ପୁଲିସ ଖବର ପାଇ ଘଟଣାର ଅନୁସନ୍ଧାନ ଜାରି ରଖିଛି ।

## ମଙ୍ଗଳପୁରରେ ବିଜେପିର ୪୬ତମ ପ୍ରତିଷ୍ଠା ଦିବସ

**ଦଶରଥପୁର,୬।୪(ସଂଚାର ବ୍ୟୁରୋ):** ସାରା ଭାରତ ବର୍ଷରେ ଆଜି ବିଜେପି ତାର ୪୬ ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକସ୍ତ ମଙ୍ଗଳପୁର ଥାଲକୁଡ଼ି ବିଜେପି କାର୍ଯ୍ୟାଳୟରେ ବିଜେପି ପକ୍ଷରୁ ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।

ବିଜେପିର ବରିଷ୍ଠ ନେତା ତଥା ଦଶରଥପୁର ବ୍ଲକ ପୂର୍ବତନ ଅଧକ୍ଷ ରମେଶ ସାମଲ ଯୋଗଦେଇ ବିଜପିର ବରିଷ୍ଠ ନେତା ଶ୍ୟାମା ପ୍ରସାଦ ମୁଖାର୍ଜୀ, ଦିନଦାୟଲ ଉପାଧାୟ, ଅଟଳ ବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭାରତୀୟ ଜନତା ପାର୍ଟି ପୃଥିବୀରେ ସର୍ବ ବୃହତ ରାଜନୈତିକ ଦଳ ହୋଇଥିବା ବେଳେ ବିଜେପି ଗଣତନ୍ତ୍ରକୁ ବିଶ୍ୱାସ କରେ ବୋଲି ଶ୍ରୀଯୁକ୍ତ ସାମଲ ମତବ୍ୟକ୍ତ କରିଥିଲେ। ଯେତେ ବଡ଼ ପଦ ପଦବୀ ହେଲେ ମଧ ବିଜେପିରେ କେହି ୩ ଥରରୁ ଅଧିକ ଥର ସେହି ପଦବୀରେ ରହି ପାରିବାର




ନିୟମ ନାହିଁ ଆଉ ପ୍ରତେକ ୩ ବର୍ଷରେ ଥରେ ସମସ୍ତ କାର୍ଯ୍ୟକର୍ତ୍ତା ପରିବର୍ତନ ହେବା ସହ ନୂତନ ସଭ୍ୟ ସଂଗ୍ରହ କରାଯାଇଥାଏ ବୋଲି ଶ୍ରୀଯୁକ୍ତ ସାମଲ ଉପସ୍ଥିତ କର୍ମୀ ମାନଙ୍କୁ କହିଥିଲେ। ବିଜେଡି, କଂଗ୍ରେସ ଭଳି ଦୀର୍ଘ ଦିନ କେହି କୌଣସି ପଦ ପଦବୀରେ ରହିବାର ନିୟମ ନାହିଁ କିମ୍ବା ପରିବାର ବାଦ ବିଜେପିରେ ଚାଲେ ନାହିଁ ବୋଲି କହିଥିଲେ। ସେଥିପାଇଁ ଆଜି ବିଜେପି ୪୫ ବର୍ଷ ମଧରେ ଭାରତ ନୁହେଁ ବିଶ୍ୱରେ ସର୍ବ ବୃହତ ଦଳ ହୋଇପାରିଛି। ମୋହନ ମାଝୀଙ୍କ ଭଳି ଜଣେ ସାଧାରଣ ଆଦିବାସୀ ଲୋକବି ଓଡିଶାର ମୁଖ୍ୟମନ୍ତ୍ରୀ ହୋଇପାରନ୍ତି କିନ୍ତୁ ବିରୋଧୀ ଦଳ ଭଳି ପିଢ଼ି ପରେ ପିଢ଼ି ଶାସନ ଦାୟିତ୍ୱ ନିଏ ନାହିଁ ବିଜେପି। ଆଜିର ଏହି ପ୍ରତିଷ୍ଠା ଦିବସରେ ବରିଷ୍ଠ ବିଜେପି ନେତା ତଥା କୋରେଇ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁବାଷ ଚନ୍ଦ୍ର ମହାନ୍ତି, ଥାଲକୁଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶସଧର ବେହୁରିଆ, ୬ ନମ୍ବର ଜୋନ ମଣ୍ଡଳ ବିଜେପି ସଭାପତି ପତିତପାବନ ମହାନ୍ତି,୭ନମ୍ବର ଜୋନ ମଣ୍ଡଳ ସଭାପତି ଚିନ୍ମୟୀ ପାଣ୍ଡବ, ୫ନମ୍ବର ଜୋନ ମଣ୍ଡଳ ସଭାପତି ସୁନୀଲ ରାଉତ , ୭ନମ୍ବର ଜୋନ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଜ୍ଞ୍ୟା ନାୟକ,୬ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଅଧର ଧଳ, ବରିଷ୍ଠ ବିଜେପି ନେତା ପ୍ରମୋଦ କୁମାର ପଣ୍ଡା,ଦଶରଥପୁର ପଞ୍ଚାୟତର ସରପଞ୍ଚ ଇନ୍ଦ୍ରଜିତ ଦାସ,ତରପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ, ମନୋଜ ବାରିକ ପ୍ରମୁଖଙ୍କ ସମେତ ୨ ସହରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦୁଇଦିନିଆ ସ୍ୱାସ୍ଥ୍ୟ ଶିବିର ଉଦ୍‌ଯାପିତ

**ସୁନ୍ଦରଗଡ଼,୬।୪(ସଂଚାର ବ୍ୟୁରୋ):** ସ୍ଥାନୀୟ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲଠାରେ ଚାଲିଥିବା ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ଉଦଯାପିତ ହୋଇଯାଇଛି।

ଶନିବାର ଉଦଘାଟିତ ହୋଇଥିବା ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିଶିରରେ ରବିବାର ୧୯୮୪ ଜଣ ରୋଗୀ ପଞ୍ଜିକରଣ କରିଥିଲେ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ମଧ ଦିଆଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରାମର୍ଶ ମଧ ଦିଆଯାଇଥିଲା।

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଏବଂ ଅଖିଳ ଭାରତୀୟ ଚିକିତ୍ସା ସଂସ୍ଥାନ ଦିଲ୍ଲୀ ଦ୍ୱାରା ଆୟୋଜିତ ହୋଇଥିବା ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ରବିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ଉପ ସଚିବ ଡ଼ା. ରାଜି ଏନ୍. ଏସ. , ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଡିନ ଡ଼ା ପ୍ରଫେସର ଦଇତାରୀ ରାଉତରାୟ, ଅଖିଳ ଭାରତୀୟ ଚିକିତ୍ସା ସଂସ୍ଥାନର ହେମାଟଲୋଜି ବିଭାଗର ମୁଖ୍ୟ ଡ଼ା. ମନୋରଞ୍ଜନ ମହାପାତ୍ର, ସୁନ୍ଦରଗଡ଼ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଏବଂ ହସ୍ପିଟାଲର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଚିକିତ୍ସ ସଂସ୍ଥାନରୁ ଏହି ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିବା ୧୯ ଜଣ ବିଭିନ୍ନ ବିଭାଗର ବରିଷ୍ଠ ଡ଼ାକ୍ତର ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଡାକ୍ତର ମାନେ ନିଜ ନିଜର ଅଭିଜ୍ଞତା ମଧ ବାଣ୍ଟି ଥିଲେ।

## ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ନିମନ୍ତେ ୧୩ ଅଗଷ୍ଟରେ ହେବ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ଶିବିର

**ସୁବର୍ଣ୍ଣପୁର,୬।୪(ସଂଚାର ବ୍ୟୁରୋ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ଏକ ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆସନ୍ତା ଅଗଷ୍ଟ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜି ଆର ଏଫ ଶିବିର)ର ଆୟୋଜନ କରୁଅଛି । ଏଣୁ ଏହି ଦୁଇ ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନେ ଅନୁଷ୍ଠିତ ନିମ୍ନ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ସମ୍ପୃକ୍ତ ଅଞ୍ଚଳରେ ଉପସ୍ଥିତ ରହି ନିଜର ବକେୟା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ତୁରନ୍ତ ସମାଧାନ କରିପାରିବେ। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିପିଡବ୍ଲୁଓଡିଏଲର ବିଭିନ୍ନ ସେକ୍ସନ୍ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ବୀରମହାରାଜପୁର ଏବଂ ଉଲୁଣ୍ଡା ସେକ୍ସନ ଅଫିସ୍ ଠାରେ ଆସନ୍ତା ଅଗଷ୍ଟ ୧୩ ତାରିଖ ଦିନ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ। ଜିଲ୍ଲାର ବିଦ୍ୟୁତ ଉପଭୋକ୍ତା ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଲାଭ ଉଠାଇବାକୁ ଟିପିଡବ୍ଲ୍ୟୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା ତରଫରୁ ସୂଚୀତ କରାଯାଇଛି ।